EKAMAATRA
RNI Regd. No. ODIODI/2017/71524
READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

# ଏକମାତ୍ର

ଅନୁସନ୍ଧାନ ପରେ ଖବର

आज़ादी का अमृत महोत्सव

ବର୍ଷ-୬ | ସଂଖ୍ୟା-୩୧ | ୧୫ - ୨୧ ଅଗଷ୍ଟ, ୨୦୨୨ | ଭୁବନେଶ୍ୱର | Monday Weekly | VOL-6 | ISSUE-31 | 15th - 21st AUGUST, 2022 | BHUBANESWAR | ₹ 5/- (8 Pages)

### ଅସନ୍ତୋଷ ଝାଡ଼ିଲେ କେନ୍ଦ୍ରମନ୍ତ୍ରୀ

## ସ୍ୱଚ୍ଛତା ନେଇ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଲେ ମିଳିବ ଘର



**ନୂଆଦିଲ୍ଲୀ :** ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଛି। ଏପରି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଓ ଓଡ଼ିଶାର ପଞ୍ଚାୟତିରାଜ ମନ୍ତ୍ରୀ ଅମାତଙ୍କ ଉପସ୍ଥିତିରେ ଆଜି ସେ ଏପରି କହିଛନ୍ତି। ଗିରିରାଜ କହିଛନ୍ତି, ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନରେ ଆଦୌ ସ୍ୱଚ୍ଛତା ନାହିଁ। ବ୍ୟାପକ ଅନିୟମିତତା ହୋଇଛି। ଉପଯୁକ୍ତ ହିତାଧିକାରୀ ଘର ପାଇନାହାନ୍ତି। ବାତ୍ୟା ଫୋନି ଦ୍ୱାରା କ୍ଷତିଗ୍ରସ୍ତ ୩୭% ଲୋକଙ୍କୁ ଘର ମିଳିବାରେ ଗଡ଼ବଡ଼ି ହୋଇଛି। ସ୍ୱଚ୍ଛତା ରହିବା ନେଇ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଲେ ବାକି ଘର ମଞ୍ଜୁର ହେବ। ମନ୍ତ୍ରୀ ଯାଇ ତାଙ୍କ ମୁଖ୍ୟମନ୍ତ୍ରୀଙ୍କୁ କହିବେ। ତା'ପରେ ସ୍ୱଚ୍ଛତା ନେଇ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଲେ ବାକି ୮ ଲକ୍ଷ ଘର ମଞ୍ଜୁର କରାଯିବ। ନୂଆଦିଲ୍ଲୀରେ ସମୀକ୍ଷା ବୈଠକ ବସିଥିଲା। ବୈଠକରେ କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରୀ ଗିରିରାଜ ସିଂହ, କେନ୍ଦ୍ର ଶିକ୍ଷା ଧର୍ମେନ୍ଦ୍ର ପ୍ରଧାନ, ଓଡ଼ିଶାର ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ଅମାତ ଓ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

➤ ପୃ-୬

### ମୁଡ ଅଫ ନେସନ

## ୨୦୨୪ରେ କମିବ ଏନଡିଏର ଆସନ ସଂଖ୍ୟା !

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୮ ବର୍ଷ ହେଲା କ୍ଷମତାରେ ରହିଥିଲେ ମଧ୍ୟ ତାଙ୍କ ଲୋକପ୍ରିୟତା ହ୍ରାସ ପାଇନାହିଁ। ଏବେ ବି ସେ ତାଙ୍କ ବିରୋଧୀଙ୍କ ଠାରୁ ଯଥେଷ୍ଟ ଜନସମର୍ଥନ ସହ ଆଗରେ ଅଛନ୍ତି। ଯଦି ଆଜିର ଦିନରେ ସାଧାରଣ ନିର୍ବାଚନ ହେବ, ତା'ହେଲେ ବିଜେପି ନେତୃତ୍ୱାଧୀନ ଏନଡିଏ ସରକାର ପୁଣି ସରକାର ଗଠନ କରିବାକୁ ସକ୍ଷମ ହେବ। ତେବେ ବିହାରରେ ଦେଖାଯାଇଥିବା ରାଜନୀତିକ ହଟଚମଟ ଯୋଗୁ ଏନଡିଏର ଆସନ ସଂଖ୍ୟା ୨୦୧୯ ତୁଳନାରେ ହ୍ରାସ ପାଇପାରେ। ମୁଡ ଅଫ ନେଶନ ସର୍ଭେରୁ ଏପରି ତଥ୍ୟ ସାମ୍ନାକୁ ଆସିଛି। ଜାତୀୟ ଗଣମାଧ୍ୟମ ଇଣ୍ଡିଆ ଟୁଡେ ଓ

➤ ପୃ-୬

## ଲୋକପ୍ରିୟତାର ଶୀର୍ଷରେ ନବୀନ



**ଭୁବନେଶ୍ୱର :** ପୁଣି ନମ୍ବର ୱାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିଜ ରାଜ୍ୟରେ ନବୀନ ପଟ୍ଟନାୟକ ସବୁଠାରୁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ। ସର୍ବାଧିକ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଇଣ୍ଡିଆ ଟୁଡେ ମୁଡ୍ ଅଫ ନେସନ ପୋଲ୍ ସର୍ଭେରେ ଏଭଳି ତଥ୍ୟ ପ୍ରକାଶ ପାଇଛି। ନବୀନ ପଟ୍ଟନାୟକ ୭୮ ପ୍ରତିଶତ ସହ ସର୍ବୋଚ୍ଚ ସ୍ଥାନରେ ରହିଛନ୍ତି। ଏହି ତାଲିକାରେ ୬୩ ପ୍ରତିଶତ ସହ ଦ୍ୱିତୀୟ ସ୍ଥାନରେ ଅଛନ୍ତି ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତବିଶ୍ୱ ଶର୍ମା। ୬୧ ପ୍ରତିଶତ ସହ ତୃତୀୟ ସ୍ଥାନରେ ଅଛନ୍ତି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ କେ ଷ୍ଟାଲିନ। ଦେଶରେ ସବୁଠାରୁ

➤ ପୃ-୬

## ଗ୍ରାମାଞ୍ଚଳରେ ମିଳିବ ବିଶୁଦ୍ଧ ପାନୀୟଜଳ

**ଭୁବନେଶ୍ୱର :** ରାଜ୍ୟ କ୍ୟାବିନେଟରେ ଶୁକ୍ରବାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଜେଜେଏମ୍ ଯୋଜନାରେ ଢେଙ୍କାନାଳ, କେନ୍ଦ୍ରାପଡ଼ା ଓ ବାଲେଶ୍ୱର ଜିଲ୍ଲାରେ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ରାଜ୍ୟର ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇଦେବାକୁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ଢେଙ୍କାନାଳ ଜିଲ୍ଲାରେ ୪ ଗୋଟି ଗ୍ରାମ୍ୟ ପାନୀୟ ଜଳଯୋଗାଣ ପ୍ରକଳ୍ପକୁ ଇପିସି ନିବିଦା ମାଧ୍ୟମରେ କାର୍ଯ୍ୟକାରୀ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଉକ୍ତ ପ୍ରକଳ୍ପ ଦ୍ୱାରା ଉପରୋକ୍ତ ଜିଲ୍ଲାର ୪ ଗୋଟି ବ୍ଲକ ଅଧିନରେ ଥିବା ୭୧ଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ୨୭୧ଟି ଗ୍ରାମରେ ବସବାସ କରୁଥିବା ପ୍ରାୟ ୩୨୨୨୦୪

➤ ପୃ-୬

## ମାଗଣା ସଂସ୍କୃତି ଯୋଗୁ ଅର୍ଥନୀତି ରସାତଳଗାମୀ : ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ :** ନିର୍ବାଚନ ସମୟରେ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ଘୋଷଣା କରାଯାଉଥିବା ବିଭିନ୍ନ ମାଗଣା ଯୋଜନାକୁ ନେଇ ସୁପ୍ରିମକୋର୍ଟ କଡ଼ା ଟିପ୍ପଣୀ ଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ରାଜନୈତିକ ଦଳଗୁଡିକର ବିଭିନ୍ନ ମାଗଣା ବ୍ୟବସ୍ଥା ଦେଶର ଅର୍ଥନୀତିକୁ ରସାତଳଗାମୀ କରୁଛି। ଆଉ ଏପରି ମାଗଣା ସଂସ୍କୃତିକୁ ବନ୍ଦ କରାଯିବା ଜରୁରୀ। ଶୀର୍ଷ ଅଦାଲତ କହିଛନ୍ତି ଯେ ଲୋକଙ୍କ ପାଇଁ କଲ୍ୟାଣକାରୀ ଯୋଜନା ଓ ମାଗଣା ସଂସ୍କୃତି ମଧ୍ୟରେ ଉତ୍ତମ ସମନ୍ୱୟ ରହିବା ଜରୁରୀ। ଭିତ୍ତିଭୂମି ବିକାଶ ଦିଗରେ ସମସ୍ତ ଅର୍ଥ ଖର୍ଚ୍ଚ ହେବା ଦରକାର। ଓକିଲ ଅଶ୍ୱିନୀ ଉପାଧ୍ୟାୟଙ୍କ ପକ୍ଷରୁ ଦାୟର ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କାଳରେ ପ୍ରଧାନ ବିଚାରପତି ଏନଭି ରମଣାଙ୍କ ନେତୃତ୍ୱ ସୁପ୍ରିମକୋର୍ଟଙ୍କ ପୀଠ ଏପରି ମତବ୍ୟକ୍ତ କରିଛନ୍ତି। ପ୍ରଧାନ ବିଚାରପତି ରମଣା କହିଛନ୍ତି ଯେ ମାଗଣା ସଂସ୍କୃତି ଏକ ବଡ ସମସ୍ୟା। ମାତ୍ର କେହି ଏହାକୁ ସମସ୍ୟା ବୋଲି ବିବେଚନା କରୁ ନାହାନ୍ତି। ଯେଉଁମାନେ ମାଗଣା ଜିନିଷ ପାଉଛନ୍ତି ସେମାନେ କହୁଛନ୍ତି ଯେ ଆମ ରାଜ୍ୟ ଏକ ଜନମଙ୍ଗଳକାରୀ ରାଜ୍ୟ। ଯେଉଁ ଅଳ୍ପ କିଛି ଲୋକଙ୍କ ଟିକସରେ ଏହି ମାଗଣା ବ୍ୟବସ୍ଥା ଚାଲିଛି ସେମାନେ କହୁଛନ୍ତି ଏହା ବନ୍ଦ ହେଉ। ଟିକସ ଦେଉଥିବା ଲୋକ କହୁଛନ୍ତି ସେମାନଙ୍କ ଅର୍ଥ ଦେଶର ଭିତ୍ତିଭୂମି ବିକାଶରେ ବିନିଯୋଗ ହେଉ। ଉଭୟ ପକ୍ଷଙ୍କୁ ଶୁଣିବା ନିମନ୍ତେ ଏକ କମିଟି ଗଠନ କରାଯିବା ଦରକାର। ପ୍ରଧାନ ବିଚାରପତି କହିଛନ୍ତି ଯେ ଭାରତ ଏକ ଗରିବ ରାଷ୍ଟ୍ର। ଏଠାରେ ରହୁଥିବା ଗରିବଙ୍କ

➤ ପୃ-୬

## ଇଂଲଣ୍ଡରେ ତୀବ୍ର ଜଳ ସଙ୍କଟ

**ନୂଆଦିଲ୍ଲୀ:** ଭୀଷଣ ତାତି ଏବଂ ହିଟ୍ୱେଭ ଜାରି ଯୋଗୁ ଇଂଲଣ୍ଡର ସ୍ଥିତି ବେହାଲ। ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ଦୀର୍ଘ ଦିନ ଧରି ବର୍ଷା ନହେବାରୁ ଇଂଲଣ୍ଡର ପରିସ୍ଥିତି ବିପର୍ଯ୍ୟସ୍ତ ହୋପଡ଼ିଛି। ଫଳରେ ଇଂଲଣ୍ଡର ଅଧିକାଂଶ ସ୍ଥାନରେ ମରୁଡ଼ି ଘୋଷଣା କରାଯାଇଛି। ଶୁକ୍ରବାର ଇଂଲଣ୍ଡର ବିଭିନ୍ନ ଅଞ୍ଚଳକୁ ମରୁଡ଼ି ପ୍ରଭାବିତ ଘୋଷଣା କରାଯାଇଥିଲା। ଅର୍ଥାତ୍ ଉକ୍ତ ଅଞ୍ଚଳର ଘରୋଇ ଏବଂ ବାଣିଜ୍ୟିକ ଜଳ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଯିବ। ମୁଖ୍ୟତଃ ଦକ୍ଷିଣ-ପଶ୍ଚିମ, ଦକ୍ଷିଣ ଏବଂ କେନ୍ଦ୍ରୀୟ ଇଂଲଣ୍ଡ ଏବଂ ସମସ୍ତ ପୂର୍ବ ଇଂଲଣ୍ଡର ଅଞ୍ଚଳରେ ମରୁଡ଼ିର ପଦଧ୍ୱନି ସଷ୍ଟି ହୋଇଛି। ପରିବେଶ ଏଜେନ୍ସି, ସରକାର,

➤ ପୃ-୬

### ସୁବିଧା ପାଇବା ପରିବର୍ତ୍ତେ ଅସୁବିଧାରେ ଜନସାଧାରଣ

## ରାଜସ୍ୱ ବିଭାଗ ନିରବଦ୍ରଷ୍ଟା

**ଭବାନୀପାଟଣା,(ଏ.ପି. ପଟ୍ଟନାୟକ):** ସରକାରଙ୍କର ରାଜସ୍ୱ ବିଭାଗ ଲୋକାଭୀମୁଖୀ ହେବା ପରିବର୍ତ୍ତେ ଜନସାଧାରଣଙ୍କୁ ଅସୁବିଧାରେ ପକାଉଛି। ବିଭାଗୀୟ କର୍ମଚାରୀ ଜନତାଙ୍କୁ ଯେଭଳି ସେବା ଯୋଗାଇବା କଥା ତାହା କରୁନାହାନ୍ତି। ସାଧାରଣ ଜନତା ଏହି ବିଭାଗର ନିୟମ କାନୁନ୍ ଜାଣିବା ଏତେ ସହଜ ନୁହେଁ। ବିଭାଗର କର୍ମଚାରୀମାନେ ଏ ବିଷୟରେ ପ୍ରାୟତଃ ଅଜ୍ଞ ଅଛନ୍ତି। ଏହାର ଉଦାହରଣ ବିଭାଗୀୟ ତଦନ୍ତ ବା ଉଚ୍ଚ ଅଧିକାରୀମାନଙ୍କର ଅବଗତ ନିମନ୍ତେ ଏଠାରେ କିଛି ତଥ୍ୟ ଦେଉଛି। ଜଣେ ଭୂ-ସମ୍ପତ୍ତି ର ମାଲିକଙ୍କୁ ୯୦ ଦିନରେ ଦାଖଲ ଖାରଜ ଦରଖାସ୍ତ ମାଧ୍ୟମରେ ପଟ୍ଟା ବା ରେକର୍ଡ ଅଫ୍ ରାଇଟସ୍ ଦିଆଯାଉଥିଲା। ଏବେ ତାହାକୁ ୭ ଦିନ ଭିତରେ ଦିଆଯିବା ନିୟମ କରାଗଲା। ଏବେ ତାହାକୁ ୭ ଦିନରେ ଦେବାପାଇଁ ନୂତନ ନିୟମ କରାଗଲା। ଏହା ବି ବହୁତ ଭଲ ପଦକ୍ଷେପ ସରକାରଙ୍କର କେବଳ ବାଃ ବାଃ ନେବା ପଇଁ ଏହା ଏକ ଚେଷ୍ଟା ବୋଲି ଅଲୋଚନା ହେଉଛି। କାରଣ ଯେଉଁ (ଓ.ଆର୍.ଟି.ପି.ସି) ନିୟମ ସରକାରୀ କର୍ମଚାରୀଙ୍କ ପାଇଁ କରାଗଲା ତା ଅର୍ଥ ବିନା ରାଜସ୍ୱ ଇନ୍ସ୍ପେକ୍ଟରଙ୍କ ଅଗୋଚରରେ ତହସିଲ କାର୍ଯ୍ୟାଳୟ ଭିତରେ ଏହାକୁ ସମ୍ପାଦନ କରାଗଲା। ୭ ଦିନ ଭିତରେ ପଟ୍ଟା କରି ସାରିବା ପରେ ପୋଷ୍ଟାଲରେ ଜମି ମାଲିକଙ୍କ ପାଖକୁ ପଟ୍ଟା ପଠାଗଲା। ଏଥିରେ ଦେଖାଗଲା ପଟ୍ଟାରେ ଅନେକ ଭୁଲ ଶବ୍ଦ ବ୍ୟବହାର କରାଗଲା ଯଥା, ପିତାଙ୍କୁ ସ୍ୱାମୀ ସ୍ୱାମୀଙ୍କୁ ପିତା ଦର୍ଶାଯାଇ ଓ ସ୍ଥିତିବାନକୁ ନୋଜଲ ପ୍ରଜା ଓ ନୋଜଲ ପ୍ରଜାକୁ ସ୍ଥିତିବାନ କରାଗଲା। ଉପରୋକ୍ତ ନିୟମକୁ ଆଖି ଆଗରେ ରଖି ସ୍ୱଳ୍ପ କର୍ମଚାରୀ ଏଭଳି ଭୁଲ କରିବା ପାଇଁ ବାଧ ହୋଇଗଲେ। ତାହାର କାରଣ ଶତ ପ୍ରତିଶତ ସରକାରୀ କର୍ମଚାରୀ ବଦଳରେ ମାତ୍ର ୩୦ ପତ୍ରିଶତ କର୍ମଚାରୀ ନିୟୋଜିତ କରାଗଲା ଓ ଉପରୋକ୍ତ ନିୟମ ଅନୁସାରେ ୭ଦିନ ଭିତରେ କାର୍ଯ୍ୟ କରାନଗଲେ ସରକାରଙ୍କ ପାଖରେ ଏହାର କାରଣ ଦର୍ଶାଇବାକୁ ପଡିଲା। ସାଧାରଣତଃ କାଡାଷ୍ଟାଲ୍ ମ୍ୟାପ୍ ସଂଶୋଧନ ନକରାଯାଇ ପଟ୍ଟା ପ୍ରସ୍ତୁତ ହେବା କଥା ନୁହଁ, କାରଣ ଅନ୍‌ଲାଇନ୍ ମାଧ୍ୟମରେ ଆସୁଥିବା ଦାଖଲ ଖାରଜର ହାର୍ଡ କପି ସେହି ଲୋକଙ୍କ ପାଖରେ ରହିଯାଏ ସ୍କାନ୍ ହୋଇଥିବା ମ୍ୟାପରୁ ପ୍ରକୃତ ଜାଗାର ମାପ ଜଣାପଡେ ନାହିଁ। ପରବର୍ତ୍ତୀ ପର୍ଯ୍ୟାୟରେ ଜମି କିଣା ବିକା ବେଳେ ପ୍ରାଇଭେଟ୍ ଅମିନଙ୍କ ଦ୍ୱାରା ନକ୍ସା ତିଆରି କରାଯାଇଥାଏ। ଯେଉଁଥିରେ ପ୍ରକୃତ ଜମି ମାଲିକଙ୍କ ଜାଗାକୁ ଯାଇ ନକ୍ସା ତିଆରି କରାଯାଇ ନଥାଏ ଯାହା ଫଳରେ ରେଜିଷ୍ଟ୍ରେସନ୍‌ରେ ଦର୍ଶାଯାଇଥିବା ଜାଗା ପରବର୍ତ୍ତୀ ପର୍ଯ୍ୟାୟରେ ଠିକ୍ ଭାବେ ମିଳେ ନାହିଁ। ଯଦି ଜମି କ୍ରୟ ବିକ୍ରୟ ପୂର୍ବରୁ ସରକାରୀ ରାଜସ୍ୱ ଇନ୍ସପେକ୍ଟର

➤ ପୃ-୬

### ମୟୁରଭଞ୍ଜ ଚାଷୀ ଭାଇ ମାନଙ୍କୁ ସ୍ୱାଧୀନତା ଦିବସର ଭେଟି

## 'ଓଡ଼ିଶା ଆହୁରି ଆଗକୁ ବଢ଼ିବ'



**ବାରିପଦା,(ବିଜୁ ସିଂ) :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୟୁରଭଞ୍ଜ ଜିଲ୍ଲା ଗସ୍ତ କରି ସେଠାରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଜଳସେଚନ ପ୍ରକଳ୍ପ-ଦେଓ ଓ ସୁବର୍ଣ୍ଣରେଖା ପ୍ରକଳ୍ପ-ଲୋକାର୍ପିତ କରିଛନ୍ତି। ଏହାସହିତ ଜିଲ୍ଲାର ଅନେକ ବିକାଶମୂଳକ କାର୍ଯ୍ୟ ପାଇଁ ଭିତ୍ତିପ୍ରସ୍ତର ରଖିଛନ୍ତି। ମୟୁରଭଞ୍ଜର ରାସଗୋବିନ୍ଦପୁରସ୍ଥିତ ଟିକପଦା ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଏହି ଦୁଇଟି ପ୍ରକଳ୍ପ ଲୋକାର୍ପିତ କରି କହିଛନ୍ତି ଯେ ଜନଜାତି ଭାଇଭଉଣୀ ମାନଙ୍କ ପାଇଁ ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମ ସୁଫଳ ଦେବା ଆରମ୍ଭ କରିଛି। ଶିକ୍ଷା ଓ ରୋଜଗାର ଜରିଆରେ ସେମାନଙ୍କୁ ସଶକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମ ବହୁତ ଆଗକୁ ଯାଇପାରିଛି। ଜନଜାତି ପିଲାମାନେ ଆଜି ସେମାନଙ୍କ ଦକ୍ଷତା ବଳରେ ଦେଶ ବିଦେଶରେ ସୁନାମ କରିପାରୁଛନ୍ତି ବୋଲି ସେ କହିଥିଲେ। ଆଜି ଲୋକାର୍ପିତ ଦୁଇଟି ପ୍ରକଳ୍ପ ମଧ୍ୟରୁ ସୁବର୍ଣ୍ଣରେଖା ପ୍ରକଳ୍ପ ଦ୍ୱାରା ମୟୁରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ୧୭,୧୨୧ ହେକ୍ଟର ଅତିରିକ୍ତ ଚାଷ ଜମି ପାଇଁ ଜଳସେଚନର ସୁବିଧା ମିଳିବ। ଏହାଦ୍ୱାରା ଉଭୟ ଜିଲ୍ଲାର ୫୫ ହଜାର ଚାଷୀ ଉପକୃତ ହେବେ। ଏଥିପାଇଁ ୬୮୫ କୋଟି ଟଙ୍କା ବିନିଯୋଗ କରାଯାଇଛି। ସୂଚନାଯୋଗ୍ୟ ଯେ ସୁବର୍ଣ୍ଣରେଖା ରାଜ୍ୟ ସରକାରଙ୍କ ଏକ ବୃହତ ଜଳସେଚନ ପ୍ରକଳ୍ପ। ଏହାଦ୍ୱାରା ସମୁଦାୟ ୭୦ ହଜାର ହେକ୍ଟର ଜମିକୁ ଜଳସେଚିତ କରିବାର ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ୫୦ ହଜାର ହେକ୍ଟରରୁ ଅଧିକ ଚାଷ ଜମିକୁ ପାଣି ସୁବିଧା କରାଯାଇପାରିଛି। ସେହିପରି ଦେଓ ଜଳସେଚନ ପ୍ରକଳ୍ପ ଦ୍ୱାରା ମୟୁରଭଞ୍ଜର ପ୍ରାୟ ୧୦ ହଜାର ହେକ୍ଟର ଜମିକୁ ଜଳସେଚନର ସୁବିଧା ମିଳିବା ସହିତ ଏହାଦ୍ୱାରା ୧୦୦ଟି ଗାଁର ଦୁଇ ଲକ୍ଷ ଲୋକ ଉପକୃତ ହେବେ । ଏଥିପାଇଁ କରଞ୍ଜିଆ ବ୍ଲକ୍‌ର ହାତୀବାରି ଠାରେ ୮୨୩ କୋଟି ଟଙ୍କାରେ

➤ ପୃ-୬

## ବକ୍ରବାଣୀ



ଭାରତରେ ଆଉ ଭୋଟ ନ ହଉ
ପାଣିରେ ରାଜସ୍ୱ ଭାସି ନ ଯାଉ
ଭୋଅଟ ହବା ବି ଦର୍କାର କଣ
ଘୋଡା ବିକା ହୁଏ ଯଉଁଠି ଜାଣ
ଇଡି ସିବିଆଇ ଫୈସଲା କରୁ
ଫାଲତୁ ଖର୍ଚ୍ଚରେ ଧନ ନ ସରୁ
ଭୋଅଟ ଆଗରୁ ରାମ ରାବଣ
ସରିଗଲା ପରେ ଚାଲେ ମିଶ୍ରଣ
ଜନମତ ଏଠି ପଚାରେ କିଏ
ତା'ସର୍କାର ମାଲ୍ ଉଡ଼ାଏ ଯିଏ।

—ଟୁଟୁ





ଇଂ. ମାନସ ରଞ୍ଜନ ମହାନ୍ତି
ପରିଚାଳନା ନିର୍ଦ୍ଦେଶକ

ଆଲୋକ କୁମାର ଜେନା
ନିର୍ଦ୍ଦେଶକ

आज़ादी का अमृत महोत्सव

ସାଧୀନତାର ୭୫ ବର୍ଷ ପୂର୍ତ୍ତି ଓ ସାଧୀନତାର ଅମୃତ ମହୋତ୍ସବ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।

OMACS PROPERTIES Pvt. Ltd.
Omacs Properties Pvt. Ltd.
Plot No.: GA-139, Niladree Vihar, Near Care Hospital, Bhubaneswar-751021, Odisha
E-mail : omacsbbsr@gmail.com, www.omacs.com
Cell : 9937099963, 9437209709, 9861197016




CITY HOMES
Near AMRI Hospital, Ghatikia, Khandagiri
Bhubaneswar

Developed By-
Evos Buildcon Pvt .Ltd
Plot No-284/2485,
Patrapada Bhubaneswar

Luxurious 2BHK / 3BHK Apartment At An Affordable Price

Approved By-
Odisha Real Estate Regulatory Authority
State Bank of India THE BANKER TO EVERY INDIAN
Bhubaneswar Municipal Corporation Progress Through Partnership for Better Bhubaneswar

EVOS PARADISE,
Near AIIMS Hospital,BBSR




For More Information Contact:-
7440005812 / 7440005813
www.evosbuildcon.com
Email- support@evos.co.in

EKAMAATRA

ଏକମାତ୍ର

ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ପାଗରେ ପରିବର୍ତ୍ତନ ଯୋଗୁ ଶାରୀରିକ କଷ୍ଟ ପାଇପାରନ୍ତି। ଆୟଠାରୁ ବ୍ୟୟ ଅଧିକ ହେବ। ମାଆ ସ୍ୱାସ୍ଥ୍ୟ ବିଗିଡି ଯାଇପାରେ। କାର୍ଯ୍ୟକ୍ଷେତ୍ରରେ ବାଣୀରେ ଲଗାମ ଦିଅନ୍ତୁ। ପ୍ରେମ ସମ୍ବନ୍ଧ ଉତ୍ତମ ରହିବ। ପ୍ରତିକାର : ବୃଦ୍ଧ ସାଧୁଙ୍କୁ ଶକ୍ତି ଅନୁସାରେ ଦାନ ଦିଅନ୍ତୁ।

**ବୃଷ** ମାନସିକ ଅସ୍ଥିରତାର ଶିକାର ହେବେ। ବ୍ୟବସାୟରେ କ୍ଷତି ହୋଇପାରେ। କାର୍ଯ୍ୟ କ୍ଷେତ୍ରରେ ପଦୋନ୍ନତି ଯୋଗ ଅଛି। ଅନୈତିକ କାର୍ଯ୍ୟରୁ ଦୂରେଇ ରହନ୍ତୁ। ପ୍ରତିକାର : ବରିଷ୍ଠ ମହିଳାଙ୍କ ଆଶୀର୍ବାଦ ନିଅନ୍ତୁ ଓ ପ୍ରିୟ ଜନଙ୍କୁ ଉପହାର ଦିଅନ୍ତୁ।

**ମିଥୁନ** ସ୍ୱାସ୍ଥ୍ୟ ବିଗିଡିପାରେ। ଆୟରେ ବୃଦ୍ଧି ହେବ। କାର୍ଯ୍ୟ କ୍ଷେତ୍ରରେ ନୂଆ ଦାୟିତ୍ୱ ପାଇବେ। ଘର ସଜ୍ଜା ପାଇଁ ଖର୍ଚ୍ଚ ହେବ। ଶତ୍ରୁ ବୃଦ୍ଧି ହେବ। ଦାମ୍ପତ୍ୟ ଜୀବନରେ ସୁଧାର ହେବ। ପ୍ରତିକାର : ହନୁମାନ ଚାଳିଶା ପାଠ କରନ୍ତୁ।

**କର୍କଟ** ଋତୁକାଳୀନ ରୋଗର ଶୀକାର ହୋଇପାରନ୍ତି। ଭାଗୀଦାରୀ ବ୍ୟବସାୟରୁ ଦୂରେଇ ରହନ୍ତୁ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେଇପାରେ। ପ୍ରତିକାର : ପ୍ରତିଦିନ ନିଜର ଆରାଧ ଆଗରେ ଦୀପ ଦାନ କରନ୍ତୁ।

**ସିଂହ** ସ୍ୱାସ୍ଥ୍ୟ ଉତ୍ତମ ରହିବ। ଧନପ୍ରାପ୍ତି ଯୋଗ ଅଛି। କାର୍ଯ୍ୟ କ୍ଷେତ୍ରରେ ବ୍ୟସ୍ତତା ହେତୁ ଶିକାରର ସମ୍ମୁଖୀନ ହେବେ। ଧନ ସଞ୍ଚୟ କରିବେ। ପ୍ରତିକାର : ଆଦିତ୍ୟ ହୃଦୟ ପାଠ କରନ୍ତୁ।

**କନ୍ୟା** ଖାଦ୍ୟ ଓ ପାନୀୟର ସଞ୍ଜମତା ରଖନ୍ତୁ। ବହୁ ପୁରାତନ ଆଶା ପୂର୍ଣ୍ଣ ହେବ। ପରିବାର ଓ ସହକର୍ମୀଙ୍କ ସହ ବାଣୀରେ ଲଗାମ ଦିଅନ୍ତୁ। ଦମ୍ପତ୍ତି ମାନଙ୍କ ମଧ୍ୟରେ ମତାନ୍ତର ହେବ। ପ୍ରତିକାର : ଗଣେଶଙ୍କୁ ଦୁବମାଳ ଦିଅନ୍ତୁ।

**ତୁଳା** ପେଟରେ ଯନ୍ତ୍ରଣା ହୋଇପାରେ। ବ୍ୟବସାୟ ଆୟରେ ବୃଦ୍ଧି ହେବ। ଦୁର୍ଘଟଣା ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ତଳିଆ କର୍ମଚାରୀଙ୍କ ସହଯୋଗ ନିଅନ୍ତୁ। ପ୍ରତିକାର : ଧର୍ମ ସ୍ଥଳରେ ଲଡୁ ବାଣ୍ଟନ୍ତୁ।

**ବିଛା** ଲକ୍ଷଠାରୁ ଦୂରେଇ ପାରନ୍ତି। ଶୁଭ ଖବର ପାଇବେ। ଆୟରେ ବୃଦ୍ଧି ହେବ। ମାଙ୍ଗଳିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି। ବ୍ୟର୍ଥ ତର୍କ କରନ୍ତୁ ନାହିଁ। ପ୍ରତିକାର: ଭଗବାନ ଶ୍ରୀରାମଙ୍କୁ ଦୀପ ଓ ଭୋଗ କରନ୍ତୁ।

**ଧନୁ** ପୁରୁଣା କଥାକୁ ନେଇ ଚିନ୍ତିତ ରହିବେ। କଠୋର ପରିଶ୍ରମ କରିବେ। କାହାକୁ ସହଜରେ ବିଶ୍ୱାସ କରନ୍ତୁ ନାହିଁ। ଜମିଜମା ବିବାଦ ହୋଇପାରେ। ପ୍ରତିକାର : ଚଣା ଦାନ କରନ୍ତୁ।

**ମକର** ଭୁଲ କାମ ପାଇଁ ଆକର୍ଷିତ ହୋଇପାରନ୍ତି। ଆୟରେ ବୃଦ୍ଧି ହୋଇପାରେ। ବିପରୀତ ଲିଙ୍ଗିଙ୍କ ପ୍ରତି ଆକର୍ଷିତ ହେବେ। କାର୍ଯ୍ୟ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ପ୍ରତିକାର : ଶନିବାର ଦିନ ଦରିଦ୍ରଙ୍କୁ ଦାନ କରନ୍ତୁ।

**କୁମ୍ଭ** ବ୍ୟବସାୟ ପାଇଁ ଋଣ ନେଇ ପାରନ୍ତି। କାର୍ଯ୍ୟକ୍ଷେତ୍ରରେ ବରିଷ୍ଠଙ୍କ ସହଯୋଗ ପାଇବେ। ଘର ଓ ଜାଗା ବ୍ୟବସାୟରେ କ୍ଷତି ହେବ। ବିଶ୍ୱାସଘାତ ହୋଇପାରେ। ଜୀବନସାଥୀଙ୍କ ସହଯୋଗ ପାଇବେ। ପ୍ରତିକାର : ବଜରଙ୍ଗ ବାଣ ପାଠ କରନ୍ତୁ।

**ମୀନ** ମନ ଅସ୍ଥିର ରହିବ। କାର୍ଯ୍ୟରେ କ୍ଷତି ହୋଇପାରେ। ବ୍ୟର୍ଥ ତର୍କରୁ ଦୂରେଇ ରହନ୍ତୁ। ପୁରୁଣା ଧନ ପ୍ରାପ୍ତି ଯୋଗ ଅଛି। ପରିବାର ପାଇଁ ଅନେକ ଜିନିଷ କିଣିପାରନ୍ତି। ଅଧିକ ଚତୁର ହୁଅନ୍ତୁ ନାହିଁ। ପ୍ରତିକାର : ସୁନ୍ଦର କାଣ୍ଡ ପାଠ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ଜଷ୍ଟିସ ଉଦୟ ଉମେଶ ଲଳିତ ଦେଶର ୪୯ତମ ପ୍ରଧାନ ବିଚାରପତି

**ନୂଆଦିଲ୍ଲୀ :** ଜଷ୍ଟିସ ଉଦୟ ଉମେଶ ଲଳିତ ଭାରତର ୪୯ ତମ ପ୍ରଧାନ ବିଚାରପତି ଭାବେ ନିଯୁକ୍ତ ହୋଇଛନ୍ତି । ଭାରତର ସମ୍ବିଧାନର ଧାରା ୧୨୪ର ଧାରା (୨) ଦ୍ୱାରା ଦିଆଯାଇଥିବା କ୍ଷମତାକୁ ବ୍ୟବହାର କରି ରାଷ୍ଟ୍ରପତି ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ଉଦୟ ଉମେଶ ଲଳିତଙ୍କୁ ଭାରତର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦେଇଛନ୍ତି। ଜଷ୍ଟିସ୍ ଉଦୟ ଉମେଶ ଲଳିତ ଆସନ୍ତା ୨୭ ତାରିଖରେ ଭାରତର ୪୯ତମ ପ୍ରଧାନ ବିଚାରପତି ଭାବରେ ଦାୟିତ୍ୱ ଗ୍ରହଣ କରିବେ। ଜଷ୍ଟିସ୍ ଉଦୟ ଉମେଶ ଲଳିତଙ୍କୁ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ଭାବେ ୨୦୧୪ରେ ନିଯୁକ୍ତି ଦିଆଯାଇଥିଲା। ଜଷ୍ଟିସ୍ ଲଳିତ ଦୁଇ ଥର ସୁପ୍ରିମକୋର୍ଟ ଆଇନ ସେବା କମିଟିର ସଦସ୍ୟ ଭାବରେ କାର୍ଯ୍ୟ କରିଛନ୍ତି। ଜଷ୍ଟିସ୍ ୟୁ. ୟୁ



ଲଳିତ ଅନେକ ଗୁରୁତ୍ୱପୂର୍ଣ୍ଣ ବିଚାରର ରାୟ ଶୁଣାଇଛନ୍ତି। ୧୯୫୭ ମସିହା ନଭେମ୍ବର ୯ ତାରିଖରେ ମହାରାଷ୍ଟ୍ରର ସୋଲାପୁରରେ ଜନ୍ମଗ୍ରହଣ କରିଥିବା ଜଷ୍ଟିସ ଲଳିତ ଜୁନ୍, ୧୯୮୩ରେ ମହାରାଷ୍ଟ୍ର ଏବଂ ଗୋଆ ବାର୍ କାଉନସିଲ୍ ଦ୍ୱାରା ଆଡଭୋକେଟ୍ ଭାବରେ ନାମ ପଞ୍ଜିକରଣ କରିଥିଲେ । ସେ ୧୯୮୫ ପର୍ଯ୍ୟନ୍ତ ବମ୍ବେ ହାଇକୋର୍ଟରେ ପ୍ରାକ୍ଟିସ କରିଥିଲେ। ସେ ଅକ୍ଟୋବର ୧୯୮୬ ରୁ ୧୯୯୨ ପର୍ଯ୍ୟନ୍ତ ପ୍ରଖ୍ୟାତ ଆଇନଜ୍ଞ ସୋଲି ଜେ ସୋରାବଜୀଙ୍କ ଚାମ୍ବରରେ କାର୍ଯ୍ୟ କରିଥିଲେ। ୧୯୯୨ ରୁ ୨୦୦୨ ପର୍ଯ୍ୟନ୍ତ ସେ ଆଡଭୋକେଟ୍ ଅଫ୍ ରେକର୍ଡ ଭାବରେ ଅଭ୍ୟାସ କରିଥିଲେ ଏବଂ ଏପ୍ରିଲ୍ ୨୦୦୪ ରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ବରିଷ୍ଠ ଆଡଭୋକେଟ୍ ଭାବରେ ନିଯୁକ୍ତ ହୋଇଥିଲେ। ଜଙ୍ଗଲ, ଯାନବାହାନ ଦ୍ୱାରା ପ୍ରଦୂଷଣ, ଯମୁନା ପ୍ରଦୂଷଣ ଆଦି ପ୍ରସଙ୍ଗରେ ସେ ନ୍ୟାୟ ମିତ୍ର ବା ଆମିକସ୍ କ୍ୟୁରିଆ ଭାବେ ମଧ୍ୟ ନିଯୁକ୍ତ ହୋଇଥିଲେ। ସମସ୍ତ ୨-ଜି ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ସିବିଆଇ ପାଇଁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ଭାବେ ନିଯୁକ୍ତ ହୋଇଥିଲେ। ପୂର୍ବରୁ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ଏନ୍. ଭି ରମଣା, ସୁପ୍ରିମ୍ କୋର୍ଟର ପରବର୍ତ୍ତୀ ପ୍ରଧାନ ବିଚାରପତି ଭାବେ ଜଷ୍ଟିସ ଲଳିତଙ୍କ ନାଁ ସୁପାରିସ କରିଥିଲେ।

# କଂଗ୍ରେସର କଳାଯାଦୁକୁ ଲୋକେ ବିଶ୍ୱାସ କରିବେନି: ମୋଦି



**ନୂଆଦିଲ୍ଲୀ :** ମୌସୁମୀ ଅଧିବେଶନରୁ କେନ୍ଦ୍ର ସରକାରଙ୍କୁ ଘେରି ଆନ୍ଦୋଳନକୁ ଜୋରଦାର କରିଥିବା କଂଗ୍ରେସକୁ ଆଜି ଜବାବ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। କଂଗ୍ରେସର ନାଁ ନନେଇ ପରୋକ୍ଷରେ କଂଗ୍ରେସ ଅନ୍ଧବିଶ୍ୱାସୀ ଦଳ ବୋଲି କହିଛନ୍ତି। ମୋଦି କହିଛନ୍ତି ଯେ, କେବେ କେବେ କୌଣସି ରୋଗୀ ରୋଗର ଚିକିତ୍ସା କରି ବିଫଳ ହେବା ପରେ ସେ ଥକି ଯାଆନ୍ତି। ନିରାଶ ହୋଇ ଯାଆନ୍ତି। ସବୁଠାରୁ ଭଲ ଭଲ ଡାକ୍ତରଙ୍କ ପରାମର୍ଶ ନେବା ସତ୍ତ୍ୱେ ତଥାପି ଲାଭ ମିଳେନି। ସେ ଯେତେ ପାଠ ପଢ଼ିଥାଉନା କାହିଁକି ଅନ୍ଧ ବିଶ୍ୱାସ ଆଡ଼କୁ ମୁହାଁଏ। ସେ ଝଡ଼ାଫୁଙ୍କା କରେ। କଳାଯାଦୁ କରେ। ଏମିତିକ କିଛି ଲୋକେ ଆମ ଦେଶର ଅଛନ୍ତି ।ଯେଉଁମାନେ କେବଳ ନକରାତ୍ମକ ଭ୍ରମରେ ଫସିଛନ୍ତି। ନିରାଶରେ ବୁଡ଼ି ରହିଛନ୍ତି। ସରକାରଙ୍କ ବିରୋଧରେ ମିଛ ପରେ ମିଛ କହି ଲୋକଙ୍କ ବିଶ୍ୱାସରୁ ବଞ୍ଚିତ ହେଉଛନ୍ତି। ଲୋକେ ଏମାନଙ୍କୁ ଭରସା କରିବାକୁ ପ୍ରସ୍ତୁତ ନୁହନ୍ତି। ଏମିତି ହତାଶା ସମୟରେ ଏହି ଲୋକମାନେ କଳାଯାଦୁ ଆଡ଼କୁ ଅଗ୍ରସର ହୋଇଛନ୍ତି। ଏହାର ଉଦାହରଣ ଅଗଷ୍ଟ ୫ ତାରିଖରେ ଦେଖିବାକୁ ମିଳିଲା ବୋଲି ମୋଦି କହିଛନ୍ତି। ସୂଚନା ଅନୁଯାୟୀ, ଦରଦାମ ବୃଦ୍ଧି, ବେରୋଜଗାରୀ, ଜିଏସଟି ପ୍ରତିବାଦରେ ଦେଶବ୍ୟାପି ପ୍ରତିବାଦ କରିଛି କଂଗ୍ରେସ। ଦିଲ୍ଲୀରେ ସୋନିଆ ଗାନ୍ଧି, ରାହୁଲ ଗାନ୍ଧି ଓ ପ୍ରିୟଙ୍କା ଗାନ୍ଧି ପ୍ରତିବାଦର ମଙ୍ଗ ଧରିଥିଲେ। କଳା ପୋଷାକ ପିନ୍ଧି କେନ୍ଦ୍ର ସରକାର ବିରୋଧରେ ବିକ୍ଷୋଭ କରିଥିଲେ। କେବଳ ଦିଲ୍ଲୀ ନୁହେଁ ବିଭିନ୍ନ ରାଜ୍ୟରେ ମଧ୍ୟ ପ୍ରତିବାଦ କରିଛନ୍ତି କଂଗ୍ରେସ ନେତା ଓ କର୍ମୀ। ଦରଦାମ ବୃଦ୍ଧି, ବେରୋଜଗାରୀ, ଜିଏସଟିକୁ ନେଇ ସାରାଦେଶରେ କଂଗ୍ରେସ କେନ୍ଦ୍ର ସରକାର ବିରୋଧରେ ଏମିତି ଶକ୍ତି ପଦର୍ଶନ କରିଛି। କଂଗ୍ରେସ ନେତାମାନେ କଳାପୋଷାକ ପିନ୍ଧି ପ୍ରତିବାଦ କରିଥିଲେ। ଯାହାକୁ ନେଇ ମୋଦି କଂଗ୍ରେସକୁ ଟାର୍ଗେଟ କରିଛନ୍ତି।

# ୨୦୨୫ ପୂର୍ବରୁ ଭାଙ୍ଗିବ ମହାମେଣ୍ଟ ସରକାର !

**ପାଟନା :** ବିହାରରେ ରାଜନୈତିକ ପାଣିପାଗ ଏବେ ସରଗରମ ରହିଛି। ବିଜେପି ସହିତ ମେଣ୍ଟ ଭାଙ୍ଗିବା ସହିତ ବିହାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନୀତୀଶ କୁମାର। ପରେ ସେ ଆରଜେଡି-ଏଲଇଡି ମହାଗଠବନ୍ଧନ ସାହାଯ୍ୟରେ ପୁଣି କ୍ଷମତାକୁ ଆସିଛନ୍ତି। ଏହା ମଧ୍ୟରେ ବିହାରର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ତଥା ବିଜେପି ରାଜ୍ୟସଭା ସାଂସଦ ସୁଶୀଲ କୁମାର ମୋଦି କହିଛନ୍ତି ଏବେ ତିଆରି ହୋଇଥିବା ମହାଗଠବନ୍ଧନ ସରକାର ତାର ୨୦୨୫ରେ କାର୍ଯ୍ୟକାଳ ସରିବା ପୂର୍ବରୁ ଧରାଶାୟି ହେବ। ସୁଶୀଲ ମୋଦୀ ଜେଡିୟୁ (ଜନତା ଦଳ ୟୁନାଇଟେଡ) ମୁଖ୍ୟ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଭର୍ତ୍ସନା କରିଛନ୍ତି। ସେ କହିଛନ୍ତି ନୀତୀଶ କୁମାର ପ୍ରଧାନମନ୍ତ୍ରୀଙ୍କୁ ଏବଂ ଏନଡିଏକୁ ଭୋଟ ଦେଇଥିବା ବିହାର ଜନତାମାନଙ୍କୁ ଅପମାନିତ କରିଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି ସୁଶିଲ ମୋଦୀ କହିଛନ୍ତି ଆରଜେଡି ମୁଖ୍ୟ ଲାଲୁ ଯାଦବଙ୍କ ଅସୁସ୍ଥତାର ଫାଇଦା ନେଇ ନୀତୀଶ ଆରଜେଡି ଛାଡ଼ିବେ ଓ ଆରଜେଡିରେ ଫାଟ ସୃଷ୍ଟି କରିବା ପାଇଁ ଚେଷ୍ଟା କରିବେ। ସେ ଜେଡିୟୁର ନେତା ଆରସିପି ସିଂହଙ୍କ ମାଧ୍ୟମରେ କରାଯାଇଥିବା ଷଡ଼ଯନ୍ତ୍ରର ଦାବିକୁ ଖଣ୍ଡନ କରି ଦାବି କରିଛନ୍ତି ଯେ ଗୃହମନ୍ତ୍ରୀ ଅମିତ ଶାହ ନୀତିଶ କୁମାରଙ୍କ ସହମତି ନେବା ପରେ ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କୁ କ୍ୟାବିନେଟରେ ସାମିଲ କରାଯାଇଥିଲା। ସୁଶୀଲ ଆହୁରି କହିଛନ୍ତି, ଆମେ ଦେଖିବାକୁ ଚାହୁଁଛୁ ଯେ ବିହାରରେ ନୂଆ ସରକାର ଉପ ମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କ ନେତୃତ୍ୱରେ କିପରି କାର୍ଯ୍ୟ କରୁଛି ? ଏହା ଆସନ୍ତା ନିର୍ବାଚନ ପୂର୍ବରୁ ଭାଙ୍ଗିଯିବ ବୋଲି ସୁଶୀଲ କହିଛନ୍ତି। ସେପଟେ ଲାଗାତାର ଅଷ୍ଟମ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାପରେ ନୀତୀଶ କହିଛନ୍ତି ବିହାର ଜନତା ନୂଆ ସରକାର ଗଠନ ପରେ ବେଶ ଖୁସି। ୨୦୨୦ ନିର୍ବାଚନରେ ଜେଡିୟୁ ସହିତ ବହୁତ ଖରାପ ବ୍ୟବହାର ହୋଇଥିଲା। ସେଥିପାଇଁ ବିଧାୟକ ଏବଂ ସାଂସଦମାନେ ବାରମ୍ବାର ବିଜେପି ମେଣ୍ଟରୁ ଓହରି ଯିବାପାଇଁ କହୁଥିଲେ। ଶେଷରେ ଆମେ ଏନଡିଏ ମେଣ୍ଟରୁ ଓହରି ଯାଇଛୁ। କିଛି ଲୋକ ଭାବୁଛନ୍ତି ଦେଶରେ ବିରୋଧୀ ଦଳ ଶେଷ ହୋଇଯିବେ। ଏବେ ଆମେ ବି ବିରୋଧୀମେଣ୍ଟରେ ଆସିଯାଇଛୁ। ବିରୋଧୀ ଦଳ ଆହୁରି ମଜବୁତ ହେବ।

# ‘ଶିକ୍ଷା ଏବଂ ସ୍ୱାସ୍ଥ୍ୟକୁ କେହି ମାଗଣା ସୁବିଧା କହି ନାହିଁ’

**ନୂଆଦିଲ୍ଲୀ :** ବିଜେପି ଏବଂ ଆପ୍ ମଧ୍ୟରେ ମାଗଣା ଯୋଜନାକୁ ନେଇ ଆରୋପ ପ୍ରତ୍ୟାରୋପ ଜାରି ରହିଛି। ଏହାରି ଭିତରେ କେଜ୍ରିୱାଲଙ୍କୁ ଜବାବ ଦେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରଣ କହିଛନ୍ତି, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ମାଗଣା ସୁବିଧା ପ୍ରସଙ୍ଗକୁ ଭୁଲ ରାସ୍ତାରେ ନେଉଛନ୍ତି। ସେ କହିଛନ୍ତି, ସ୍ୱାସ୍ଥ୍ୟ ଏବଂ ଶିକ୍ଷାକୁ କେଜ୍ରିୱାଲଙ୍କ ଦ୍ୱାରା ମାଗଣା ସୁବିଧା କହୁଯିବା ଗରିବଙ୍କ ମନରେ ଚିନ୍ତା ଏବଂ ଭୟ ସୃଷ୍ଟି କରିବାର କେବଳ ଏକ ପ୍ରୟାସ। ଅର୍ଥମନ୍ତ୍ରୀ କହିଛନ୍ତି ଦେଶରେ ଶିକ୍ଷା ଏବଂ ସ୍ୱାସ୍ଥ୍ୟକୁ କେହି ବି ମାଗଣା ସୁବିଧା ବୋଲି ବିଚାର କରି ନାହାନ୍ତି। ଶିକ୍ଷା ଏବଂ ସ୍ୱାସ୍ଥ୍ୟକୁ କେବେ ବି ମାଗଣା ସୁବିଧା ବୋଲି କହୁଯାଇ ନାହିଁ।



ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଏହି ବୟାନ ଏପରି ଏକ ସମୟରେ ଆସିଛି, ଯେତେବେଳେ ଅରବିନ୍ଦ କେଜ୍ରିୱାଲ ମାଗଣା ସବୁଧାକୁ ନେଇ କେନ୍ଦ୍ର ଉପରେ ଗୋଟିଏ ପରେ ଗୋଟିଏ ଟାର୍ଗେଟ କରିଛନ୍ତି। କେଜ୍ରିୱାଲ କହିଥିଲେ, କେନ୍ଦ୍ର ସରକାର ଯେଉଁପରି ଭାବେ ଲୋକଙ୍କୁ ମାଗଣା ସୁବିଧା ଉପଲବ୍ଧ କରାଇବାକୁ ବିରୋଧ କରୁଛି, ସେଥିରୁ ଜଣାପଡୁଛି ଯେ ତାଙ୍କର ଆର୍ଥିକ ସ୍ଥିତି ଗଡବଡ ଅଛି। ଗୁରୁବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ନିର୍ବାଚନ ପୂର୍ବରୁ ମତଦାତାଙ୍କୁ ରାଜନୈତିକ ଦଳ ପକ୍ଷରୁ ଘୋଷଣା କରାଯାଉଥିବା ମାଗଣା ସୁବିଧା ଉପରେ ବିତର୍କ କରିବା ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, ସ୍ୱାସ୍ଥ୍ୟ ଏବଂ ଶିକ୍ଷାକୁ କେବେ ବି ମାଗଣା ବୋଲି କୁହାଯାଇ ନାହିଁ। ଭାରତ ସରକାର କେବେ ବି ଏପରି କହି ନାହାନ୍ତି। ଏଥିପାଇଁ ଶିକ୍ଷା ଏହଂ ସ୍ୱାସ୍ଥ୍ୟକୁ ମାଗଣା ସୁବିଧା କହି, କେଜ୍ରିୱାଲ ଗରିବଙ୍କ ମନରେ ଚିନ୍ତା ଏବଂ ଭୟ ସୃଷ୍ଟି କରିବାକୁ ପ୍ରସାୟ କରୁଛନ୍ତି। ଏହା ଉପରେ ବାସ୍ତବିକ ବିତର୍କର ଆବଶ୍ୟକତା ରହିଛି।

# ମନୁସ୍ମୃତି ପରି ଗ୍ରନ୍ଥ ଭାରତୀୟ ମହିଳାଙ୍କୁ ସମ୍ମାନଜନକ ସ୍ଥାନ ଦେଇଛି: ଦିଲ୍ଲୀ ହାଇକୋର୍ଟ ବିଚାରପତି

**ନୂଆଦିଲ୍ଲୀ :** ଭାରତର ମହିଳା ଭାଗ୍ୟବାନ କାରଣ ମନୁସ୍ମୃତି ପରି ଗ୍ରନ୍ଥ ତାଙ୍କୁ ସମ୍ମାନଜନକ ସ୍ଥାନ ଦେଉଛି ବୋଲି ଦିଲ୍ଲୀ ହାଇକୋର୍ଟଙ୍କ ବିଚାରପତି ଜଷ୍ଟିସ ପ୍ରତିଭା ଏମ ସିଂ କହିଛନ୍ତି। ବାର ଏବଂ ଆଣ୍ଡ ବେଞ୍ଚର ରିପୋର୍ଟ ଅନୁସାରେ, ବିଚାରପତି ପ୍ରତିଭା ଏମ ସିଂ କହିଛନ୍ତି, ମୁଁ ବାସ୍ତବରେ ଅନୁଭବ କରେ ଯେ ଆମେ ଭାରତୀୟ ବହୁତ ଭଗ୍ୟବାନ ଏବଂ ଏହାର କାରଣ ଏହା ଯେ ଆମ ଶସ୍ତ୍ର ସବୁବେଳେ ମହିଳାଙ୍କୁ ସମ୍ମାନଜନକ ସ୍ଥାନ ଦେଇଛି। ମନୁସ୍ମୃତିରେ କୁହାଯାଇଛି, ଯଦି ଆଣପ ମହିଳାଙ୍କୁ ସମ୍ମାନ କରୁ ନାହାନ୍ତି ତେବେ ଆପଣ ଯେଉଁ ପୂଜା ପାଠ କରୁଛନ୍ତି ତାର କୌଣସି ମୂଲ୍ୟ ନାହିଁ। ଏହାସହ ସେ କହିଛନ୍ତି, ମହିଳାଙ୍କ ସମ୍ମାନ କିପରି କରାଯିବ ତାହା ଆମର ପୂର୍ବ ପିଢି ଏବଂ ବୈଦିକ ଶାସ୍ତ୍ର ଭଲ ଭାବେ ଜାଣିଥିଲେ



ବୋଲି ମୁଁ ଅନୁଭବ କରେ। ଫେଡେରେସନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରୀ (ଫିକ୍କି) ଦ୍ୱାରା ଆୟୋଜିତ ଏକ ସମ୍ମିଳନୀର ଉଦଘାଟନୀ ସମାରୋହ ଉଦବୋଧନ ଦେଇ ବିଚାରପତି ସିଂ କହିଛନ୍ତି, ଏସିଆର ଦେଶ ଗୁଡିକ ମହିଳାଙ୍କ ସମ୍ମାନ କରିବାରେ ବେଶ ଆଗରେ ଅଛନ୍ତି। ସେ କହିଛନ୍ତି, ତଳ ସ୍ତରରେ ମହିଳାଙ୍କ ସହ ହେଉଥିବା ହିଂସା ଏବଂ ଖରାପ ବ୍ୟବହାରକୁ ଅଣଦେଖା କରିବାକୁ ମୁଁ କହୁନାହିଁ, କିନ୍ତୁ ଉଚ୍ଚ ଏବଂ ମଧ୍ୟମ ସ୍ତରରେ ଆମେ ମହିଳାଙ୍କ ଭାଗିଦାରୀ ବୃଦ୍ଧିକୁ ଦେଖିଛୁ। ଏହାସହ କର୍ମକ୍ଷେତ୍ରରେ ଥିବା ମହିଳାଙ୍କୁ ଭାରତୀୟ ପ୍ରଣାଳୀର ମୌଳିକ ମୂଲ୍ୟକୁ ମଜବୁତ କରିବା ଏବଂ ଯୌଥ ପରିବାରେ ରହିବା ପାଇଁ ସେ ଅପିଲ କରିଛନ୍ତି। ନ୍ୟାୟମୂର୍ତ୍ତି ସିଂ କହିଛନ୍ତି ଯେ, ଯୌଥ ପରିବାର ବ୍ୟବସ୍ଥା ଜାରି ରହିବା ଦରକାର କାରଣ ଏହାର ଲାଭ ଏକା ରହୁଥିବା ପରିବାର ତୁଳାନାରେ ବେଶ ଅଧିକ।

# ରହସ୍ୟମୟ ଭାବେ ବଡ ହୋଇ ଚାଲିଛି ପୃଥିବୀର ଦିନ

**ନୂଆଦିଲ୍ଲୀ :** ରହସ୍ୟମୟ ଭାବେ ପୃଥିବୀରେ ଦିନଗୁଡିକ ବଡ ହେବାରେ ଲାଗିଛି। ତେବେ ଏହା ପଛର କୌଣସି ଠୋସ୍ କାରଣ ଜଣା ପଡିନାହିଁ। ଅଧ୍ୟୟନରୁ ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସିଛି ଯେ, ପ୍ରାୟ ଅଧା ଶତାବ୍ଦୀପରେ ୨୦୨୨ ଜୁନରେ ସବୁଠୁ ଛୋଟ ଦିନ ଦେଖିବାକୁ ମିଳିଛି। ଗତ କିଛି ଦଶନ୍ଧିରେ ନିଜ କକ୍ଷର ଚତୁଃପାର୍ଶ୍ୱର ପୃଥିବୀର ଘୂର୍ଣ୍ଣନ ଗତି ସହିତ ସମୟ ଛୋଟ ହେବାର ଥିଲା। ମାତ୍ର ଏହାର ଓଲଟା ଦେଖିବାକୁ ମିଳିଛି। ଅର୍ଥାତ ଦିନ ବଡ ହେବାରେ ଲାଗିଛି। ୨୦୨୦ରୁ ଦିନଗୁଡିକର ଅବଧି ଲମ୍ବା ହୋଇ ଚାଲିଥିବା ବୈଜ୍ଞାନିଙ୍କ ଗବେଷଣାରୁ ଜଣା ପଡିଛି। ଦିନର ଅବଧି ଲମ୍ବା ହେବାର ପ୍ରଭାବ କେବଳ ଆମର ସମୟ ଉପରେ ପଡୁନି ବରଂ ଜିପିଏସ ଏବଂ ଅନ୍ୟ ବୈଷୟିକ କାମ ଉପରେ ମଧ୍ୟ ପଡୁଛି, ଯାହା ଆମର ଆଧୁନିକ ଜୀବନକୁ ନିୟନ୍ତ୍ରିତ କରୁଛି। ବୈଜ୍ଞାନିକ ଦିନ ବଡ ହେବାର କାରଣ ଜାଣିବାକୁ ଉଦ୍ୟମ କରୁଛନ୍ତି। ଏହା ମଧ୍ୟ ଜାଣିବାକୁ ଚେଷ୍ଟା କରାଯାଉଛି ଯେ, ଗ୍ରହର ଘୂର୍ଣ୍ଣନ ଗତି ସତ୍ତ୍ୱେ ଏହାର ବିପରୀତ ଦିନ କେମିବି ବଡ



ହୋଇ ଯାଉଛି। ଅଧ୍ୟୟନ ଅନୁଯାୟୀ, ପୃଥିବୀର ଘୂର୍ଣ୍ଣନ ଗତି ଧିମା ହେବାର ମୁଖ୍ୟ କାରଣ ଘର୍ଷଣ। ଲକ୍ଷାଧିକ ବର୍ଷ ଧରି ଘର୍ଷଣର ପ୍ରଭାବ ସହିତ ନିଜ ଅକ୍ଷ ପଥର ଘୂର୍ଣ୍ଣନ ଧିମା ହେବାରେ ଲାଗିଛି। ଏହାର ପରିଣାମସ୍ୱରୂପ ଦିନଗୁଡିକର ଅବଧି ୨.୩ ମିଲିସେକେଣ୍ଡ ଲମ୍ବା ହେବାରେ ଲାଗିଛି। ଜଳବାୟୁ ପରିବର୍ତ୍ତନର ପ୍ରଭାବ ମଧ୍ୟ ପୃଥିବୀର ଘୂର୍ଣ୍ଣନ ଉପରେ ପ୍ରଭାବ ପଡୁଛି। ବୈଜ୍ଞାନିକ ଅଧ୍ୟୟନରୁ ଜାଣିବାକୁ ପାଇଛନ୍ତି ଯେ, ପ୍ରଭାବ ସେତେଟା ଗୁରୁତ୍ୱପୂର୍ଣ୍ଣ ନଥିଲା। କେବଳ ଦିନର ଅବଧି କିଛି ମିଲିସେକେଣ୍ଡ ବୃଦ୍ଧି ଘଟିଛି। ଅଧ୍ୟୟନ ସାର୍ବଜନୀନ ହେବା ପରେ ବହୁ ସଂଖ୍ୟାରେ ଲୋକେ ସେକେଣ୍ଡ ପରିବର୍ତ୍ତନରେ କଣ ନକରାତ୍ମକ ପ୍ରଭାବ ପଡୁଛି ତା ବିଷୟରେ ପ୍ରଶ୍ନ କରୁଛନ୍ତି। ଏପରିକି ମାନବ ସମାଜର ସନ୍ତୁଳନ ବିଗିଡ଼ିବ କି ପ୍ରଶ୍ନରେ ଅଧ୍ୟୟନକାରୀ ଏହା ଉପରେ ସ୍ପଷ୍ଟ ହୋଇନଥିବା କହିଛନ୍ତି।

# ମହଙ୍ଗା ହେବ ବିମାନ ଯାତ୍ରା !


**ନୂଆଦିଲ୍ଲୀ :** ମହଙ୍ଗା ହେବ ବିମାନ ଯାତ୍ରା। ବଢ଼ିପାରେ ବିମାନ ଭଡ଼ା। କାରଣ ବିମାନ କମ୍ପାନୀ ଗୁଡ଼ିକୁ ସ୍ୱାଧୀନ ଭାବେ ଭଡ଼ା ଧାର୍ଯ୍ୟ ପାଇଁ କେନ୍ଦ୍ର ସରକାର ଗ୍ରୀନ ସିଗନାଲ ଦେଇଛନ୍ତି। ଆସନ୍ତା ଅଗଷ୍ଟ ୩୧ରୁ ବିମାନ କମ୍ପାନୀ ଗୁଡ଼ିକ ମୁକ୍ତ ଭାବେ ଭଡ଼ା ଧାର୍ଯ୍ୟ ପାଇଁ ସରକାର ଜଣାଇଦେଇଛନ୍ତି। ପୂର୍ବରୁ କରୋନା ମହାମାରୀ ଯୋଗୁ ଦେଶ ଭିତରେ ଚଳାଚଳ କରୁଥିବା ବିମାନଗୁଡ଼ିକର ଟିକଟର ସର୍ବନିମ୍ନ ଓ ସର୍ବାଧିକ ମୂଲ୍ୟ ଧାର୍ଯ୍ୟ କରାଯାଇଥିଲା। ଏବେ ଏହି କଟଣାକୁ ହଟାଇ ଦେଇଛନ୍ତି କେନ୍ଦ୍ର ସରକାର। ଏନେଇ ବେସାମରିକ ବିମାନଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧ୍ୟା ଟ୍ୱିଟ୍ କରି ସୂଚନା ଦେଇଛନ୍ତି। ସେ ଲେଖିଛନ୍ତି ଯେ, ଏୟାର ଟର୍ବାଇନ୍ ଫ୍ୟୁଏଲ ପ୍ରାଇସ ବୃଦ୍ଧି ଯୋଗୁ ବିମାନ କମ୍ପାନୀ ଗୁଡ଼ିକ ବହୁ ପରିମାଣରେ କ୍ଷତି ସହୁଛନ୍ତି। ସେମାନଙ୍କ ଦାବିକୁ ଅତି ସାବଧାନତାର ସହ ଅନୁଧ୍ୟାନ କରିବା ପରେ ଟିକଟ ମୂଲ୍ୟ କଟକଣା ସରକାର ହଟାଇ ଦେବାକୁ ନିଷ୍ପତ୍ତି ହୋଇଛି। ସୂଚନା ଅନୁଯାୟୀ, କରୋନା ମହାମାରୀ ବ୍ୟାପିବା ପରେ ଗତବର୍ଷ ମେ’ ୨୫ ଠାରୁ ଦେଶ ଭିତରେ



ଚଳାଚଳ କରୁଥିବା ବିମାନଗୁଡ଼ିକର ଟିକଟର ସର୍ବନିମ୍ନ ଓ ସର୍ବାଧିକ ମୂଲ୍ୟ ଧାର୍ଯ୍ୟ କରାଯାଇ ଥିଲା। କିନ୍ତୁ, ଆନ୍ତର୍ଜାତିକ ବିମାନ ଲାଗି ସେଭଳି କିଛି ନିର୍ଦ୍ଦେଶ ଜାରି କରାଯାଇ ନଥିଲା। ଅନ୍ୟପକ୍ଷରେ ଆଭିଏସନ ଟର୍ବାଇନ ଫ୍ୟୁଏଲ (ଏଟିଏଫ) ର ମୂଲ୍ୟ ବୃଦ୍ଧି ଓ ଟଙ୍କାର ମୂଲ୍ୟ ହ୍ରାସ ଯୋଗୁ ଏହାର ପ୍ରଭାବ ବିମାନ କମ୍ପାନୀ ଗୁଡ଼ିକ ଉପରେ ପଡ଼ିଛି। ଆଭିଏସନ ଟର୍ବାଇନ ଫ୍ୟୁଏଲ (ଏଟିଏଫ) ର ମୂଲ୍ୟ ବୃଦ୍ଧି ଓ ଟଙ୍କାର ମୂଲ୍ୟ ହ୍ରାସ ଯୋଗୁ ଦେଶରେ ବିମାନ ଭଡ଼ା ମହଙ୍ଗା ହେବ। ଜୁନ ୨୦୨୧ ପରେ ଏପର୍ଯ୍ୟନ୍ତ ଇନ୍ଧନ ମୂଲ୍ୟରେ ଯଥେଷ୍ଟ ଅଧିକ ଅଧିକ ବୃଦ୍ଧି ହେଲାଣି। ଏଭିଏସନ ଟର୍ବାଇନ ଫ୍ୟୁଏଲ ମୂଲ୍ୟ ପ୍ରତିମାସର ପହିଲା ଓ ୧୬ ତାରିଖରେ ସଂଶୋଧିତ ହୋଇଥାଏ।

# ଅଫିସରମାନେ କେବଳ ‘ୟେସ୍ ସାର’ କହିବେ: ନୀତିନ ଗଡକରୀ

**ନୂଆଦିଲ୍ଲୀ :** ‘ଆମ ମର୍ଜିରେ ଚାଲିବ ସରକାର। ଆମେ ଯାହା କହିବୁ ତାହା ହେବ। ଅଫିସର କେବଳ କହିବେ ‘ୟେସ୍ ସାର’।’ ଏଭଳି କିଛି କହିଛନ୍ତି କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକାରୀ। ତାଙ୍କର ଏହି ବୟାନ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକାରୀ ସର୍ବଦା ନିଜ ବୟାନକୁ ନେଇ ଚର୍ଚ୍ଚାରେ ରୁହନ୍ତି। କେତେବେଳେ ନିଜ ସରକାରଙ୍କ ବିରୋଧରେ କୁହନ୍ତି ଆଉ କେତେବେଳେ ନିଜ ସ୍ପଷ୍ଟ ବୟାନକୁ ନେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରନ୍ତି। ଏବେ ଏଭଳି ହିଁ ଏକ ବିବାଦୀୟ ବୟାନ ଦେଇ ପୁଣି ଥରେ ଚର୍ଚ୍ଚା ପରିସରକୁ ଆସିଛନ୍ତି କେନ୍ଦ୍ର ସଡକ ଓ ପରିବହନ ମନ୍ତ୍ରୀ। ‘ମନ୍ତ୍ରୀମାନଙ୍କୁ ଆଇନ୍ ଭାଙ୍ଗିବା ଅଧିକାର ଅଛି। ସେମାନେ ଆଇନ ଭାଙ୍ଗିପାରିବେ। ଅଫିସମରାନେ କେବଳ ହଁ ଆଜ୍ଞା ତଥା ‘ୟେସ୍ ସାର’ କହିବା ଉଚିତ। ଆମେ ଯାହା କହିବୁ ଅଫିସରମାନେ ତାହା ଲାଗୁ କରାଇବେ। ସରକାର ଆମ ଇଚ୍ଛା ଅନୁସାରେ ଚାଲିବ।’ ନାଗପୁର ଠାରେ ମାହାରାଷ୍ଟ୍ର ୟୁନିର୍ଭସିଟିର ହେଲ୍ଥ ସାଇନ୍ସ କାର୍ଯ୍ୟକ୍ରମରେ ଯୋଗ ଦେଇ ନୀତିନ ଗଡକରୀ ଏଭଳି କିଛି ବୟାନ ଦେଇଛନ୍ତି। ଏଠାରେ ସେ ଅଭିଭାଷଣ ଦେଇ କହିଥିଲେ, ‘ଆଇନ କେବେ ଗରିବଙ୍କ ପାଇଁ ହେଉଥିବା



ଭଲ କାମରେ ବାଧକ ସାଜିବା ଉଚିତ ନୁହେଁ। ସରକାରଙ୍କର ଆଇନ ଭାଙ୍ଗିବା ବା ତାକୁ ସମାପ୍ତ କରିବାର କ୍ଷମତା ରହିଛି। ଏକଥା ସେ କହୁ ନାହାଁନ୍ତି ବରଂ ମହାତ୍ମା ଗାନ୍ଧୀ କହିଥିଲେ। ସେ ଗାନ୍ଧୀ କହିଥିବା କହି ଏକଥା ମଧ୍ୟ କହିଛନ୍ତି କି କର୍ମଚାରୀଙ୍କ କହିବା ମୁତାବକ ସରକାର ଚାଲିବା ଆବଶ୍ୟକ ନୁହେଁ। ଗାନ୍ଧୀଙ୍କ କହିବା ମୁତାବକ ଆଇନ ଯଦି ଗରିବ ଲୋକଙ୍କ ବିକାଶ ରାସ୍ତାରେ ବାଧା ସୃଷ୍ଟି କରେ ତେବେ ତାହାକୁ ଭାଙ୍ଗିବା ବେଆଇନ ନୁହେଁ।’ ସେ ଏକ ଉଦାହରଣ ଦେଇ କହିଥିଲେ, ଗାଡଚିରୋଲି ଏବଂ ମେଲଘାଟ ଗାଁରେ ରାସ୍ତା ନ ଥିବାରୁ ୧୯୯୫ରେ ହଜାର ହଜାର ଜନଜାତି ପିଲା ଅପପୁଷ୍ଟି ଶିକାର ହୋଇ ମୃତ୍ୟୁବରଣ କରିଥିଲେ। ସେତେବେଳେ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଥିଲେ ମନୋହର ଯୋଶୀ। ରାସ୍ତା ନିର୍ମାଣକରିବା କଥା ଚିନ୍ତା କରିବା ବେଳେକୁ ଜଙ୍ଗଲ ଆଇନ ବାଧକ ସାଜିଥିଲା। ଏହି ସମୟରେ ଆଇନ ଭାଙ୍ଗି ରାସ୍ତା ନିର୍ମାଣ କରିବା ନା ଆଇନକୁ ମାନି ଅପପୁଷ୍ଟିର ଶିକାର ପିଲାଙ୍କ ହାତ ଛାଡିଦେବା। କେଉଁଟା ଉଚିତ ବୋଲି ସେ ସଭାରେ ପ୍ରଶ୍ନ କରିଥିଲେ। ଏହାପୂର୍ବରୁ ମଙ୍ଗଳବାର ଦିନ ନୀତିନ ଗଡକରୀ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ କ୍ୟାବିନେଟ ବିସ୍ତାରକୁ ନେଇ ଶୁଭେଚ୍ଛା ଜଣାଇଥିଲେ। ସେ ଟ୍ୱିଟ୍ କରି ଲେଖିଥିଲେ, ‘ମୁଁ ମହାରାଷ୍ଟ୍ରର ସମସ୍ତ ନୂଆ ମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଉଛି। ଆପଣଙ୍କ ଅନୁଭବ ମହାରାଷ୍ଟ୍ରର ବିକାଶ ପାଇଁ ଲାଭଦାୟକ ପ୍ରମାଣିତ ହେବ ବୋଲି ମୋର ବିଶ୍ୱାସ।’



# ରାୟଗଡ଼ାରେ ଆଦାନି ବସାଇବ ଆଲୁମିନା ରିଫାଇନାରି



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ଉଚ୍ଚ ସ୍ତରୀୟ ମଞ୍ଜୁରି କର୍ତ୍ତୃପକ୍ଷ (ଏଚ୍‌ଏସିଏଲ୍‌ଏ) ବୈଠକରେ ୭୪,୬୨୦.୧୮ କୋଟି ଟଙ୍କାର ନିବେଶ ପ୍ରକଳ୍ପକୁ ମଞ୍ଜୁରି ପ୍ରଦାନ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ରାଜ୍ୟରେ ୨୪,୦୪୭ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ପ୍ରକଳ୍ପଗୁଡ଼ିକ ଗ୍ରିନ୍ ହାଇଡ୍ରୋଜେନ୍, ଗ୍ରିନ୍ ଆମୋନିଆ, ଧାତବ ଓ ଆନୁଷଙ୍ଗିକ ଓ ଭିତ୍ତିଭୂମି କ୍ଷେତ୍ରରେ କାର୍ଯ୍ୟକାରୀ ହେବ। ଆଦାନି ଏଣ୍ଟରପ୍ରାଇଜେସ୍, ଟାଟା ଷ୍ଟିଲ୍, ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ଓ ରୁଙ୍ଗଟା ମାଇନ୍ସ ଭଳି କଂପାନିର ନିବେଶ ପ୍ରସ୍ତାବଗୁଡ଼ିକୁ ବୈଠକରେ ମଞ୍ଜୁରି ପ୍ରଦାନ କରାଯାଇଛି। ଏହି ବୈଠକରେ ମଞ୍ଜୁର ହୋଇଥିବା ସବୁଠୁ ବଡ଼ ପ୍ରକଳ୍ପ ଆଦାନି ଏଣ୍ଟରପ୍ରାଇଜେସ୍ ଲିମିଟେଡ୍ ସ୍ଥାପନ କରିବ। ଆଦାନି ରାୟଗଡ଼ାର କାଶୀପୁରରେ ୪୧,୬୫୩ କୋଟି ଟଙ୍କା ନିବେଶ କରି ବାର୍ଷିକ ୪ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏକ ଆଲୁମିନା ରିଫାଇନାରି, ୧୭୫ ମେଗାୱାଟ୍ର ଏକ କ୍ୟାପ୍‌ଟିଭ୍ ପାୱାର ପ୍ଲାଣ୍ଟ ସ୍ଥାପନ କରିବ। ଏହି ପ୍ରକଳ୍ପରେ ୭୭୫୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଟାଟା ଷ୍ଟିଲ୍ ଲିମିଟେଡ୍ (ଗ୍ରୋଥ୍ ସପ୍) ରାଜ୍ୟରେ ୧୦୦୦ କୋଟି ଟଙ୍କା ନିବେଶ କରି ୬୦,୦୦୦ ଏମ୍‌ଟିର ଇଣ୍ଡଷ୍ଟ୍ରିଆଲ୍ ଷ୍ଟ୍ରକ୍‌ଚର୍ ଓ ୬୦୦୦ ଏମ୍‌ଟିର ଇସ୍ପାତ କାରଖାନା ଉପକରଣ ବ୍ୟବସ୍ଥା ସ୍ଥାପନ କରିବ। ରିନିଉ ଇଫ୍ୟୁଏଲ୍ସ ପ୍ରାଇଭେଟ୍ ଲିମିଟେଡ୍ ଜଗସିଂହପୁରର ପାରାଦୀପରେ ୨୦୦୦ କୋଟି ଟଙ୍କା ନିବେଶରେ ଏକ ୨୦ କେଟିପିଏ କ୍ଷମତାର ଗ୍ରିନ୍ ହାଇଡ୍ରୋଜେନ୍ ଓ ୧୦୦ କେଟିପିଏ କ୍ଷମତାର ଗ୍ରିନ୍ ଆମୋନିଆ କାରଖାନା ସ୍ଥାପନ କରିବ। ଯାଜପୁରର କଳିଙ୍ଗନଗରରେ ଏକ ୨.୫ ଏମ୍‌ଟିପିଏ କ୍ଷମତାର ଇସ୍ପାତ କାରଖାନା ଓ ୩୭୦ ମେଗାୱାଟ୍‌ର କ୍ୟାପ୍‌ଟିଭ୍ ପାୱାର ପ୍ଲାଣ୍ଟ (ସିପିପି) ସ୍ଥାପନ କରିବାରେ ଓଡ଼ିଶା ଆଲୟ ଷ୍ଟିଲ୍ ୮୦୦୦ କୋଟି ଟଙ୍କା ନିବେଶ କରିବ। ଭଦ୍ରକର ଧାମରାରେ ସୋମପୁରୀ ଇନ୍‌ଫ୍ରାଷ୍ଟ୍ରକ୍‌ଚର୍ସ ୭୮୧୧ କୋଟି ଟଙ୍କା ନିବେଶରେ ୨୪ ଏମ୍‌ଟିପିଏର ପେଲେଟ୍ କାରଖାନା ଓ ୬ ଏମ୍‌ଟିପିଏର ଫିଲ୍ଟର କେକ୍ ବ୍ୟବସ୍ଥା ସ୍ଥାପନ କରିବ। ଏହା ବ୍ୟତୀତ କେନ୍ଦୁଝରର ଦେଓଝରରେ ୩୦ ଏମ୍‌ଟିପିଏ ସ୍ଲରି ପାଇପ୍ଲାଇନ୍ ଓ ୩୦ ଏମ୍‌ଟିପିଏ ବେନିଫିକେସନ କାରଖାନା ସ୍ଥାପନ ଲାଗି କଂପାନି ଯଥାକ୍ରମେ ୪୫୯୨.୧୮ କୋଟି ଟଙ୍କା ଓ ୩୬୭୪ କୋଟି ଟଙ୍କା ନିବେଶ କରିବ ବୋଲି ବୈଠକରେ ମଞ୍ଜୁରି ପ୍ରଦାନ କରାଯାଇଛି। ସେହିପରି, ଆରତୀ ଷ୍ଟିଲ୍ସ ଲିମିଟେଡ୍, ଆର୍ସେଲର ମିତ୍ତଲ ନିପନ ଷ୍ଟିଲ୍ ଓ ରୁଙ୍ଗଟା ମେଟାଲ୍ସର ପ୍ରକଳ୍ପକୁ ମଧ୍ୟ ମଞ୍ଜୁରି ପ୍ରଦାନ କରାଯାଇଛି। ଆରତୀ ଷ୍ଟିଲ୍ସ ୩୦୦୦ କୋଟି ଟଙ୍କା ନିବେଶ କରି କଟକର ଆଠଗଡ଼ ସ୍ଥିତ କାରଖାନାର ସମ୍ପ୍ରସାରଣ କରିବ। ଏହି ପ୍ରକଳ୍ପ ଜରିଆରେ କଂପାନି ଅଟୋମୋବାଇଲ୍ ଉପକରଣ ପାଇଁ କଞ୍ଚାମାଲ ନିର୍ମାଣ କରିବ। ଆର୍ସେଲର ମିତ୍ତଲ ନିପନ ଷ୍ଟିଲ୍ କେନ୍ଦୁଝରର ଡାଲ୍ଲିରେ ୧୪୯୦ କୋଟି ଟଙ୍କା ବିନିଯୋଗରେ ୬ ଏମ୍ଟିପିଏ କ୍ଷମତାର ଏକ ବେନିଫିକେସନ ପ୍ଲାଣ୍ଟ୍ ଓ ୧୨ ଏମ୍ଟିପିଏର ସ୍ଲରି ପାଇପ୍ଲାଇନ୍ ସ୍ଥାପନ କରିବ। ରୁଙ୍ଗଟା ମେଟାଲ୍ସ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ୧୪୦୦ କୋଟି ଟଙ୍କା ନିବେଶରେ ମୟୂରଭଞ୍ଜର ରାଇରଙ୍ଗପୁରଠାରେ ଏକ ୦.୫ ଏମ୍‌ଟିପିଏ କ୍ଷମତାର ଇସ୍ପାତ କାରଖାନା ସ୍ଥାପନ କରାଯିବ।

# ମଙ୍କିପକ୍ସ ମୁକାବିଲା ପାଇଁ ଏସ୍ଓପି



**କଟକ :** ମଙ୍କିପକ୍ସ ରୋଗ ସଂକ୍ରାନ୍ତୀୟ ରାଜ୍ୟସ୍ତରୀୟ ତାଲିମ୍ ଶିବିର ଏସ୍‌ସିବି ମେଡିକାଲ୍‌ରେ ଅନୁଷ୍ଠିତ ହୋଇଛି। ଏହି ତାଲିମ୍ ଶିବିରରେ ରାଜ୍ୟର ୧୮୦ ଜଣ ଡାକ୍ତର, ୨୦ ଜଣ ରିସୋର୍ସ ପର୍ସନ ଯୋଗ ଦେଇଥିଲେ। ଏହି ଅବସରରେ ମଙ୍କିପକ୍ସ ନିମନ୍ତେ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଓର(ଏସ୍ଓପି) ଜାରି କରାଯିବା ସହ ବୈଷୟିକ କମିଟି ଗଠନ କରାଯାଇଛି। ଏସ୍‌ସିବିରେ ଗଠନ କରାଯାଇଥିବା ବୈଷୟିକ କମିଟିକୁ ରାଜ୍ୟ କମିଟିର ଦାୟିତ୍ୱ ଦିଆଯାଇଛି। ମଙ୍କି ପକ୍ସ ସଂପର୍କରେ ଏଣିକି ଏସ୍‌ସିବି ମେଡିକାଲ , ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗ, ଆରଏମ୍‌ଆରସି, ଡବ୍ଲୁଏଚ୍ଓ ମିଳିତଭାବେ ତାଲିମ୍ ଦେବେ। ରାଜ୍ୟସ୍ତରୀୟ ତାଲିମ୍ ଶିବିର ମଙ୍କିପକ୍ସ କମିଟିର ରାଜ୍ୟ ନୋଡାଲ ଅଫିସର ତଥା ଏସ୍‌ସିବି କମିଟିର ଅଧ୍ୟକ୍ଷ ପ୍ରଫେସର ଡାକ୍ତର ଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଶିବିର ଉଦଘାଟନ କାର୍ଯ୍ୟକ୍ରମରେ ଅତିରିକ୍ତ ଡିଏମ୍‌ଇଟି ଡାକ୍ତର ବ୍ରଜକିଶୋର ଦାସ, ଏସ୍‌ସିବି ଅଧୀକ୍ଷକ ପ୍ରଫେସର ଡାକ୍ତର ଲୁସି ଦାସ, ଡବ୍ଲୁଏଚ୍ଓର ଟିମ୍ ଲିଡର ଡାକ୍ତର ନିହାର ରାୟ, ଡାକ୍ତର ସତ୍ୟ ପାଣିଗ୍ରାହୀ, ଡାକ୍ତର ଭୁବନାନନ୍ଦ ମହାରଣା ପ୍ରମୁଖ ଯୋଗ ଦେଇ ମଙ୍କିପକ୍ସ ନିମନ୍ତେ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଓର(ଏସ୍ଓପି)କୁ ଉନ୍ମୋଚନ କରିଥିଲେ। ସଂକ୍ରମଣ ନିୟନ୍ତ୍ରଣ ବା ଇନ୍‌ଫେକସନ୍ ପ୍ରିଭେନସନ୍ କିପରି କରାଯିବ ତାରି ଉପରେ ମଧ୍ୟ ମାର୍ଗଦର୍ଶିକା ଜାରି କରାଯାଇଛି। ରାଜ୍ୟ ଟେକ୍ନିକାଲ କମିଟିରେ ଚର୍ମରୋଗ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ଜୟଶ୍ରୀ ମହାନ୍ତି, ଶିଶୁରୋଗ ବିଭାଗର ସହଯୋଗୀ ପ୍ରଫେସର ଡାକ୍ତର ନାରାୟଣ ମୋଦି, କମ୍ୟୁନିଟି ମେଡିସିନ୍ ବିଭାଗ ମୁଖ୍ୟ ପ୍ରଫେସର ଡାକ୍ତର ମିନାକ୍ଷୀ ମହାନ୍ତି, ମାଇକ୍ରୋବାୟୋଲୋଜି ବିଭାଗ ସହଯୋଗୀ ପ୍ରଫେସର ଡାକ୍ତର ଭବାନୀ ପଟ୍ଟନାୟକ ପ୍ରମୁଖ ସଦସ୍ୟ ରହିଛନ୍ତି।

# ଜିଲ୍ଲାପାଳଙ୍କ କୁଜଙ୍ଗସ୍ଥିତ ଟେରାକୋଟା ଉତ୍ପାଦକ ଅନୁଷ୍ଠାନ ପରିଦର୍ଶନ




**ଜଗତ୍‌ସିଂହପୁର :** ଜଗତ୍‌ସିଂହପୁର ଜିଲ୍ଲାପାଳ ପାରୁଲ ପଟୱାରୀ ହଠାତ୍ କୁଜଙ୍ଗ ବ୍ଲକ୍ ଗ୍ରସ୍ତ କରି ଲୁଣକୁଆଠାରେ ଥିବା ମା’ ଅନ୍ନପୂର୍ଣ୍ଣା ଟେରାକୋଟା ଉତ୍ପାଦକ ଅନୁଷ୍ଠାନ ଏବଂ ଫତେପୁରଠାରେ ଥିବା ଜୀବନଜ୍ୟୋତି ଟେରାକୋଟା ପ୍ରଡ୍ୟୁସର ଗ୍ରୁପ୍ ପରିଦର୍ଶନ କରିଥିଲେ। ଉତ୍ପାଦକ ଗୋଷ୍ଠିର ସଦସ୍ୟମାନଙ୍କ ସହିତ ସେମାନଙ୍କର ଉନ୍ନତ ମାନର ପ୍ରଶିକ୍ଷକ, ଲୁଣକୁଆଠାରେ ଥିବା ତାଲିମ୍ କେନ୍ଦ୍ରର ପୁନଃଉଦ୍ଧାର ସମ୍ପର୍କରେ ଆଲୋଚନା କରି ମହିଳାମାନଙ୍କୁ ଭୂୟସୀ ପ୍ରଶଂସା କରିଥିବା ବେଳେ ଟେରାକୋଟା କାର୍ଯ୍ୟ ଉପରେ ମହିଳାମାନେ ସମୟ ଦେଇ କାର୍ଯ୍ୟ କରୁଥିବାରୁ ଆଗାମୀ ପିଢ଼ୀ ପାଇଁ ଏହା ଏକ ଶକ୍ତିର ଉତ୍ସ ହେବ ବୋଲି କହିଥିଲେ। ଫତେପୁରଠାରେ ମନେରେଗା ଅଧିନରେ ନୂତନ ୱାର୍କସେଡ୍ ନିର୍ମାଣ ନିମନ୍ତେ ବିଡିଓଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ମାଟି ତିଆରି ହାତୀ, ଘୋଡା, କଣ୍ଢେଇ, ମାଟିହାଣ୍ଡି, କପ୍, ଗ୍ଲାସ୍, ପ୍ଲେଟ୍, ଠାକୁରଙ୍କ ମୂର୍ତ୍ତି, ବୌଦ୍ଧମୂର୍ତ୍ତି, ଘରସଜା ସରଞ୍ଜାମ ଦେଖି ଜିଲ୍ଲାପାଳ ଖୁବ୍ ପ୍ରଶଂସା କରିଥିଲେ। ଓର୍‌ମାସ ଉପକାର୍ଯ୍ୟ ନିର୍ବାହୀଙ୍କୁ ଲୁଣକୁଆରେ ତାଲିମ୍ କେନ୍ଦ୍ରର ପୁନଃଉଦ୍ଧାର ନିମନ୍ତେ ପରାମର୍ଶ ଦେଇଥିଲେ। ଅନୁଷ୍ଠାନରେ ଥିବା ଉପକରଣ ଗୁଡିକର ମରାମତି ସହିତ ଉକ୍ତ ଗୃହ ଗୁଡିକର ପୁନଃଉଦ୍ଧାର କରିବା ପାଇଁ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳଙ୍କ ସହିତ ଓରମାସର ଉପକାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟସୁନ୍ଦର ଶିବରାମ ପାଇଟାଳ, କୁଜଙ୍ଗ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ଓରମାସର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ତଟ ସୁରକ୍ଷା ଓ ଲୁଣି ବନ୍ଧ ସୁଦୃଢ଼ୀକରଣ ପାଇଁ ଏମ୍ଓୟୁ

# ବୈଷୟିକ ଜ୍ଞାନକୌଶଳ ଦେବ ରାଷ୍ଟ୍ରୀୟ ସାମୁଦ୍ରିକ ପ୍ରାଦ୍ୟୋଗିକ ସଂସ୍ଥାନ




ଭୁବନେଶ୍ୱର : ରାଜ୍ୟର ୬ଟି ଉପକୂଳବର୍ତ୍ତୀ ଜିଲ୍ଲା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଗଞ୍ଜାମର ସମୁଦ୍ର ତଟ ସୁରକ୍ଷା ଓ ଲୁଣି ବନ୍ଧ ସୁଦୃଢ଼ୀକରଣ ପାଇଁ ଚେନ୍ନାଇସ୍ଥିତ ରାଷ୍ଟ୍ରୀୟ ସାମୁଦ୍ର ପ୍ରାଦ୍ୟୋଗିକ ସଂସ୍ଥାନ ବୈଷୟିକ ଜ୍ଞାନକୌଶଳ ଦେବ। ଏନେଇ ଆଜି ଜଳସମ୍ପଦ ବିଭାଗ ଏବଂ ରାଷ୍ଟ୍ରୀୟ ସାମୁଦ୍ର ପ୍ରାଦ୍ୟୋଗିକ ସଂସ୍ଥାନ ମଧ୍ୟରେ ଏକ ଏମ୍ଓୟୁ ସ୍ୱାକ୍ଷର ହୋଇଛି। ଜଳସମ୍ପଦ ବିଭାଗ ସମ୍ମିଳନୀ କକ୍ଷରେ ଜଳସମ୍ପଦ ବିଭାଗ ମନ୍ତ୍ରୀ ଟୁକୁନି ସାହୁ, ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଉପସ୍ଥିତିରେ ଏହି ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି। ଜଳସମ୍ପଦ ବିଭାଗ ପକ୍ଷରୁ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ବିଜୟ କୁମାର ମିଶ୍ର ଏବଂ ରାଷ୍ଟ୍ରୀୟ ସାମୁଦ୍ର ପ୍ରାଦ୍ୟୋଗିକ ସଂସ୍ଥାନର ନିର୍ଦ୍ଦେଶକ ଜି.ଏ ରାମଦାସଙ୍କ ମଧ୍ୟରେ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଏମ୍ଓୟୁ ସ୍ୱାକ୍ଷର ପରେ ମନ୍ତ୍ରୀ ଶ୍ରୀମତୀ ସାହୁ କହିଛନ୍ତି ଯେ ଓଡ଼ିଶାକୁ ବନ୍ୟା ଓ ବାତ୍ୟାର ଚିର ସହଚର ବୋଲି କୁହାଯାଏ। ପ୍ରାକୃତିକ ବିପର୍ଯ୍ୟୟ ଓ ଜଳବାୟୁ ପରିବର୍ତ୍ତନ ହେତୁ ଓଡ଼ିଶାରେ ବିଭିନ୍ନ ସମୟରେ ବନ୍ୟା, ବାତ୍ୟା ଲାଗି ରହିଥାଏ। ଏହି ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାକୁ ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି। ତେଣୁ ୫ବର୍ଷ ପାଇଁ ଆଜିର ଏହି ବୁଝାମଣାପତ୍ର ସ୍ୱାକ୍ଷର ଆଗାମୀ ଦିନରେ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳ ଅନ୍ତର୍ଗତ ସମୁଦ୍ରର ତଟ ସୁରକ୍ଷା ଓ ଲୁଣି ବନ୍ଧ ସୁରକ୍ଷାରେ ସହାୟକ ହେବ। ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ କହିଥିଲେ, ଏହି ଚୁକ୍ତି ନାମା ଅନୁସାରେ ଉକ୍ତ ଅନୁଷ୍ଠାନ ରାଜ୍ୟର ଜଳବାୟୁ ପରିବର୍ତ୍ତନ ପ୍ରତିରୋଧକ ସମୁଦ୍ର ତଟ ସୁରକ୍ଷା ଓ ଲୁଣି ବନ୍ଧଗୁଡ଼ିକର ସୁଦୃଢ଼ୀକରଣ ନିମନ୍ତେ ଆବଶ୍ୟକ ହେଉଥିବା ବୈଷୟିକ ଜ୍ଞାନକୌଶଳ, ଡିଜାଇନ ପ୍ରଦାନ କରିବା ସହ କାର୍ଯ୍ୟ ସମ୍ପାଦନ, ବିଭାଗୀୟ ଯନ୍ତ୍ରୀମାନଙ୍କ ପ୍ରଶିକ୍ଷଣ ଓ ଦକ୍ଷତା ବିକାଶରେ ସହାୟତା ଯୋଗାଇବେ। ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରାକୃତିକ ଦୁର୍ବିପାକ ଜନିତ କ୍ଷୟକ୍ଷତିର ଆଶଙ୍କା କରିବା ଦିଗରେ ଏହି ଚୁକ୍ତିନାମା ଭବିଷ୍ୟତରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହି କାର୍ଯ୍ୟକ୍ରମରେ ବିଭାଗର ସ୍ୱତନ୍ତ୍ର ସଚିବ ଅର୍ଚ୍ଚନା ପଟ୍ଟନାୟକଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀ, ଏନ୍‌ଆଇଓଟିର ବୈଜ୍ଞାନିକ, ଉପକୂଳବର୍ତ୍ତୀ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ, ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ଓ ଜଳସମ୍ପଦ ବିଭାଗର ଯନ୍ତ୍ରୀମାନେ ଭିଡିଓ କନଫରେନ୍ସିଂରେ ଯୋଗଦେଇଥିଲେ।

# ହସ୍ପିଟାଲରେ ପହଞ୍ଚିବା ପୂର୍ବରୁ ଜୀବନ ହାରୁଛନ୍ତି ୫% ଶିଶୁ

**ଭୁବନେଶ୍ୱର :** ରାଜ୍ୟରେ ଶିଶୁ ମୃତ୍ୟୁକୁ ନେଇ ଆଉ ଏକ ଉଦ୍‌ବେଗଜନକ ଚିତ୍ର ସାମ୍ନାକୁ ଆସିଛି। ପ୍ରତିବର୍ଷ ରାଜ୍ୟରେ ଯେତିକି ସଂଖ୍ୟକ ଶିଶୁ(୫ବର୍ଷରୁ କମ୍)ଙ୍କ ମୃତ୍ୟୁ ହେଉଛି ତାହାର ୫ ପ୍ରତିଶତ ଶିଶୁ ହସ୍ପିଟାଲରେ ପହଞ୍ଚିବା ପୂର୍ବରୁ ଜୀବନ ହାରୁଛନ୍ତି। ଏହି ତଥ୍ୟ କୌଣସି ସଂସ୍ଥା କିମ୍ବା ଅନୁଷ୍ଠାନର ସର୍ବେକ୍ଷଣ ନୁହେଁ, ଖୋଦ୍ ସରକାରଙ୍କ ରିପୋର୍ଟ। ବିଭିନ୍ନ କାରଣ ପାଇଁ ଶିଶୁଙ୍କ ଏଭଳି ମୃତ୍ୟୁ ହେଉଥିବା କୁହାଯାଉଛି। ଗତ ୫ବର୍ଷରେ ରାଜ୍ୟରେ ଏହି ଚିତ୍ରରେ କୌଣସି ପ୍ରକାର ପରିବର୍ତ୍ତନ ଆସିନାହିଁ। ଜାତୀୟସ୍ତରରେ ଯେଉଁ କେତୋଟି ରାଜ୍ୟର ସହରାଞ୍ଚଳରେ ୫ବର୍ଷରୁ କମ୍ ଶିଶୁ ଅଧିକ ସଂଖ୍ୟାରେ ପ୍ରାଣ ହରାଉଛନ୍ତି ତହିଁରେ ଓଡ଼ିଶା ଶୀର୍ଷରେ ରହିଛି। ତେଣୁ ରାଜ୍ୟରେ ୫ବର୍ଷରୁ କମ୍ ଶିଶୁଙ୍କ ମୃତ୍ୟୁକୁ କିଭଳି ରୋକାଯିବ ତାହା ସରକାରଙ୍କ ପାଇଁ ପ୍ରମୁଖ ଆହ୍ୱାନ ପାଲଟିଛି। ଶିଶୁ ମୃତ୍ୟୁ ହାର ବା ଆଇଏମ୍‌ଆରରେ ଓଡ଼ିଶା ବେଶ୍ ଭଲ ପ୍ରଦର୍ଶନ କରିଛି। ନିକଟରେ ପ୍ରକାଶ ପାଇଥିବା ରିପୋର୍ଟରେ ଓଡ଼ିଶାରେ ୧ହଜାର ଜୀବନ୍ତ ଶିଶୁଙ୍କ ମଧ୍ୟରେ ୩୬ଜଣଙ୍କ ମୃତ୍ୟୁ ହେଉଥିବା ଦର୍ଶାଯାଇଛି। ସେହିପରି ଜନ୍ମର ୨୮ଦିନ ଭିତରେ ହେଉଥିବା ମୃତ୍ୟୁ ବା ନିଓ ନାଟାଲ ମୃତ୍ୟୁହାର(ଏନ୍‌ଏମ୍‌ଆର) ଓଡ଼ିଶାରେ ୨୮ ରହିଛି। ତେବେ ୫ବର୍ଷରୁ କମ୍ ଶିଶୁଙ୍କ କ୍ଷେତ୍ରରେ ଏହି ଚିତ୍ର ବଦଳି ଯାଉଛି। ୨୦୧୯/୨୦ରେ ପ୍ରକାଶ ପାଇଥିବା ଜାତୀୟ ପରିବାର କଲ୍ୟାଣ ପରିସଂଖ୍ୟାନ ରିପୋର୍ଟ ଅନୁଯାୟୀ ମଧ୍ୟପ୍ରଦେଶର ଗ୍ରାମାଞ୍ଚଳରେ ୫ବର୍ଷରୁ କମ୍ ସର୍ବାଧିକ ୬୧ଜଣ ଶିଶୁଙ୍କ ମୃତ୍ୟୁ ହେଉଛି। ଏହି ସମୟରେ ଓଡ଼ିଶାର ଗ୍ରାମାଞ୍ଚଳରେ ୪୯ଜଣ ଶିଶୁଙ୍କ ମୃତ୍ୟୁ ହେଉଥିବା ବେଳେ ସହରାଞ୍ଚଳରେ ୩୭ଜଣ ପ୍ରାଣ ହରାଉଛନ୍ତି। ଓଡ଼ିଶାର ସହରାଞ୍ଚଳରେ ପ୍ରାଣ ହରାଉଥିବା ଶିଶୁଙ୍କ ମୃତ୍ୟୁ ଦେଶରେ ସର୍ବାଧିକ ରହିଛି। ସରକାରୀ ତଥ୍ୟ କହୁଛି ଯେ ରାଜ୍ୟରେ ଇନ୍ ଟ୍ରାଞ୍ଜିଟ୍ ବା ଅଧବାଟରେ ପ୍ରାଣ ହରାଉଥିବା ଶିଶୁଙ୍କ ହାର ୫-୬ ପ୍ରତିଶତ ରହିଛି। ୨୦୧୭/୧୮ରେ ୯୮୦, ୨୦୧୮/୧୯ରେ ୮୩୯, ୨୦୧୯/୨୦ରେ ୧୦୧୭, ୨୦୨୦/୨୧ରେ ୯୭୯ ଓ ୨୦୨୧/୨୨ରେ ୭୯୮ ଶିଶୁଙ୍କ ମୃତ୍ୟୁ ହୋଇଛି। ଶିଶୁକନ୍ୟାଙ୍କ ଅପେକ୍ଷା ଶିଶୁପୁତ୍ର ଅଧିକ ସଂଖ୍ୟାରେ ପ୍ରାଣ ହରାଉଛନ୍ତି। ରାୟଗଡ଼ା, ସୁନ୍ଦରଗଡ଼, କଳାହାଣ୍ଡି, ଭଦ୍ରକ ଆଦି ଜିଲ୍ଲାରେ ଏହାର ସ୍ଥିତି ଉଦ୍‌ବେଗଜନକ ରହିଛି। ସେହିପରି ରାଜ୍ୟରେ ପ୍ରାୟ ଶହେ ଜଣ ମା’ଙ୍କ ପ୍ରତିବର୍ଷ ହସ୍ପିଟାଲରେ ପହଞ୍ଚିବା ପୂର୍ବରୁ ମୃତ୍ୟୁ ହେଉଛି। ୨୦୨୦/୨୧ରେ ଏହା ୯୭ ଥିବା ବେଳେ ୨୦୨୧/୨୨ରେ ୯୩ଜଣ ଏଥିରେ ପ୍ରାଣ ହରାଇଛନ୍ତି। ରାଜ୍ୟରେ ମା’ ଓ ଶିଶୁଙ୍କ ସୁରକ୍ଷା ପାଇଁ ଜନନୀ ଏକ୍ସପ୍ରେସ୍ ଚଳାଚଳ କରୁଛି। ସବୁ ଜିଲ୍ଲାକୁ ମିଶାଇ ଏହାର ୫ଶହଟି ଆମ୍ବୁଲାନ୍ସ ଚାଲୁଛି। ତଥାପି ଶିଶୁ ମୃତ୍ୟୁକୁ ରୋକିବାରେ ଏହା ସଫଳ ହୋଇପାରୁ ନାହିଁ। ଏହାସହ ରାଜ୍ୟ ସରକାର ମାତୃ ଓ ଶିଶୁ ମୃତ୍ୟୁହାରକୁ ରୋକିବା ଲାଗି ସୁରକ୍ଷିତ ମାତୃତ୍ୱ ଆଶ୍ୱାସନା ବା ସୁମନ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଏଥିପାଇଁ ଏସ୍‌ସିବି ମେଡିକାଲ କଲେଜର ଓ ଏଣ୍ଡ ଜି ବିଭାଗକୁ ଉତ୍କର୍ଷ କେନ୍ଦ୍ର ଭାବେ ନିକଟରେ ଘୋଷଣା କରାଯାଇଛି। ଏହା ମଧ୍ୟ ସେତେଟା ଫଳପ୍ରଦ ହୋଇପାରୁ ନାହିଁ।


# ୭୫ ହଜାର କୋଟିର ନିବେଶ ପ୍ରସ୍ତାବକୁ ମଞ୍ଜୁରୀ




**ଭୁବନେଶ୍ୱର :** ବଢ଼ିବ ନିବେଶ। ଦୌଡ଼ିବ ଶିଳ୍ପାୟନ। ରାଜ୍ୟରେ ଅଧିକ ପୁଂଜି ନିବେଶ ବଢ଼ାଇବା ସହ ଯୁବକ ଯୁବତୀଙ୍କୁ କାମଧନ୍ଦା ଯୋଗାଇବାକୁ ରାଜ୍ୟ ସରକାର ନେଇଛନ୍ତି ବଡ଼ ନିଷ୍ପତ୍ତି। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ଉଚ୍ଚସ୍ତରୀୟ ଅନୁମୋଦନ କମିଟି ବୈଠକରେ ୭୪ ହଜାର ୬୨୦ କୋଟି ୨୦ ଲକ୍ଷ ଟଙ୍କାର ନିବେଶ ପ୍ରସ୍ତାବରେ ମୋହର ମାରିଛି। ଏହି ନିବେଶ ଦ୍ୱାରା ରାଜ୍ୟରେ ୨୪ ହଜାର ୪୭ ଜଣଙ୍କୁ ମିଳିବ ନିଯୁକ୍ତି। ଉଚ୍ଚସ୍ତରୀୟ କମିଟି ଅନୁମୋଦନ କରିଥିବା ନିବେଶ ପ୍ରସ୍ତାବ ମଧ୍ୟରେ ମୁଖ୍ୟତଃ ଗ୍ରୀନ ହାଇଡ୍ରୋଜେନ, ଗ୍ରୀନ ଆମୋନିଆ ସହ ଧାତବ ଓ ଆନୁଷଙ୍ଗିକ ଡାଉନଷ୍ଟ୍ରିମ ଶିଳ୍ପକୁ ମିଳିଛି ସବୁଜ ସଂକେତ। ରିନ୍ୟୁ ଇ ଫୁଏଲ୍ସ ସଂସ୍ଥାର ଗ୍ରୀନ ହାଇଡ୍ରୋଜେନ (ବାର୍ଷିକ କ୍ଷମତା ୨୦ କିଲୋ ଟନ) ଏବଂ ଗ୍ରୀନ ଆମୋନିଆ ପ୍ଲାଣ୍ଟ (ବାର୍ଷିକ୧୦୦ କିଲୋଟନ) ପାରାଦୀପରେ ପ୍ରତିଷ୍ଠା କରିବ। ଏଥିରେ ସଂସ୍ଥା ୨ ହଜାର କୋଟି ନିବେଶ କରିବ। ୨ ହଜାର ଲୋକଙ୍କୁ ଏ ପ୍ଲାଣ୍ଟରେ ମିଳିବ ନିଯୁକ୍ତି। ଅଣପାରମ୍ପରିକ ଶକ୍ତି ଉତ୍ସକୁ ବ୍ୟବହାର କରି ଏ ୟୁନିଟ୍ ରାଜ୍ୟରେ ଇସ୍ପାତ ଓ ସାର କ୍ଷେତ୍ରକୁ ଆଗକୁ ନେବାରେ ସହାୟକ ହେବ। ସେହିଭଳି ଟାଟା ଷ୍ଟିଲ ପକ୍ଷରୁ ୬୦ ହଜାର ନିୟୁତ ଟନର ଶିଳ୍ପ ଭିତ୍ତିଭୂମି ସହ ୬ ହଜାର ନିୟୁତ ଟନର ଇସ୍ପାତ କାରଖାନା ଉପକରଣ ସାମଗ୍ରୀର ଏକ ୟୁନିଟ ପ୍ରତିଷ୍ଠା ହେବ। ଏଥିରେ ଟାଟା ଷ୍ଟିଲ ୧ ହଜାର କୋଟି ନିବେଶ କରିବ। ୨୪୫୧ ଜଣଙ୍କୁ ମିଳିବ ନିଯୁକ୍ତି ସୁବିଧା। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା କମିଟି ରାୟଗଡ଼ାର କାଶୀପୁରରେ ବାର୍ଷିକ ୪ ନିୟୁତ ଟନ ଆଲୁମିନା ବିଶୋଧନାଗାର ଓ ପ୍ଲାଣ୍ଟକୁ ହଁ ମାରିଛି। ଆଦାନି ଏଣ୍ଟର ପ୍ରାଇଜେସ ଲିମିଟେଡ ପକ୍ଷରୁ ଏ ଶିଳ୍ପରେ ୪୧ ହଜାର ୬୫୩ କୋଟି ନିବେଶ କରାଯିବ। ଏହି କାରଖାନାରେ ୭୭୫୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିଭଳି ଓଡ଼ିଶା ଆଲୟ ଷ୍ଟିଲ ପକ୍ଷରୁ ୮ ହଜାର କୋଟି ନିବେଶରେ ୨.୫ ନିୟୁତ ଟନ କ୍ଷମତା ବିଶିଷ୍ଟ ୟୁନିଟ କଳିଙ୍ଗ ନଗରରେ ପ୍ରତିଷ୍ଠା ହେବ। ଏଥିରେ ୫ ହଜାର ଜଣଙ୍କୁ ନିଯୁକ୍ତି ମିଳିବ। ସୋମପୁରୀ ଇନଫ୍ରାଷ୍ଟ୍ରକଚର ପକ୍ଷରୁ ୭୮୧୧ କୋଟିର ଧାମରାରେ ପେଲେଟ ପ୍ଲାଣ୍ଟ, ଦେଓଝରରେ ବେନିଫିକେସନ ଓ ସ୍ଲରି ପ୍ଲାଣ୍ଟ ପ୍ରତିଷ୍ଠା ହେବ।

# ଦୁର୍ନୀତିଗ୍ରସ୍ତ ଓ ଅପାରଗଙ୍କ ବିରୁଦ୍ଧରେ ମୁଖ୍ୟମନ୍ତ୍ରୀଙ୍କ କଠୋର ଆଭିମୁଖ୍ୟ ଜାରି

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଧାରଣ ଜୀବନରେ କ୍ଷେତ୍ରରେ ଉଚ୍ଚ ନୈତିକତା ଓ ସାଧୁତା ବଜାୟ ରଖିବା ଉପରେ ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି। ଅପାରଗ ତଥା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୁଦ୍ଧରେ ସବୁବେଳେ ଶୂନ୍ୟ ସହିଷ୍ଣୁତା ଆଭିମୁଖ୍ୟ ଉପରେ ଜୋର ଦେଇଆସିଛନ୍ତି। ଜନସାଧାରଣଙ୍କୁ ସ୍ୱଚ୍ଛ, ଦକ୍ଷ ଏବଂ ଉତ୍ତରଦାୟୀ ପ୍ରଶାସନ ମାଧ୍ୟମରେ ସେବା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିରନ୍ତର ପ୍ରଚେଷ୍ଟା ଜାରି ରଖିଛନ୍ତି। ରାଜ୍ୟ ସରକାରଙ୍କ ଏହି ଆଭିମୁଖ୍ୟ ଅନୁଯାୟୀ ଏବେ ଆଉ ୫ ଜଣ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଥିବା ବେଳେ ୨ ଜଣଙ୍କୁ ଚାକିରିରୁ ବହିଷ୍କାର ଓ ଅନ୍ୟ ୨ ଜଣଙ୍କ ପେନ୍‌ସନ୍ ସ୍ଥାୟୀଭାବେ ସ୍ଥଗିତ କରାଯାଇଛି। ଏଥିରେ ବିଭିନ୍ନ କ୍ଷେତ୍ରରେ ଥିବା ଅଧିକାରୀ, ଯଥା – ଜଣେ ସୁପରିନଟେଣ୍ଡିଂ ଇଞ୍ଜିନିୟର, ୨ ଜଣ ଏକଜିକ୍ୟୁଟିଭ ଇଞ୍ଜିନିୟର, ୨ ଜଣ ଆସିଷ୍ଟାଣ୍ଟ ଇଞ୍ଜିନିୟର, ଜଣେ ଜୁନିଅର ଇଞ୍ଜିନିୟର, ଜଣେ ଓ.ଏ.ଏସ୍ ଅଧିକାରୀ, ଜଣେ ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ ଏବଂ ଜଣେ ସାମାଜିକ ଶିକ୍ଷା ଅଧିକାରୀ ଅନ୍ତର୍ଭୁକ୍ତ। ପୂର୍ବରୁ ୧୬୪ ଜଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହୋଇଥିବା ବେଳେ, ଏହି ୯ ଜଣଙ୍କୁ ମିଶାଇ ବର୍ତ୍ତମାନ ସୁଦ୍ଧା ୧୭୩ ଜଣ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଚାକିରିରୁ ବହିଷ୍କୃତ ହୋଇଥିବା ୫ ଜଣ ଅଧିକାରୀଙ୍କ ମଧ୍ୟରେ ଅଛନ୍ତି ମାଲକାନଗିରିର ଗ୍ରାମ୍ୟ ଉନ୍ନୟନ ଡିଭିଜନ-୧ର ପୂର୍ବତନ ସୁପରିଟେଣ୍ଡିଂ ଇଞ୍ଜିନିୟର ଆଶିଷ କୁମାର ଦାଶ। କଣ୍ଟ୍ରାକ୍ଟର ମାନଙ୍କ ଠାରୁ ଅସତ୍ ଉପାୟରେ ୧୦.୨୩ ଲକ୍ଷ ଟଙ୍କା ନେଇ ଯାଉଥିବା ବେଳେ ସେ ଭିଜିଲାନ୍ସ ଦ୍ୱାରା ଧରା ପଡିଥିଲେ। ବିଭିନ୍ନ ସ୍ଥାନରେ ଥିବା ତାଙ୍କ ଘର ଉପରେ ଚଢଉ କଲା ପରେ ୮.୬୩ କୋଟି ଟଙ୍କାର ସଂପତ୍ତି ଓ ୧.୪ କୋଟି ଟଙ୍କାର ନଗଦ ଟଙ୍କା ଧରା ପଡିଥିଲା। ଅସାଧୁତା କାରଣରୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ସେହିପରି ଭଦ୍ରକ ଗ୍ରାମ୍ୟ ଉନ୍ନୟନ ଡିଭିଜନ-୧ର ପୂର୍ବତନ ଏକ୍ସିକ୍ୟୁଟିଭ ଇଞ୍ଜିନିୟର ମାନସ ରଂଜନ ମହାନ୍ତି। ଜଣେ କଣ୍ଟ୍ରାକ୍ଟରଙ୍କ ଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସେ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଧରା ପଡିଥିଲେ। ଏହାସହିତ ତାଙ୍କ ପାଖରେ ୩.୯୦ କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଥିଲା। ତାଙ୍କ ବିରୁଦ୍ଧରେ ଦୁଇଟି ବିଭାଗୀୟ ତଦନ୍ତ ମଧ୍ୟ ଚାଲିଥିଲା। ଅସାଧୁତା କାରଣରୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। କଟକ ଗଣ୍ଡରପୁର ଡ୍ରେନେଜ୍ ଡିଭିଜନର ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ମନୋଜ କୁମାର ବେହେରା ଓ ତାଙ୍କ ପତ୍ନୀଙ୍କ ନାମରେ ୪.୨୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଆୟବହିର୍ଭୁତ ସଂପତ୍ତି ଥିବା ଅଭିଯୋଗରେ ଭିଜିଲାସନ୍ ମାମଲା ଚାଲିଥିଲା। ଅସାଧୁତା କାରଣରୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ସେହିପରି କେନ୍ଦୁଝର ଜିଲ୍ଲା ସାଳପଡାସ୍ଥିତ ବୈତରଣୀ ଜଳସେଚନ ଡିଭିଜନର ଆସିଷ୍ଟାଣ୍ଟ ଇଞ୍ଜିନିୟର ଉମେଶ କୁମାର ଶାଶିନୀଙ୍କ ବିରୁଦ୍ଧରେ ୧.୪୨ କୋଟି ଟଙ୍କାରୁ ଅଧିକ ଟଙ୍କାର ଆୟବହିର୍ଭୁତ ସଂପତ୍ତି ଥିବା ଅଭିଯୋଗରେ ଦୁର୍ନିତୀ ମାମଲା ରହିଛି। ଅସାଧୁତା କାରଣରୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ଉମରକୋଟ ସଡକ ଓ କୋଠାବାଡିର ଆସିଷ୍ଟାଣ୍ଟ ଇଞ୍ଜିନିୟର ବିଶୁଦ୍ଧାନନ୍ଦ ବେହେରାଙ୍କ ନାମରେ ନିମ୍ନମାନର କାମ କରିବାର ଅଭିଯୋଗ ଥିଲା। ଏହାସହିତ ତାଙ୍କ ନାମରେ ୭୦.୯୩ ଲକ୍ଷ ଟଙ୍କାର ଆୟ ବହିର୍ଭୁତ ସଂପତ୍ତି ଥିବା ଅଭିଯୋଗରେ ଗୋଟିଏ ଦୁର୍ନୀତି ମାମଲ ରହିଛି। ଅସାଧୁତା କାରଣରୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ପାରଳାଖେମୁଣ୍ଡିର ଅବସରପ୍ରାପ୍ତ ପୂର୍ବତନ ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ ଜଳଧର ମଲ୍ଲିକଙ୍କ ନାମରେ ଗୋଟିଏ ବଦଳି କେସ୍‌ରେ ୧୦ ହଜାର ଟଙ୍କାର ଲାଞ୍ଚ ଗ୍ରହଣ ମାମଲ ଥିଲା। ଅସାଧୁତା କାରଣରୁ ତାଙ୍କ ପେନ୍ସନକୁ ସ୍ଥାୟୀ ଭାବେ ବନ୍ଦ ରଖାଯାଇଛି। ବର୍ତ୍ତମାନ ବାଲେଶ୍ୱର ଜିଲ୍ଲାରେ ଡେପୁଟି କଲେକ୍ଟର ଥିବା ଓ ମୟୁରଭଂଜ ଜିଲ୍ଲାର ସାମାଖୁଣ୍ଟା ବ୍ଲକ୍‌ର ପୂର୍ବତନ ତହସିଲଦାର ଓ.ଏ.ଏସ ଅଧିକାରୀ ସବିତା ସାହୁଙ୍କ ନାମରେ ୧୦ ହଜାର ଟଙ୍କାର ଲାଞ୍ଚ ଗ୍ରହଣ ମାମଲା ଥିଲା। ଅସାଧୁତା କାରଣରୁ ତାଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ବଲାଙ୍ଗୀର ଜିଲ୍ଲାର ପୂର୍ବତନ ସାମାଜିକ ଶିକ୍ଷା ସଂଗଠକ ପ୍ରଭାସିନୀ ବାବୁ ସ୍ୱାମୀଙ୍କୁ ହରାଇଥିବା ଜଣେ ମହିଳାଙ୍କୁ ୨୦ ହଜାର ଟଙ୍କାର ସାମାଜିକ ସହାୟତା ପ୍ରଦାନ ପାଇଁ ୩୦୦୦ ଟଙ୍କା ଲାଞ୍ଚ ଗ୍ରହଣ କରିଥିଲେ। ଅସାଧୁତା କାରଣରୁ ତାଙ୍କୁ ମଧ୍ୟ ଚାକିରିରୁ ବହିଷ୍କାର କରାଯାଇଛି। ଗଞ୍ଜାମ ଜିଲ୍ଲା ରୁରାଲ ୱାର୍କ୍ସ ଡିଭିଜନ-୨ର ଦିଗପହଣ୍ଡିସ୍ଥିତ ଅବସରପ୍ରାପ୍ତ ପୂର୍ବତନ ଜୁନିଅର ଇଞ୍ଜିନିୟର ତ୍ରିନାଥ ସେଠୀ ୯ ହଜାର ଟଙ୍କା ଲାଞ୍ଚ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଅସାଧୁତା କାରଣରୁ ତାଙ୍କ ପେନ୍‌ସନ୍‌କୁ ସ୍ଥାୟୀ ଭାବେ ବନ୍ଦ ରଖାଯାଇଛି। ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ୧୭୩ ଜଣ ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର ବା ବାଧ୍ୟତାମୂଳକ ଅବସର ଦିଆଯାଇଛି କିମ୍ବା ପେନ୍‌ସନକୁ ସ୍ଥାୟୀ ଭାବେ ସ୍ଥଗିତ ରଖାଯାଇଛି।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୫ - ୨୧ ଅଗଷ୍ଟ, ୨୦୨୨

# ଅର୍ଥନୀତିକୁ କାଳ ମାଗଣା ଯୋଜନା

ରାଜନୀତିର ଗୋଳିଆ ପାଣିରୁ କିଭଳି ଲାଭ ଉଠାଇହେବ ତାହା ହେଉଛି ଅସଲ ରାଜନୀତି। ଏଇ ଅଙ୍କରେ ବିଶ୍ୱାସ କରୁଥିବା ନେତା ସୁଯୋଗ ଅପେକ୍ଷାରେ ସର୍ବଦା ରହିଥାନ୍ତି। ତାହା ଓଡିଶା ହେଉ କି ବିହାର। ବିହାରର ମଖ୍ୟମନ୍ତ୍ରୀ ଭାବେ ଅଷ୍ଟମ ଥର ପାଇଁ ଶପଥ ନେଇଛନ୍ତି ନୀତୀଶ କୁମାର। ଆରଜେଡି ଓ ଅନ୍ୟ ଦଳ ସହ ମିଶି ନୂଆ ମହାମେଣ୍ଟ ସରକାର ଗଠନ କରିଛନ୍ତି। ବିଜେପି ବିହୀନ ସରକାର ଗଠନ କରି ନୀତୀଶ ମୁଖ୍ୟମନ୍ତ୍ରୀ ଓ ଆରଜେଡି ନେତା ତେଜସ୍ୱୀ ଯାଦବ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଦେଶ ଯେତେବେଳେ ସ୍ୱାଧୀନତାର ୭୫ବର୍ଷ ପାଳନ କରୁଛି, ସବୁ ଘରେ ତ୍ରିରଙ୍ଗା ଲଗାଇବାକୁ କୁହାଯାଉଛି,ଠିକ ସେତିକିବେଳେ ବିହାର ରାଜନୀତି ଓଲଟପାଲଟ ହୋଇଛି। ଏହାର କାରଣ କଣ ? କିଛି ରାଜନୀତି ବିଶେଷଜ୍ଞ କୁହନ୍ତି, ନୀତୀଶ ରାଷ୍ଟ୍ରପତି କିମ୍ବା ଉପରାଷ୍ଟ୍ରପତି ହେବା ଲକ୍ଷ୍ୟରେ ଥିଲେ। ହେଲେ ଏଥିରେ ଭାରତୀୟ ଜନତା ପାର୍ଟି ସହଯୋଗ କରିନଥିଲା। ତେଣୁ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ପରେ ହିଁ ନୀତୀଶଙ୍କ ମନ ପରିବର୍ତ୍ତନ ଘଟିଲା। ଆଉକେତେକ କହୁଛନ୍ତି ନୀତୀଶ ଜଣେ ପୋଖତ ରାଜନୀତି ଖେଳାଳି। ତେଣୁ ଦଳ ବଦଳ ତାଙ୍କ ପାଇଁ ଆଦୌ ନୂଆ ନୁହେଁ। କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ ଲାଲୁପ୍ରସାଦ ଯାଦବଙ୍କ ଏକ ପୁରୁଣା ଟ୍ୱିଟ ଉଖାରିଛନ୍ତି। ଯେଉଁଥିରେ ସେ ଲେଖିଛନ୍ତି-ନୀତୀଶ ଗୋଟେ ସାପ। ପ୍ରତି ଦୁଇବର୍ଷରେ ଥରେ ସାପ କାତି ଛଡ଼େଇଲା ଭଳି ନୀତୀଶ ରାଜନୀତିରେ କାତି ଛଡ଼ାନ୍ତି, ଏହା ତାଙ୍କ ପୁରୁଣା ଅଭ୍ୟାସ। ଏଥିସହ ସେ ଲେଖିଛନ୍ତି ଯେ, ସେହି ସାପ ଏବେ ବିଜେପି ଛାଡି ଲାଲୁଙ୍କ ଘରେ ପ୍ରବେଶ କରିଛି। ହେଲେ ନୀତୀଶ ଏନଡିଏରୁ ଓହରିବା ପରେ ବିଜେପିକୁ ନିଶ୍ଚୟ ଝଟକା ଲାଗିଛି। ଏହାର ପ୍ରଭାବ ଆସନ୍ତା ୨୦୨୪ ନିର୍ବାଚନରେ ପ୍ରତିଫଳିତ ହୋଇପାରେ। ମାତ୍ର ଏନଡ଼ିଏରୁ ନୀତୀଶ ଓହରିବାକୁ ନେଇ ଅନେକ କହୁଛନ୍ତି ଯେ,ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ନୂଆ ଚାଲ। କାରଣ ବୋଧେ ନୀତୀଶ ଏନଡିଏରେ ରୁହନ୍ତୁ ବୋଲି ଉଭୟ ଚାହୁଁନଥିଲେ। ଏପରି ହୋଇଥିଲେ ନୀତୀଶଙ୍କୁ ମନାଇବା ପାଇଁ କେହି କାହିଁକି ଚେଷ୍ଟା କଲେନାହିଁ। ନୀତୀଶଙ୍କୁ ନମନାଇବା ପଛରେ ବିଜେପିର ନୂଆ ରଣନୀତି। କାରଣ ଲୋଟସ ମିଶନ କାର୍ଣ୍ଣାଟକରୁ ଆରମ୍ଭ ହୋଇ ଏବେ ବିହାରରେ ପହଞ୍ଚିଛି। ଆଞ୍ଚଳିକ ଦଳ ଭିତରେ ଅସ୍ଥିରତା ସୃଷ୍ଟି କରି ବିଜେପିକୁ ସଂଖ୍ୟା ଗରିଷ୍ଠ କରିବା ହେଉଛି ଏହି ମିଶନର କାର୍ଯ୍ୟ। ନିକଟରେ ମହାରାଷ୍ଟ୍ରରେ ତାହା ପ୍ରମାଣିତ ହୋଇଛି। ଆଗକୁ ପଶ୍ଚିମବଙ୍ଗ ମଧ୍ୟ ଏହି ମିଶନର ସାମ୍ନା କରିବାକୁ ପଡିପାରେ। ଯେହେତୁ ବିହାରରେ ନୀତୀଶଙ୍କ ଜେଡିୟୁ ସଂଖ୍ୟା ଗରିଷ୍ଠତା ହାସଲ କରିପାରିନାହିଁ, ଅନ୍ୟ ସହ ମେଣ୍ଟ ନକଲେ ନୀତୀଶ ସରକାର ଗଠନ କରିପାରିବେନାହିଁ, ତେଣୁ ସେ ଅନ୍ୟର ସହଯୋଗ ନେଇ ମୁଖ୍ୟମନ୍ତ୍ରୀ ହେବାକୁ ପଛାଉ ନାହାନ୍ତି। ହେଲେ ଏଥିରେ ନୀତୀଶଙ୍କ ନୀତି, ଆଦର୍ଶ ନଥିବା ବେଶ ଜଣାପଡୁଛି।

ବାରମ୍ବାର ମେଣ୍ଟ ବଦଳାଇବାରେ ଅଭ୍ୟସ୍ତ ନୀତୀଶଙ୍କ ଶତପ୍ରତିଶତ ଲୋକପ୍ରିୟତା ନଥିବା ହେତୁ ହୁଏତ ସେ ଏକକ ସଂଖ୍ୟାଗରିଷ୍ଠତା ହାସଲ କରିବାରେ ସଫଳ ହେଉନାହାନ୍ତି। କିନ୍ତୁ ନିଜର ଚତୁରତା ବଳରେ

ସମ୍ବାଦକୀୟ
ତାରକ ମହାନ୍ତି



କୌଣସି ପ୍ରକାର କ୍ଷମତା ହାସଲ କରିନେଉଛନ୍ତି। ଗଣତନ୍ତ୍ରକୁ ଏଭଳି କ୍ଷମତା ଲୋଭୀ ରାଜନେତା ଦୁର୍ବଳ କରିଚାଲିଛନ୍ତି। ଯେଉଁମାନେ ଏମାନଙ୍କୁ ଉତ୍ତମ ନେତା ଭାବେ ଚୟନ କରୁଛନ୍ତି, ସେମାନଙ୍କ ଭୋଟ କେତେଦୂର ମର୍ଯ୍ୟାଦା ରଖୁଛି ତାହା ଚିନ୍ତା କରିବାର ସମୟ ଆସିଛି। ଦଳବଦଳ ରାଜନୀତି ନେତାଙ୍କ ଆଦର୍ଶ ବିହୀନ ରାଜନୀତିକୁ ସ୍ପଷ୍ଟ ସୂଚିତ କରେ। ଜନତା ନିର୍ଦ୍ଦିଷ୍ଟ ଦଳକୁ ଚୟନ କରି, ନେତାଙ୍କୁ ନିଜ ପସନ୍ଦର ଦର୍ଶାଉଥିଲା ବେଳେ ନେତା କିନ୍ତୁ ନିଜର ସ୍ୱାର୍ଥକୁ ଆଖି ଆଗରେ ରଖି ଦଳ ବଦଳ ପ୍ରକ୍ରିୟାରେ ସାମିଲ ହେଉଛନ୍ତି। ଯାହାଫଳରେ ଲୋକଙ୍କ ଆସ୍ଥା ଉପରେ ବିଶ୍ୱାସଘାତ ସଦୃଶ ଦଳ ପରିବର୍ତ୍ତନ କାର୍ଯ୍ୟ। ଗଣତନ୍ତ୍ରରେ ଲୋକଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି ହିଁ ଶାସନ କ୍ଷମତାରେ ରହିପାରିବେ।କିନ୍ତୁ ବର୍ତ୍ତମାନ ଯାହା ଦେଖିବାକୁ ମିଳୁଛି, ଗୋଟିଏ ଗୋଟିଏ ଦଳ ବା ଜଣେ ଜଣେ ନେତା କିଭଳି ଦୀର୍ଘବର୍ଷ କ୍ଷମତାରେ ରହିବେ ସେଥିପାଇଁ ଯୋଜନାମାନ ପ୍ରସ୍ତୁତ କରିଚାଲିଛନ୍ତି। ଏଥିରେ ସର୍ବାଗ୍ରେ ରହୁଛନ୍ତି ଆଞ୍ଚଳିକ ଦଳମାନେ। ସେମାନେ ଜାତୀୟ ଦଳକୁ ପଛରେ ପକାଇବାରେ ମଧ୍ୟ ସଫଳ ହେଉଛନ୍ତି। ଯେଉଁଥିପାଇଁ ଜାତୀୟ ଦଳ କ୍ଷତିଗ୍ରସ୍ତ ହେଉଥିବା ଜଣାପଡୁଛି। ସେହିହେତୁ ମୋଦିଙ୍କ ଦ୍ୱିତୀୟ ପାଳିରେ ବିଜେପି ନୂଆ ରଣନୀତି ପ୍ରସ୍ତୁତ କରି ଆଞ୍ଚଳିକ ଦଳ ଗୁଡିକୁ କିଭଳି ଦୁର୍ବଳ କରିହେବ ସେ ନେଇ ଖସଡା ପ୍ରସ୍ତୁତ କରୁଛି।

ଅମିତ ଶାହଙ୍କ ଏଭଳି ଯୋଜନା ବିଷୟରେ ବୋଧେ ଜାଣିବା ପରେ ନୀତୀଶ କୁମାର ନିଜ ଦଳର ଅସ୍ତିତ୍ୱ ବଞ୍ଚାଇବା ଲକ୍ଷ୍ୟରେ ବିଜେପି ଠାରୁ ନିଜକୁ ଦୂରେଇ ନେଲେ ବୋଲି ଆଲୋଚନା ହେଉଛି। କାରଣ ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ନୀତୀଶ ନିଜକୁ ପ୍ରଧାନମନ୍ତ୍ରୀ ଦାବିଦାର ପ୍ରାର୍ଥୀ ଭାବେ ଉପସ୍ଥାପିତ କରିବାକୁ ଚାହୁଁଛନ୍ତି ତାଙ୍କର ଲକ୍ଷ୍ୟ ବିରୋଧୀ ମେଣ୍ଟକୁ ଏକ କରି ସେ ୨୦୨୪ ନିର୍ବାଚନରେ ଲୋକସଭା ନିର୍ବାଚନ ଲଢ଼ି ପ୍ରଧାନମନ୍ତ୍ରୀ ହେବେ। ହେଲେ ଏଥିରେ ସେ କେତେଦୂର ସଫଳ ହେବେ ତାହା ସମୟ କହିବ। କିନ୍ତୁ ନୀତୀଶଙ୍କ ମନ ଭିତରେ ଏଭଳି କିଛି ଚିନ୍ତା ଜୋର ଧରିଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି। କେବଳ ନୀତୀଶ ନୁହନ୍ତି, ରାହୁଲ ଗାନ୍ଧୀ ମଧ୍ୟ ଜୋରଦାର ପ୍ରୟାସ କରୁଛନ୍ତି ଯେ, ମୋଦୀଙ୍କୁ କ୍ଷମତାରୁ ହଟାଇ ନିଜେ ପ୍ରଧାନମନ୍ତ୍ରୀ ହେବେ। ହେଲେ ଦେଶରେ ଏବେ କଂଗ୍ରେସର ଅବସ୍ଥା ଯାହା, ସେଥିରେ ସେ ବିଜେପିକୁ କ୍ଷମତାରୁ ହଟାଇବା ସହଜ ମନେହେଉନି। ଅନ୍ୟପକ୍ଷରେ ଆଞ୍ଚଳିକ ଦଳମାନେ ଯେଭଳି ମାଗଣା ବାଣ୍ଟିବା ଯୋଜନା ଜରିଆରେ ରାଜ୍ୟର ଋଣଭାର ବଢ଼ାଇ ଚାଲିଛନ୍ତି, ତାକୁ ନେଇ ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଜନକଲ୍ୟାଣ ଯୋଜନା ଓ ମାଗଣା ଦେବା ଯୋଜନା ଭିତରେ ଢ଼େର ପାର୍ଥକ୍ୟ ରହିଛି। ମାଗଣା ବାଣ୍ଟିବା ଭୋଟ ରାଜନୀତି ଦେଶର ଅର୍ଥନୀତିକୁ ଦୁର୍ବଳ କରୁଛି। କେନ୍ଦ୍ର ସରକାର ଗରିବଙ୍କ ପାଇଁ କରୁଥିବା ଯୋଜନାର କପି କରି ଅନେକ ରାଜ୍ୟ ଏହାର ନାମ ପରିବର୍ତ୍ତନ କରି ନିଜସ୍ୱ ଯୋଜନା ନାଁରେ ଭୋଟରଙ୍କୁ ଆକୃଷ୍ଟ କରୁଛନ୍ତି। ସାଧାରଣ ଲୋକ ଏ ନେଇ ନିରବ ରହୁଥିବାରୁ ଆଞ୍ଚଳିକ ଦଳ ନିଜ ସ୍ୱାର୍ଥ ହାସଲରେ ସଫଳ ହେଉଛନ୍ତି। କିନ୍ତୁ ଏହି ମାଗଣା ଯୋଜନା ଦ୍ୱାରା ଦେଶର ଅର୍ଥନୀତି ତଳିତଳାନ୍ତ ହେଉଛି। ଲୋକଙ୍କୁ ଯେଉଁ ସେବା ମାଗଣା ଦରକାର ତାହା ପ୍ରତି କେହି ଧ୍ୟାନ ନଦେଇ ଏଭଳି ଅନାବଶ୍ୟକ ମାଗଣା ଯୋଜନା ଜରିଆରେ ଭୋଟ ହାତେଇବା ରାଜନୀତି ଭବିଷ୍ୟତ ପାଇଁ ବଡ ବିପଦ ସୃଷ୍ଟି କରିବ। ମାଗଣା ଶିକ୍ଷା, ମାଗଣା ସ୍ୱାସ୍ଥ୍ୟ ସେବା ଏବଂ ମାଗଣା ନ୍ୟାୟ ପ୍ରଦାନ ଦିଗରେ ସରକାର ଯେବେ ଚିନ୍ତା କରନ୍ତେ ତେବେ ଦେଶର ଜନସାଧାରଣ ଉପକୃତ ହୋଇପାରନ୍ତେ। ତାହା ନକରି କେବଳ ଭୋଟକୁ ଆଖିଆଗରେ ରଖି ଯେଉଁ ମାଗଣା ଯୋଜନା ମାନ ଚାଲିଛି ତାହା ତୁରନ୍ତ ବନ୍ଦ ହେବା ଦରକାର।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଓଡିଶାର ପ୍ରଥମ ବାଚସ୍ପତି



ଅକ୍ଷୟ କୁମାର ରାଉତ

ଭାରତ ବର୍ଷର ସ୍ୱାଧିନତା ଆନ୍ଦୋଳନରେ ଅନେକ ସଂଗ୍ରାମୀ ବଳିପଡିଗଲେ। ସେମାନଙ୍କ ଭିତରୁ ଅନେକ ବିଦେଶୀ ସରକାରଙ୍କ ବିରୁଦ୍ଧରେ ଆପୋଷହୀନ ଭାବରେ ଲଢେଇ କରୁଥିଲେ। ଦେଶସେବା ଥିଲା ସେମାନଙ୍କର ଜୀବନର ବ୍ରତ। ଏହିଭଳି ଯେଉଁ କେତେଜଣ ଶେଷ ନିଃଶ୍ୱାସ ତ୍ୟାଗ ପୂର୍ବରୁ ନିଜ ନୀତିରୁ ବିଚ୍ୟୁତ ହୋଇ ନଥିଲେ। ମୁକୁନ୍ଦ ପ୍ରସାଦ ଦାସ ସେମାନଙ୍କ ଭିତରୁ ଥିଲେ ଅନ୍ୟତମ।

ବାଲେଶ୍ୱର ଜିଲ୍ଲାର ଗଣ୍ଡିବେଡ ନିକଟରେ ଏକ ଛୋଟ ଗାଁ ପାବର୍ତୀପୁର। ଏହି ଗାଁରେ ଏକ ସଂଭ୍ରାନ୍ତ କରଣ ବଂଶରେ ୧୮୮୭ ମସିହା ଅଗଷ୍ଟ ମାସ ୧୨ ତାରିଖରେ ହର ପ୍ରସାଦ ଦାସଙ୍କ ବଡ ପୁତ୍ରରୂପେ ଜନ୍ମ ଗ୍ରହଣ କଲେ ମୁକୁନ୍ଦ ପ୍ରସାଦ। ତାଙ୍କର ଦୁଇଭାଇ ଓ ଗୋଟିଏ ଭଉଣୀ ମଧ୍ୟ ଥିଲେ। ମୁକୁନ୍ଦ ପ୍ରାସଦ ଗାଁରୁ ପାଠପଢା ଆରମ୍ଭ କରି ସୋର ମାଇନର ସ୍କୁଲରେ ପାଠପଢିଲେ। ମାଲବାହୀ ରେଳଗାଡିରେ ବସି ମାଇନର ପରୀକ୍ଷା ଦେବା ପାଇଁ ଭଦ୍ରକ ଯାଇଥିଲେ। ମୁକୁନ୍ଦ ପ୍ରସାଦ ଜଣେ କୃତି ଛାତ୍ର ଥିଲେ।ସେ ତାଙ୍କର ପିଉସାଙ୍କ ନିକଟରେ ରହି ବାଲେଶ୍ୱର ମିଶନ ସ୍କୁଲରେ ମେଟ୍ରିକ ପାଠ ପଢୁଥିଲେ। ତାଙ୍କ ପିତା ଜଣେ ପ୍ରଥମିକ ଶିକ୍ଷକ ଥିବାରୁ ମୁକୁନ୍ଦ ପ୍ରସାଦ ପିଉସାଙ୍କ ଉପରେ ନିର୍ଭର କରୁଥିଲେ। ପିଉସା ମେସ୍ ଖର୍ଚ୍ଚ ବାବଦକୁ ଦିନକୁ ୬ ପଇସା ଦେଉଥିଲେ। ମୁକୁନ୍ଦ ପ୍ରସାଦ ଭଦ୍ରକରୁ ନୌକାରେ ଆସି କଟକରେ ମେଟ୍ରିକ ପରୀକ୍ଷା ଦେଇ ମେଟ୍ରିକ ପାସ୍ କରିଥିଲେ। ମୁକୁନ୍ଦ ପ୍ରସାଦ ଆର୍ଥିକ ଅଭାବ ଯୋଗୁ କଲେଜରେ ପଢିପାରି ନଥିଲେ। ସେ ଘରୋଇ ଭାବେ ପାଢପଢି କଲିକତାରେ ମୁକ୍ତ୍ୟାର ପରୀକ୍ଷା ଦେଇ ସଫଳାତାର ସହ କୃତ କାର୍ଯ୍ୟ ହେଲେ। ବାଲେଶ୍ୱରସ୍ଥ ଝାଡେଶ୍ୱର ମନ୍ଦିର ନିକଟରେ ଗୋଟିଏ ଭଡା ଘର ନେଇ ମୁକ୍ତ୍ୟାର କାର୍ଯ୍ୟ ଆରମ୍ଭ କରିଥିଲେ। ସେ ଥିଲେ ଜଣେ ସ୍ୱାଧୀନଚେତା ନିର୍ଭୀକ ସତ୍ୟର ପୂଜାରୀ ମଣିଷ, ଅତି କମ୍ ଦିନ ମଧ୍ୟରେ ସେ ଜଣେ ନାମଜାଦା ମୁକ୍ତ୍ୟାର ଓ ଆଇନଜୀବୀ ଭାବେ ବାଲେଶ୍ୱର ଜିଲ୍ଲାରେ ପ୍ରସିଦ୍ଧ ଲାଭ କଲେ । ଥରେ କୌଣସି ଏକ କେସ୍ ସମ୍ବନ୍ଧରେ କଲିକତା ଯାଇଥିଲେ, ଯିବା ପୂର୍ବରୁ ସମସ୍ତଙ୍କୁ କହିଥିଲେ ଯଦି ଏହି କେସ୍‌ରେ ସେ ହାରି ଯାଆନ୍ତି, ତେବେ ସେ ପବିତ୍ର ଗଙ୍ଗା ନଦୀରେ ଆତ୍ମ ବିସର୍ଜନ କରିବେ, କିନ୍ତୁ ସେ କେସ୍‌ରେ ବିଜୟୀ ହୋଇ ଖୁସିରେ ଘରକୁ ଫେରିଲେ।

ଦିନେ ବାଲେଶ୍ୱରର କଲେକ୍ଟର ଦେବ ସାହେବଙ୍କୁ ଏସ୍.ଡି.ଓ.ଙ୍କ କୋର୍ଟରେ ସାକ୍ଷୀ ଦେବାକୁ ପଡିଲା। ମୁକ୍ତ୍ୟାର ଭାବେ ମୁକୁନ୍ଦ ପ୍ରସାଦ ଦେଖିଲେ ଯେ କଲେକ୍ଟର ଏସ୍.ଡି.ଓ.ଙ୍କ ନିକଟରେ ଏକ ଚଉକି ଉପରେ ବସିଛନ୍ତି। ତେଣୁ ମୁକୁନ୍ଦ ପ୍ରସାଦ କିଛି ପଚାରି ପାରିଲେନାହିଁ। ବିଳମ୍ବ ହେତୁ ଏସ୍.ଡି.ଓ. ମୁକ୍ତ୍ୟାର ମୁକୁନ୍ଦ ପ୍ରସାଦଙ୍କୁ ପଚାରିଲେ ସାହେବ ତ ଅନେକ ବେଳୁ ଆସିଲେଣି। ଆପଣ ତାଙ୍କୁ ପଚାରିବାର ଯାହା ଅଛି ଡେରି ନ କରି ପଚାରନ୍ତୁ। ମାତ୍ର ମୁକ୍ତ୍ୟାର ଜଣକ ସ୍ପଷ୍ଟ ଭାବେ କହିଲେ- କଲେକ୍ଟର ସାକ୍ଷୀଦେବା ସ୍ଥାନରେ ଛିଡା ହେଲା ପରେ ସେ ତାଙ୍କୁ କିଛି ପଚାରିବେ। ଏହି କଥାରେ କଲେକ୍ଟର ସାହେବ ରାଗି, ସାକ୍ଷୀ ଗଡାକୁ ଯାଇ ଛିଡା ହେଲେ। ଏହାପରେ ମୁକ୍ତ୍ୟାର ତାଙ୍କୁ ଜେରା କରିଥିଲେ।ଏହି ନିର୍ଭୀକ ଓ ସ୍ପଷ୍ଟବାଦୀ ମୁକ୍ତ୍ୟାର ଜଣକ ହେଉଛନ୍ତି ଆମ ଓଡିଶା ବିଧାନସଭାର ପ୍ରଥମ ବାଚସ୍ପତି ଶ୍ରୀଯୁକ୍ତ ମୁକୁନ୍ଦ ପ୍ରସାଦ ଦାସ।

ମୁକୁନ୍ଦ ପ୍ରସାଦ କଠୋର ପରିଶ୍ରମ କରି ଜଣେ ସଫଳ ସଚ୍ଚୋଟ ଓ ନିଷ୍ଠାପର ଆଇନଜୀବୀ ଭାବେ ଦକ୍ଷତା ପ୍ରତିପାଦନ କରି ସାରିବା ପରେ, ବିଶିଷ୍ଟ ଆଇନଜୀବୀ ଶ୍ରୀଯୁକ୍ତ ଭାଗବତ ପ୍ରସାଦ ମହାପାତ୍ରଙ୍କ କନ୍ୟା ଜାହ୍ନବୀ ଦେବୀଙ୍କୁ ବିବାହ କରିଥିଲେ। ଜାହ୍ନବୀ ଦେବୀ ଥିଲେ ଜଣେ ନାରୀ ନେତ୍ରୀ। ପରବର୍ତୀ ସମୟରେ ସେ ମୁକୁନ୍ଦ ପ୍ରସାଦଙ୍କ ସହିତ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ।

ପରାଧିନ ଭରତ ବର୍ଷରେ ସାଧାରଣ ଲୋକେ ଇଂରେଜ ସରକାରଙ୍କ କଠୋର କୁଶାସନ ଓ ଅନ୍ୟାୟ ଅତ୍ୟାଚାରର ସମ୍ମୁଖୀନ ହେଉଥିଲେ। ମୁକୁନ୍ଦ ପ୍ରସାଦ ଆଇନ ମାଧ୍ୟମରେ ନିର୍ଭୀକ ସ୍ୱର ଉତୋଳନ କରି ଲୋକମାନଙ୍କୁ ନ୍ୟାୟ ପ୍ରଦାନ କରୁଥିଲେ। ବିନା ଅପରାଧରେ ସରଳ ସୁନ୍ଦର ଲୋକମାନେ ନାନା କଷ୍ଟ ଭୋଗ କରୁଥିଲେ। ମୁକୁନ୍ଦ ପ୍ରସାଦ ବିନା ପଇସାରେ ଅନେକ ମକଦ୍ଦମା ଲଢି ପ୍ରକୃତ ନ୍ୟାୟ ଲୋକମାନଙ୍କୁ ଦେଇ ପାରୁଥିଲେ। ଏଥିରେ ବାଲେଶ୍ୱର କଲେକ୍ଟର, ମୁକୁନ୍ଦ ପ୍ରସାଦଙ୍କ ଉପରେ ଅସନ୍ତୁଷ୍ଟ ହୋଇ ମିଥ୍ୟା ମକଦ୍ଦମା ଦାଏର କଲେ। ଏହି ମିଥ୍ୟା ମକଦ୍ଦମାରୁ ଉଦ୍ଧାର ପାଇବା ପାଇଁ ମୁକୁନ୍ଦ ପ୍ରସାଦ ମଧୁ ବାବୁଙ୍କର ସହାୟତା ଲୋଡିଲେ। ମୁକୁନ୍ଦ ପ୍ରସାଦଙ୍କ ବିଚାର ଦିନ ବାଲେଶ୍ୱର ଅଦାଲତରେ ମଧୁବାବୁ ପହଁଚି ଦେଖିଲେ ମିଶଲରେ ଜଜ୍‌ଙ୍କ ନିକଟରେ କଲେକ୍ଟର ବସିଛନ୍ତି। ତେଣୁ କାହାକୁ କିଛି ନକହି ଡାକ ବଙ୍ଗଳକୁ ଚାଲିଗଲେ। ଏହାପରେ ଜଜ୍ ବିବ୍ରତ ହୋଇ ପେସ୍କାରଙ୍କୁ ପ୍ରକୃତ କାରଣ କଣ ବୁଝିବା ପାଇଁ ମଧୁବାବୁଙ୍କ ନିକଟକୁ ପଠାଇଲେ। ମଧୁବାବୁ ପେସ୍କାରଙ୍କୁ ଦେଖି ଚଢା ଗଳାରେ କହିଲେ –"ତୁମ ଜଜଙ୍କୁ କହିଦେବ, ସେ ବ୍ରିଟିସ୍ କ୍ରାଉନଙ୍କୁ ଅପମାନିତ କରିଛନ୍ତି ଯେଉଁ ସରକାରୀ କର୍ମଚାରୀ କ୍ରାଇନଙ୍କୁ ଅପଦସ୍ତ କରେ, ସେ ସରକାରୀ କାର୍ଯ୍ୟ କରିବା ପାଇଁ ଯୋଗ୍ୟ ନୁହେଁ। ତେଣୁ ତୁମ ଜଜ୍ ତାଙ୍କ ପଦବୀରେ ରହିବା ଅନୁଚିତ"।" ଜଜ୍ ମୁଦାଲାକୁ ନିଜ ପାଖରେ ମିଶଲରେ ବସାଇ ଅନ୍ୟାୟ କରିଛନ୍ତି, ତେଣୁ ମୁଁ ଚାଲି ଆସିଲି " ପେସ୍କାର ମଧୁବାବୁଙ୍କ କଥା ଜଜ୍‌ଙ୍କୁ ଜଣାଇବାରୁ ଜଜ୍ ନିଜର ଭୁଲ ବୁଝିପାରିଲେ ଓ ମଧୁବାବୁଙ୍କୁ ବଙ୍ଗଳାରେ ଦେଖାକରି ଭୁଲ ସ୍ୱୀକାର କଲେ। ଯଥା ସମୟରେ ଜଜ୍ ନିଜର ରାୟ ଘୋଷଣା କରି ମୁକୁନ୍ଦ ପ୍ରସାଦଙ୍କୁ ନିର୍ଦ୍ଦୋଷରେ ଖଲାସ କଲେ।

ମୁକୁନ୍ଦ ପ୍ରସାଦ ଛାତ୍ର ଥିବା ବେଳେ ୧୯୦୭ ମସିହାରେ ଉତ୍କଳ ୟୁନିୟନ କଂଗ୍ରେସ ଦ୍ୱାରା ପରିଚାଳିତ ଦେଶ ମିଶ୍ରଣ ଆନ୍ଦୋଳନରେ ଯୋଗ ଦେଇଥିଲେ। ବ୍ରିଟିଶ ଶାସକଙ୍କ ଅନ୍ୟାୟ,ଅତ୍ୟାଚାର ଓ ଶୋଷଣ ବିରୁଦ୍ଧରେ ସଂଗ୍ରାମ ଚଳାଇଥିଲେ। ଜଣେ ବିଶିଷ୍ଟ ସମାଜ ସେବୀ ଓ ସ୍ୱାଧୀନତା ସଂଗ୍ରାମୀ ଭାବରେ ତାଙ୍କର ପତ୍ନୀ, ପୁତ୍ର ଓ କନ୍ୟା ସମସ୍ତଙ୍କୁ ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରାଇଥିଲ। ସେ ହରେକୃଷ୍ଣ ମହତାବଙ୍କର ଜଣେ ଘନିଷ୍ଟ ସହଯୋଗୀ ହୋଇଯାଇଥିଲେ। ମୁକୁନ୍ଦ ପ୍ରସାଦଙ୍କ ବାସଭବନ ପାଲଟି ଯାଇଥିଲା, କଂଗ୍ରେସର ବହୁନେତା ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଘରୋଇ ଅଫିସ୍। ତାଙ୍କ ଘରେ ମହାତ୍ମା ଗାନ୍ଧୀ, ଜୟପ୍ରକାଶ ନାରାୟଣ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ପ୍ରମୁଖ ଅନେକ ବଡ ବଡ ଜାତୀୟବାଦୀ ନେତା ଅତିଥି ହୋଇଥିଲେ। ଉତ୍କଳ ସମ୍ମିଳନୀରେ ମୁକୁନ୍ଦ ପ୍ରସାଦ ଓଡିଶାର ଗମନାଗମନ, ବାଣିଜ୍ୟ ଓ ଶିକ୍ଷାର ଉପରେ ଗୁରୁତ୍ୱ ଦେଉଥିଲେ।

ଥରେ ମୁକୁନ୍ଦ ପ୍ରସାଦଙ୍କୁ ଇଂରଜ ସରକାର ରାଜଦ୍ରୋହ ଅପରାଧରେ ଅଭିଯୁକ୍ତ କଲେ। ଏହି କେସ୍‌ରେ ଲଢିବା ପାଇଁ ବିଶିଷ୍ଟ ଆଇନଜ୍ଞ ଓ ସ୍ୱାଧୀନତା ସଂଗ୍ରାମୀ ଚିତରଂଜନ ଦାସ ଦାୟିତ୍ୱ ନେଲେ, ବହୁଦିନ ପର୍ଯ୍ୟନ୍ତ ବିଚାର ଚାଲିଲା। ଶେଷରେ ମୁକୁନ୍ଦ ପ୍ରସାଦ ନିର୍ଦ୍ଦୋଷରେ ଖଲାସ ହେଲେ।

୧୯୨୭ ମସିହାରେ ମହାତ୍ମା ଗାନ୍ଧୀ ଓଡିଶା ଗସ୍ତରେ ଆସି ଡିସେମ୍ବର ୧୪ ତାରିଖ ଦିନ ମୁକୁନ୍ଦ ପ୍ରସାଦଙ୍କ ଘରେ ଅତିଥି ହୋଇ, ବାଲେଶ୍ୱରର ବିଭିନ୍ନ ସଭାସମିତିମାନଙ୍କରେ ଭାଷଣ ଦେଇଥିଲେ । ମୁକୁନ୍ଦ ପ୍ରସାଦ ବାଲେଶ୍ୱର ଷ୍ଟେସନ ପଡିଆଠାରେ ଏକ ବିରାଟ ସଭାର ଆୟୋଜନ କରିଥିଲେ। ମହାତ୍ମା ଗାନ୍ଧୀ ଏହି ସଭାରେ ଭାଷଣ ଦେଇଥିଲେ। ଏହି ସଭାରେ ମୁକୁନ୍ଦ ପ୍ରସାଦଙ୍କ ପତ୍ନୀ ଜାହ୍ନବୀ ଦେବୀ, ସୁଭଦ୍ରା ମହତାବ, ନନ୍ଦକିଶୋର ଦାସଓ ନୀଳାମ୍ବର ଦାସ ସମେତ ବହୁ ବିଶିଷ୍ଟ ନେତା ଓ କଂଗ୍ରେସର କର୍ମୀ ଯୋଗ ଦେଇ ଥିଲେ। ଏହାପରେ ମୁକୁନ୍ଦ ପ୍ରସାଦ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଇନ ବ୍ୟବସାୟଙ୍କୁ ପରିତ୍ୟାଗ କରି ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ।

୧୯୨୮ ମସିହାରେ କଲିକତା ଠାରେ ଅନୁଷ୍ଠିତ ଜାତୀୟ କଂଗ୍ରେସର ଅଧିବେଶନରେ ମୁକୁନ୍ଦ ପ୍ରସାଦଙ୍କ ପତ୍ନୀ ଜାହ୍ନବୀ ଦେବୀ, କୋକିଳ ଦେବୀ,ସରଳା ଦେବୀ, ରମାଦେବୀ ଓ ସରୋଜିନୀ ଚୌଧୁରୀ ଆଦି ନାରୀ ନେତ୍ରୀମାନେ ଓଡିଶାରୁ ପ୍ରତିନିଧିତ୍ୱ କରିଥିଲେ। ୧୯୩୦ ମସିହାରେ ଇଂଚୁଡିଠାରେ ଲବଣ ସତ୍ୟାଗ୍ରହରେ ମୁକୁନ୍ଦ ପ୍ରସାଦ, ଗୋପବନ୍ଧୁ ଚୌଧୁରୀ, ମାଳତୀ ଚୌଧୁରୀ, ରମାଦେବୀ,ଜାହ୍ନବୀ ଦେବୀ ଓ କୋକିଳ ଦେବୀ ଯୋଗଦେଇଥିଲେ। ମୁକୁନ୍ଦ ପ୍ରସାଦଙ୍କ ପତ୍ନୀ ଜାହ୍ନବୀ ଦେବୀ ଗିରଫ ହୋଇ କାରାବରଣ କରିଥିଲେ। କିନ୍ତୁ ମୁକୁନ୍ଦ ପ୍ରସାଦମାଜିଷ୍ଟ୍ରେଟଜ୍ଞାନ ବାବୁଙ୍କ ସହାୟତାରେ ଖଲାସ ହୋଇଯାଇଥିଲେ। ମୁକୁନ୍ଦ ପ୍ରସାଦଙ୍କ ସହଯୋଗରେ ୧୯୩୧ ମସିହାରେ ବାଲେଶ୍ୱରଠାରେ ଓଡିଶାର ପ୍ରଥମ ଉତ୍କଳ ମହିଳା ସମ୍ମିଳନୀ ଅନଷ୍ଠିତ ହୋଇଥିଲା ଏଥିରେ ଅଭ୍ୟର୍ଥନା ସମିତିର ଅଧକ୍ଷ ଥିଲେ ଶ୍ରୀମତୀ ଜାହ୍ନବୀ ଦେବୀ । ୧୯୪୨ ମସିହାରେ "ଭାରତଛାଡ" ଆନ୍ଦୋଳନରେ ବହୁ ନେତା ଗିରଫ ହୋଇଥିଲେ, ଏଥିରେ ମୁକୁନ୍ଦ ପ୍ରସାଦଙ୍କ ପତ୍ନୀ ଶ୍ରୀମତୀ ଜାହ୍ନବୀ ଦେବୀ କାରାବରଣ କରିଥିଲେ। ସ୍ୱାମୀ ମୁକୁନ୍ଦ ପ୍ରସାଦଙ୍କ ପ୍ରେରଣା ଯୋଗୁ ଜାହ୍ନବୀ ଦେବୀ ସ୍ୱାଧିନତା ଆନ୍ଦୋଳନରେ ବହୁବାର ଗିରଫ ହୋଇଥିଲେ। ହଜାରୀବାଗ୍ ଜେଲରୁ ଖଲାସ ହୋଇ ଓଡିଶା କଂଗ୍ରେସର ନେତାମାନେ ପ୍ରଥମେ ମୁକୁନ୍ଦ ପ୍ରସାଦଙ୍କୁ ସାକ୍ଷାତ କରୁଥିଲେ। ମୁକୁନ୍ଦ ପ୍ରସାଦ ସେମାନଙ୍କର ରହିବା,ଖାଇବ ଓ ସୁବିଧା ଅସୁବିଧାର ସମସ୍ତ ଖର୍ଚ୍ଚ ବହନ କରୁଥିଲେ। ବ୍ରିଟିଶ ସରକାରଙ୍କ ୧୯୩୫ ମସିହା ଭାରତ ଆଇନ୍ ଅନୁଯାୟୀ ଓଡିଶା ବିହାରରୁ ଅଲଗା ହୋଇ, ୧୯୩୬ ମସିହା ଏପ୍ରିଲ ପହିଲା ଦିନ ବିଧିବଦ୍ଧ ଭାବେ ଓଡିଶା ସ୍ୱତନ୍ତ୍ର ରାଜ୍ୟ ରୂପେ ଘୋଷିତ ହେଲା। ତେଣୁ ରାଜ୍ୟ ବିଧାନସଭାର ୬୦ଟି ଆସନ ନିମନ୍ତେ ନିର୍ବାଚନ କରାଗଲା। ଏହି ନିର୍ବାଚନରେ କଂଗ୍ରେସ ସଂଖ୍ୟା ଗରିଷ୍ଠତା ଲାଭ କରିଥିଲେ ମଧ୍ୟ ସଂଖ୍ୟାଲଘୁ ବିରୋଧି ଦଳର ନେତା ପାରଳାଖେମୁଣ୍ଡିର ମହାରାଜ କୃଷ୍ଣଚନ୍ଦ୍ର ଗଜପତି ଓଡିଶାର ପ୍ରଧାନମନ୍ତ୍ରୀ ଓ ମୁକୁନ୍ଦ ପ୍ରସାଦ ଦାସ ପ୍ରଥମ ବାଚସ୍ପତି ଭାବରେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ। ରେଭେନସା କଲେଜରେ ବିଧାନସଭାର ପ୍ରଥମ ଅଧିବେଶନ ୧୯୩୭ ମସିହା ଜୁଲାଇ ୨୮ ତାରିଖ ଦିନ ବସିଥିଲା। ପ୍ରଥମ ବାଚସ୍ପତି ମୁକୁନ୍ଦ ପ୍ରସାଦ ବିଧାନସଭାର ସମସ୍ତ ସଭ୍ୟଙ୍କୁ ଠିଆହୋଇ 'ବନ୍ଦେ ମାତରମ୍' ଗାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବାଚସ୍ପତି ଭାବରେ ଓଡିଶାର ସମସ୍ତ ବିଚ୍ଛିନ୍ନାଂଚଳକୁ ଓଡିଶାରେ ମିଶେଇବା ପାଇଁ ଅବିରତ ଚେଷ୍ଟା ଚଳାଇଥିଲେ।ବାଚସ୍ପତି ଭାବରେ ବିଧାନସଭାରେ ବ୍ୟବହୃତ ଭାଷା ପ୍ରଶ୍ନୋତର, ତର୍କ-ବିତର୍କ ଆଦି ନିୟମ, ଆଦର୍ଶ ଓ ପରମ୍ପରା ଉପରେ ତାଙ୍କର ଗଭୀର ଦକ୍ଷତା ଥିଲା। ତାଙ୍କରଅନେକ ଉପାଦେୟ ନିଷ୍ପତି ବିଧାନସଭାର ଗୌରବ ବୃଦ୍ଧି କରିଥିଲା। ପରବର୍ତିକାଳରେ ମୁକୁନ୍ଦ ପ୍ରସାଦ ବାଚସ୍ପତି ମାନଙ୍କ ନିମନ୍ତେ ଆଦର୍ଶ ହୋଇଯାଇଥିଲେ।

୧୯୬୦ ମସିହାରେ ବିଶ୍ୱକୃଷି ପ୍ରଦର୍ଶନୀ ଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡିଶାରୁ ମୁକୁନ୍ଦ ପ୍ରସାଦ ପ୍ରତିନିଧି ରୂପେ ଯୋଗଦେଇ କୃଷିର ବିକାଶ ପାଇଁ କେତେକ ସଂସ୍କାରମୂଳକ କାର୍ଯ୍ୟ କରିଥିଲେ। ତାଙ୍କ ଗ୍ରାମରେ ପ୍ରଥମେ ଜାପାନୀ କଳ ଲଙ୍ଗଳ ସାହାର୍ଯ୍ୟରେ ଚାଷ କରିଥିଲେ। କୃଷି ବ୍ୟତୀତ ଓଡିଆ ଭାଷା, ସାହିତ୍ୟ,ସଂସ୍କୃତି,ପରମ୍ପରା ଓ ସଙ୍ଗୀତର ବହୁ ଉନ୍ନତି ସାଧିତ କରିଥିଲେ। ସେ ଏକ ରାଧାଗୋବିନ୍ଦ ମନ୍ଦିର ପ୍ରତିଷ୍ଠା କରିଥିଲେ। ତାଙ୍କର ୨ ପୁତ୍ର ଗୌର ଗୋପାଳ ଓ ନଟ ଗୋପାଳ। ନଟ ଗୋପାଳଙ୍କ ଅକାଳ ମୃତ୍ୟୁରେ, ସେ 'ନଟଗୋପାଳ' ନାମରେ ଗୋଟିଏ ନୃତ୍ୟ ସଙ୍ଗୀତ ଅନୁଷ୍ଠାନ ଗଢିଥିଲେ।

ମୁକୁନ୍ଦ ପ୍ରସାଦ ଜଣେ ସଂଗ୍ରାମୀ, ନିର୍ଭୀକ,ସ୍ପଷ୍ଟବାଦୀ, ଆଦର୍ଶ ଓ ସରଳ ମଣିଷ ଥିଲେ। ଏହି ନିଷ୍କପଟ ସରଳ ଉତ୍କଳ ମାତାର ବରପୁତ୍ର ୧୯୬୯ ମସିହା ନଭେମ୍ବର ମାସ ୭ ତାରିଖ ରେ ଆମଠାରୁ ଚିରଦିନ ପାଇଁ ବିଦାୟ ନେଇଥିଲେ।

ପାରାଦ୍ୱୀପଗଡ,କୁଜଙ୍ଗ,ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

# ଓଡିଶା ମାଟିର ସମ୍ଭ୍ରାନ୍ତ ପୁତ୍ର ଗଙ୍ଗାଧର ମେହେର



ଅସିତ ମହାନ୍ତି

୧୮୬୨ ମସିହାରେ ସମ୍ବଲପୁର ଜିଲା (ବର୍ତ୍ତମାନ ବରଗଡ଼) ବରପାଲିର ଏକ ଗରିବ ବୁଣାକାର ପରିବାରରେ ଜନ୍ମ ହୋଇଥିବା ଗଙ୍ଗାଧର ମେହେରଙ୍କୁ (୯ ଅଗଷ୍ଟ ୧୮୬୨ - ୪ ଅପ୍ରେଲ ୧୯୨୪) ଓଡିଆ ସାହିତ୍ୟର ଅନ୍ୟତମ ରତ୍ନ ଭାବରେ ବିବେଚନା କରାଯାଏ। ସେ ସ୍ନେହରେ 'ପ୍ରକୃତି କବି' ଭାବରେ ମଧ୍ୟ ଜଣାଶୁଣା। ଏହି କବିଙ୍କୁ ପ୍ରତିଭାବାନ ଭାବରେ ବିବେଚନା କରାଯାଉଥିଲା ଯେହେତୁ ତାଙ୍କର ସାହିତ୍ୟିକ କାର୍ଯ୍ୟ ପଣ୍ଡିତମାନଙ୍କ ପାଇଁ ବିଶ୍ଳେଷଣ କରିବା କଷ୍ଟସାଧ ଥିଲା ଯେତେବେଳେ ସେ ମାତ୍ର ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷିତ ହୋଇଥିଲେ। ସୌନ୍ଦର୍ଯ୍ୟ ଏବଂ ସୁନ୍ଦର ପ୍ରକୃତିର ନିଜର ବାସ୍ତବବାଦୀ ଭାବନା ଯୋଗୁ ଗଙ୍ଗାଧର ମେହେର ବିଶିଷ୍ଟ କବି ତଥା ସମ୍ଭ୍ରାନ୍ତ ପୁତ୍ର ଯୁଗ ଯୁଗରେ ତାଙ୍କର ଆକର୍ଷଣୀୟ ଏବଂ ଚିତ୍ରଣ ବର୍ଣ୍ଣନା ମାଧ୍ୟମରେ ପାଠକମାନଙ୍କ ମନରେ ଗଭୀର ଆନନ୍ଦ ଏବଂ ଗଭୀର ଭାବନା ସୃଷ୍ଟି କରିଥିଲେ। ସମସାମୟିକ ସାହିତ୍ୟିକ ଦୃଶ୍ୟ କଳାର ଆତ୍ମା ଏବଂ ଶକ୍ତିଶାଳୀ ବହୁମୁଖୀ ଶୈଳୀ ଏହାର ପଦବୀରେ ଏକ ସ୍ୱତନ୍ତ୍ର ଶ୍ରେଣୀ ପାଇବାକୁ ଯୋଗ୍ୟ। ପ୍ରକୃତି କବି ଭାବରେ ଜଣାଶୁଣା ଗଙ୍ଗାଧର ମେହେର୍ ସୃଷ୍ଟିରେ ବହୁ ଅଳଙ୍କାର ଭାଷା ରଚନା, ସରଳ ଏବଂ ରୂପାୟନ ରହିଛି ଯାହା ପାଇଁ ଅନେକ ସମାଲୋଚକ ତାଙ୍କୁ ସେଲି, ବାଇରନ୍ ଏବଂ କିଟ୍ସ ପରି ମହାନ କବିମାନଙ୍କ ସହିତ ତୁଳନା କରନ୍ତି। କିନ୍ତୁ ତାଙ୍କର ଶୈଳୀ ବହୁତ ସ୍ୱତନ୍ତ୍ର ଥିଲା ଏବଂ ଏହାର କୌଣସି ତୁଳନା କରିବାର ଆବଶ୍ୟକତା ନାହିଁ। ସେ ଦେଶଭକ୍ତି, ସାମାଜିକ ସଂସ୍କାରମୂଳକ, ଗୀତ, ଭକ୍ତି ଗୀତ, ନୈତିକତା ଏବଂ ଜୀବନର ସମସ୍ତ ଦିଗକୁ ଆଚ୍ଛାଦନ କରିଥିବା ବିଷୟରେ ନିଜର କଲମ ଚଳାଇଛନ୍ତି। ସେ କୃଷିର ସୂତ୍ର ବା ପଦ୍ଧତି ରଚନା କରିଛନ୍ତି ଏବଂ ସର୍ବୋପରି ତାଙ୍କର କଳ୍ପନା ଏବଂ ପ୍ରକୃତିର ବର୍ଣ୍ଣନା ଅତ୍ୟନ୍ତ ପ୍ରଭାବଶାଳୀ। ସେ ଓଡିଆ ସାହିତ୍ୟର କିମ୍ବଦନ୍ତୀ କବି କବିବର ରାଧନାଥା ରୟଙ୍କ ସମସାମୟିକ ଥିଲେ। ତାଙ୍କ ଲେଖା ଗୁଡିକୁ ପଢିଲେ ଅନୁଭବ ହୁଏ ଯେ ପ୍ରକୃତି ଠାରୁ କେହି ଉର୍ଦ୍ଧରେ ନୁହେଁ, ଅର୍ଥାତ ପ୍ରକୃତିର ପ୍ରଭାବ ମାନବ ତଥା ଜୀବଜଗତ ସହିତ ଓତ ପ୍ରୋତ ଭାବେ ଜଡିତ। ତେଣୁ ପ୍ରକୃତି ବାହାରେ କିଛି ଜିନିଷ ଯଦି ଲେଖାଯାଏ ତେବେ ତାହା ନିଛକ କଳ୍ପନା ଛଡା ଆଉକିଛି ହୋଇପାରିବ ନାହିଁ। କଳ୍ପନା ଉପରେ ନିର୍ଭର କରି ମାନବ ସଭ୍ୟତା ଆଗକୁ ବଢ଼ିପାରିବ ନାହିଁ। ମାନବ ସଭ୍ୟତାର ବିକାଶ ପ୍ରକୃତି ସହିତ ଲଢେଇ ମାଧ୍ୟମରେ ହୋଇଛି, ତେଣୁ ଆଜି ସେ ସଭ୍ୟ ମନୁଷ୍ୟ। ଏହାହିଁ ହେଉଛି କାରଣ, ମେହେରଙ୍କୁ ପ୍ରକୃତି କବି ବୋଲି କୁହାଯାଏ। ଇତିହାସ ପୃଷ୍ଠା ଲେଉଟାଇଲେ ଜଣାଯାଏ, ଏଇ ଓଡ଼ିଶାରେ ଦିନେ ମୁକୁନ୍ଦଦେବ ଗଙ୍ଗାନଦୀକୁ ଓଡିଶାକୁ ଆଣିବାକୁ ତପସ୍ୟାରେ ବସିଲେ ଏବଂ ଘୋଷଣା କଲେ ଯିଏ ମୋ ତପସ୍ୟା ଭଙ୍ଗ କରିବ, ତାକୁ ଦୁଇ ଖଣ୍ଡ କରିଦେବି। ରାଜାଙ୍କ ତପସ୍ୟା ଦିନ ପରେ ଦିନ ବଢିଚାଲିଲା। ଗଙ୍ଗା କିନ୍ତୁ ଓଡିଶା ଆସିଲା ନାହିଁ। ସେନାପତି କହିଲେ, ମୋ ଗଣ୍ଡି ବରଂ ଦି ଗଡ଼ ହେଉ, ରାଜା ତପସ୍ୟା ଭାଙ୍ଗନ୍ତୁ। ମନ୍ତ୍ରୀ କହିଲେ, ନା - ନା ବରଂ ବଂଶୀ ବାଦନ କରାଯାଇ ରାଜାଙ୍କ ତପସ୍ୟା ଭଙ୍ଗ କରାଯାଉ। ସେଇଆ ହେଲା। ରାଜାଙ୍କ ତପସ୍ୟା ଭଙ୍ଗ ହେଲା। ଯିଏ ତାଙ୍କ ତପସ୍ୟା ଭଙ୍ଗ କଲା, ରାଜା ତାକୁ ଦୁଇ ଖଣ୍ଡ କରିବାକୁ ଆଦେଶ ଦେଲେ। ମନ୍ତ୍ରୀ କହିଲେ, ହୁଜୁରଙ୍କ ତପସ୍ୟା ଏଇ ବଂଶୀ ଖଣ୍ଡକ ଭଙ୍ଗ କରିଛି , ତେଣୁ ବଂଶୀକୁ ଦି ଖଣ୍ଡ କରାଯାଉ। ସେଇଆ ମଧ୍ୟ ହେଲା। ଏଠାରେ ପ୍ରବାଦ ଅବତାରଣା କରିବାର ଉଦ୍ଦେଶ୍ୟ ହେଲା , ଓଡିଶାକୁ ରାଜା ସିନା ଗଙ୍ଗା ନଦୀକୁ ଆଣିପାରିଲେ ନାହିଁ, କିନ୍ତୁ ଗଙ୍ଗାଧର ମେହେର ସାରା ଭାରତରେ ଗଙ୍ଗାଜଳ ଛିଂଚି ଦେଲେ, ଗଙ୍ଗାଧରଙ୍କ ପବିତ୍ର ଗଙ୍ଗାଜଳରେ ଓଡିଶା ସିକ୍ତ ହେଲା। ଗଙ୍ଗାଧରଙ୍କ ହୃଦୟରୁ ଯେଉଁ ଜଳ ଉସରିତ ହେଲା,ତାହା ପ୍ରକୃତରେ 'ଗଙ୍ଗାଧାର'। ଗଙ୍ଗାଧର ମେହେରଙ୍କ ପ୍ରାଞ୍ଜଳ ପଦାବଳୀ ଅଧିକାଂଶ ସ୍କୁଲରେ ହଷ୍ଟେଲରେ ପ୍ରାର୍ଥନା ବେଳେ ସମସ୍ୱରରେ ସ୍ପନ୍ଦିତ ହୁଏ। 'ମଙ୍ଗଳେ ଅଇଲା ଉଷା' ଏବେବି ଗୁଞ୍ଜରଣ ସୃଷ୍ଟି କରେ। ତାଙ୍କ ତପସ୍ୱିନୀ, ପ୍ରଣୟ ବଲ୍ଲରୀ, ଇନ୍ଦୁମତୀ, ରସରତ୍ନାକର ଓ କିଚକ ବଦ୍ଧ ଭଳି କାବ୍ୟ ଭାରତୀୟ ଭାଷା ସାହିତ୍ୟରେ ସ୍ୱତନ୍ତ୍ର ସ୍ଥାନ ଦଖଲ କରିଛି . ଏହି କାବ୍ୟ ପୁସ୍ତକ ଅଧିକାଂଶ ହିନ୍ଦୀ ଓ ଇଂରାଜୀ ଭାଷାରେ ମଧ୍ୟ ଅନୁବାଦ ହୋଇସାରିଛି। ଗଙ୍ଗାଧର ମେହେରଙ୍କୁ ଆମେ ପିଲାଦିନୁ ସ୍କୁଲ ଛାତ୍ରାବସ୍ଥାରୁ ସ୍ୱଭାବ କବି ବୋଲି ଶୁଣି ଆସୁଛୁ , କିନ୍ତୁ ଏହି ସ୍ୱଭାବ କବିଙ୍କ ପାଇଁ ଅଭାବର ମରୁଭୂମିରେ କିପରି 'ଭାବ' ଫୁଟି ଉଠିଛି ଦେଖନ୍ତୁ -'ଦରିଦ୍ରତା ପଙ୍କପୂର୍ଣ୍ଣ ମୋ ଜୀବନସର/ଜଞ୍ଜାଳ ଜଳଦ ଜାଳେ ଆବିଳ ଉଦର। ୧୮୬୨ ରେ ପଶ୍ଚିମ ଓଡିଶାର ବରପାଲିରେ ଜନ୍ମିତ ଗଙ୍ଗାଧର ମେହେର ମାତ୍ର ୬୨ ବର୍ଷ ବୟସରେ ତାଙ୍କ ଖେଳଲୀଳା ସାରି ବାହୁଡ଼ିଗଲେ। ଛାଡିଦେଇଗଲେ ଅମୁଲ୍ୟ ସମ୍ପଦ। ଆମେ ରବିନ୍ଦ୍ରନାଥ ଠାକୁରଙ୍କୁ ବିଶ୍ୱକବି ବୋଲି ଜାଣୁ। ରବି ଠାକୁର ଗଙ୍ଗାନଦୀର ନୀଳ ଜଳ ତରଙ୍ଗକୁ ବାରମ୍ବାର ଉପଭୋଗ କରିଛନ୍ତି। ଗଙ୍ଗା ଜଳ ରବି ଠାକୁରଙ୍କୁ ପବିତ୍ର କରିଛି , କିନ୍ତୁ ଓଡ଼ିଶାର 'ଟାଗୋର' ଗଙ୍ଗାଧର ମେହେର ନିଜ ରାଜ୍ୟର ମାଟି ପାଣି ପବନରେ ବିଭୋର ହୋଇ ଯେଉଁ କାବ୍ୟକବିତା ରଚନା କରିଗଲେ ,ତାହା ରବି ଠାକୁରଙ୍କ କାବ୍ୟଠାରୁ କୌଣସି ଗୁଣରେ କମ ନୁହେଁ। ଆମେ ସବୁ ହତଭାଗ୍ୟ ଓଡ଼ିଆ, ଗଙ୍ଗାଧର ମେହେରଙ୍କୁ ବିଶ୍ୱ ସାହିତ୍ୟରେ ପରିଚିତ କରାଇବାକୁ ସକ୍ଷମ ହୋଇପାରିଲେ ନାହିଁ। କେବଳ ଯାହା ପାଠ୍ୟପୁସ୍ତକରେ ମହାବିଦ୍ୟାଳୟରେ ତାଙ୍କ ନାମ ଯୋଡ଼ାଗଲା। ପରାଧୀନ ଭାରତ ବର୍ଷରେ ବ୍ରିଟିଶ ସାମ୍ରାଜ୍ୟବାଦୀଙ୍କ ଭୟଙ୍କର ରାଜୁତିର ଦମନଲୀଳାରେ କେବଳ ସାଧାରଣ ଲୋକେ ନୁହନ୍ତି , ସାମନ୍ତବାଦୀ ରାଜା ଜମିଦାରମାନେ ସୁଦ୍ଧା ତ୍ରାହି ତ୍ରାହି ଡାକୁଥିଲେ, ଠିକ ସେତିକିବେଳେ ଯୋଗଜନ୍ମା ଗଙ୍ଗାଧର ଭୂମିଷ୍ଠ ହେଲେ। ଏଇ ଓଡ଼ିଶାର ଜନଗଣ ଯୁଗଯୁଗ ଧରି କେତେ ଯେ ଗୋଲାମୀ ଖଟିଛନ୍ତି , ତାର କଳନା ନାହିଁ। ସମସ୍ତ ପ୍ରକାର ଦୁଃଖ, ଯାତନା, ଅପମାନ, ଶୋଷଣ, କଷଣ, ଅତ୍ୟାଚାର ଭିତରେ ଗଙ୍ଗାଧର ମେହେର ଜୀବନର ଅପୂର୍ବ ଅର୍ଥ ସୃଷ୍ଟି କରିବା ଆଶ୍ଚର୍ଯ୍ୟଜନକ ମନେହୁଏ। ତାଙ୍କର ଜୀବନକ୍ଷେତ୍ର, ସାହିତ୍ୟକ୍ଷେତ୍ର, ଧର୍ମକ୍ଷେତ୍ର, ଯୁଦ୍ଧକ୍ଷେତ୍ର ସବୁ ଏକପ୍ରକାର ହୋଇଯାଇଛି। ସେ ସୃଷ୍ଟି କରିଛନ୍ତି ଅପୂର୍ବ ଛନ୍ଦରେ, ଅମୃତମୟ କରିଦେଛନ୍ତି ଭାରତୀୟ ଭାଷା ସାହିତ୍ୟକୁ . ସ୍ୱଭାବ କବିଙ୍କର ଘରଦ୍ୱାର, ଜମିବାଡ଼ି, ଧାନସମ୍ପତି, ପିଲାଛୁଆ, ଭାଇଓଭଉଣୀ, ବାପା ମା, ସାଙ୍ଗସାଥି, ଶିକ୍ଷାଦୀକ୍ଷା, ଆଚାରବ୍ୟବହାର, ପାପପୂଣ୍ୟ, ଦୁଃଖସୁଖ, ଭଲମନ୍ଦ ସମ୍ପର୍କରେ ଅନେକ ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶ ପାଇଛି। କବିଙ୍କ କାବ୍ୟକବିତାକୁ ନେଇ ଅନେକ ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶ ପାଇଛି। କବିଙ୍କ କାବ୍ୟକବିତାକୁ ନେଇ ଅନେକ ତର୍ଜମା ହୋଇଛି। ତୁଳସୀ ଦୁଇପତ୍ରରୁ ବସିଲାଭଳି ବାଲ୍ୟକାଳ, ଯୌବନକାଳରୁ ଶେଷକାଳ ପର୍ଯ୍ୟନ୍ତ ପ୍ରତି ମୁହୂର୍ତ୍ତ ଦିନ, ମାସ ବର୍ଷକୁ ନିବିଷ୍ଟ ଭାବେ ନିରୀକ୍ଷଣ କରି ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ, ସୂର୍ଯ୍ୟଚନ୍ଦ୍ର, ଦିନରାତି, ଅନ୍ଧାର-ଆଲୁଅ, ଧନଖେତ, ଶସ୍ୟ ଶ୍ୟାମଳା, ଫଳ ପୁଷ୍ପକ୍ଷେତ୍ର, ମହାନଦୀର ନୀଳ ଜଳରାଶିଠାରୁ ଆରମ୍ଭକରି ମଣିଷ ଜୀବନର ସକାଳ ଭଲମନ୍ଦ ଗୁଣରୁ ଅମୃତ ଏହାର କରି ସ୍ୱ-ଭାବରେ କବିକଣ୍ଠରୁ କବିଙ୍କ କଲମ ମୁନରୁ ଝରିଯାଇଛି କେବଳ ମହାନଦୀ ନୁହେଁ, ଗଙ୍ଗା, ଗୋଦାବରୀ ସମେତ କାହିଁ କେତେ ପବିତ୍ର ନଦୀ। ଧନ୍ୟ ଧନ୍ୟ ହେ ଆମେ ଓଡିଶାବାସୀ- ଗଙ୍ଗାଧର ମେହେର ଓଡିଶା ମାଟିରେ ଜନ୍ମ ନେଇଥିବା ଯୋଗୁ। ଅନ୍ୟ ଅର୍ଥରେ କହିବାକୁ ଗଲେ କବି ଥିଲେ ସ୍ୱାଭିମାନୀ। ସ୍ୱାଭିମାନ ତାଙ୍କ ପ୍ରତି ରକ୍ତକଣାରେ ଭରପୂର ଥିଲା। ଶାଳୀନତା ତାଙ୍କର ଶ୍ରେଷ୍ଠ ଗୁଣ। ସ୍ୱାଭିମାନ ଓ ଶାଳୀନତାର ସମିଶ୍ରଣରେ କବିଙ୍କ ପ୍ରତିଭା ହିଁ ଅନ୍ଧକାରର ବକ୍ଷ ବିଦାରି ନୂତନ ସକାଳ, ସୂର୍ଯ୍ୟୋଦୟର ସୁଡ଼ଙ୍ଗ ଆଡକୁ ମୁହାଇଁ ନେଇଛି। ତପସ୍ୱିନୀ କାବ୍ୟରେ କବିଙ୍କ ଅମୃତମୟ ନିର୍ମଳଧାରା ପ୍ରତ୍ୟକ ଶବ୍ଦରେ ବ୍ରହ୍ମଜ୍ଞାନ, ସ୍ୱର୍ଗସୁଖକୁ ମର୍ତ୍ତ୍ୟରେ ଆଣି ବିଚରଣ କରିବା ଖୁବ କ୍ୱଚିତ ଭାରତୀୟ କବିଙ୍କ ପାଖରେ ମିଳେ। ଏହି କବିଙ୍କର ସାହିତ୍ୟକୁ ଜନମାନସରେ ଆଣିବା ସହିତ ବିଶ୍ୱ ଦରବାରରେ ତାଙ୍କର ଲେଖା ଶୈଳୀ ଏବଂ ମର୍ମସ୍ପର୍ଶୀ ଭାବନାକୁ ଆଣିବାର ଦାୟିତ୍ୱ ହେଉଛି ଆମର। ଯଦି ଓଡ଼ିଆ ଭାଷାକୁ ଆହୁରି ଉନ୍ନତ କରିବାକୁ ହୁଏ ତେବେ ମେହେରଙ୍କ ରଚନା ଗୁଡିକ ମଧ୍ୟ ଦେଇ ନୂତନତ୍ୱ ସମ୍ଭବ। ଯୋଗଜନ୍ମା ଓଡିଶା ମାଟିର ବର ପୁତ୍ର ମହାନ କବି ଗଙ୍ଗାଧର ମେହେରଙ୍କୁ ତାଙ୍କର ୧୬୧ ତମ ଜନ୍ମଦିବସରେ ସତ ସତ ନମନ।

ସୁଜନପୁର , ଯାଜପୁର
ଦୂରଭାଷ : ୯୩୪୮୭୬୮୮୧୨

## ଧାରାବାହିକ ଉପନ୍ୟାସ

### ବିଧୁମଞ୍ଜୁଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୨୦





*(ପୂର୍ବପ୍ରକାଶ ଉତ୍ତାରୁ)*

ଲୀନାର ବାପା ମାଆ ଦି'ଜଣ ତା ମାମୁ ଘରକୁ ବୁଲିଯାଇଛନ୍ତି। ମାତ୍ର ପାଞ୍ଚକୋଶ ବାଟ ଦୂର। ଲୀନା କିନ୍ତୁ ଗଲାନି। ତାର ନିଜ ଜନ୍ମକଲା ମାଆ ବାପାଙ୍କଠାରୁ ସେ ତା ଜେଜେ ମା'କୁ ଖୁବ୍ ଭଲପାଏ। ତାକୁ ହିଁ ଅନୁକରଣ କରେ। ଆଉ ସେ ବି ନିଷ୍ଠା ଓ ଆଦରର ସହିତ ସାନବାବୁଙ୍କ କିଛି କାମ କରିବାକୁ ଚେଷ୍ଟା କରେ। ପିଲାଟି ବେଳରୁ ସାନବାବୁଙ୍କ ପ୍ରତି ତାର ଅଖଣ୍ଡ ମମତା, ଅଜସ୍ର ସ୍ନେହ। ସବୁବେଳେ ତାଙ୍କ ପଛେ ପଛେ ଠୁକୁଠୁକୁ ହୋଇ ଚାଲେ। ତା ପାଦର ସରୁ ପାଉଜିଟି ରୁଣ୍ଝୁଣ୍ ହୁଏ। ସାନବାବୁ ତା ପାଇଁ କେତେବେଳେ ଚକୋଲେଟ୍ ତ ଆଉ କେତେବେଳେ ବିସ୍କୁଟ୍ ଆଣି ଦିଅନ୍ତି।

ଆଉ ସେ ଖୁସି ହୋଇ ତାଙ୍କ ହାତରୁ ସେତକ ଝାମ୍ପି ଆଣେ। ସାନବାବୁ ତାର ଅତିପରିଚିତ ଓ ଅତି ଆଦରର ଚେହେରାଟିଏ, ଦଣ୍ଡେ ନଦେଖିଲେ ଖୋଜିହୁଏ। ସେ କଥା କହି ଶିଖିବା ପରେ ପ୍ରଥମେ ଡାକିଥିଲା "ଚାନବାବୁ"ସାନବାବୁ ନିଜନାମର ଏ ଉଭଟ ଉଚ୍ଚାରଣରେ କିନ୍ତୁ ହସି ଦେଇଥିଲେ। ସେ ବଢ଼ିବା ସହିତ ତାର ସ୍ନେହ ଓ ମମତା ବି ଦିନକୁଦିନ ବଢିବଢି ଚାଲିଥିଲା। ତାକୁ ପ୍ରଥମେ ସାନବାବୁ ହିଁ ଧରାଇଥିଲେ ଖଡି, ସିଲଟ।

ତା ହାତଧରି ତିନିଟା ଶୂନ ଲେଖେଇ ଚିହ୍ନେଇ ଦେଇଥିଲେ ସେ- ବ୍ରହ୍ମା, ବିଷ୍ଣୁ, ମହେଶ୍ୱର। ଲୀନା ବି ବେଶ୍ କିଛିଦିନ ସେଇ ଗୋଲ ଉପରେ ଖଡି ଗଡେଇ ଗଡେଇ ଖନେଇ କହୁଥିଲା- ବମା, ବିଷ୍ଣୁ, ମହେଛଲ..ଆଉ ସମସ୍ତେ ହସିହସି ଗଡିଯାଉଥିଲେ ତାର ଏଭଳି ଉଚ୍ଚାରଣରେ। ପାର୍ବତୀର ପେଟ ପୂରିଉଠୁଥିଲା ଆନନ୍ଦରେ। ସେ ଭାବୁଥିଲା- ତା ନାତୁଣୀ ପାଠ ପଢିବ, ମଣିଷ ହବ। ତାକୁ ଆଉ ପର ଘରେ କାମ କରି ପେଟ ପୋଷିବାକୁ ପଡିବନି କି ଏମିତି ଅସହାୟ ଓ ଦାରିଦ୍ର୍ୟ ଭିତରେ ସେ ଜୀଇଁବାକୁ ପଡିବନି। ସାନବାବୁ ବେଳ ଉଣ୍ଡି ତାକୁ ପଢେଇ ଦିଅନ୍ତି। ନହେଲେ ନିଜେ ଲୀନା ତା ଖଡି ସିଲଟ ଧରି ଚାଲିଯାଏ ତାଙ୍କ ପାଖକୁ। ତଳେ ବସିଯାଏ ସେ। ଆଉ ସୁନାପିଲାଟି ପରି ତା ସିଲଟଟା ବଢେଇଦେଇ କହେ- ପାଠ ..। ଅର୍ଥାତ୍ ପାଠ ଲେଖିଦିଅ।

ସାନବାବୁ ମୁରୁକି ହସନ୍ତି ତା କଥାରେ। କହନ୍ତି- ଏ ଭଲପାଠ ପଢିବ ଧାଇ ମାଆ। ଯା'କୁ କାମ ନକରାଇ ପଢିବାକୁ ଦିଅ। ପାର୍ବତୀ ଆଖି ଲୁହରେ ଜକେଇଆସେ। ସେ ଗୋଟାଏ ସୁନେଲୀ ଭବିଷ୍ୟତ ଭିତରେ ଉଲ୍ଲସି ଉଠେ। ଭାବେ ତା ବଂଶରେ କେହି ବି ପାଠ ପଢିନାହାନ୍ତି। ହେଲେ ତା ନାତୁଣୀ ନାଁ କରିବ। ସେ ପାଠପଢି ଚାକିରି କରିବ। ଏତିକି ଭାବୁଭାବୁ ତା ମନଟା ଖସିପଡେ ତଳକୁ।

ମନତଳେ ପ୍ରଶ୍ନଟିଏ ଉଙ୍କିମାରେ- ସତରେ ତା ଲୀନା କଣ ସୁନାମ ଅର୍ଜିବ? ନା ନା..ସେ ଏଥର ପୁଅକୁ କହି ପାଖ ଇସ୍କୁଲରେ ତା ନାଁ ଲେଖାଇଦେବ। ବୋହୂକୁ କହିଦେବ ଆଜିଠାରୁ ତା ନାତୁଣୀ କୁଟା ଖଣ୍ଡକୁ ଦି'ଖଣ୍ଡ କରିବନି। ସେ ଖାଲି ପାଠ ପଢିବ, ଖୁବ୍ ପଢିବ। ସକାଳଟାରୁ ସିଲଟ ଖଡି ନେଇ ସେ ସାନବାବୁଙ୍କ ପାଖରେ ବସିଛି। କଣ କଣ ସବୁ ଅକ୍ଷର ଲେଖି ଶିଖିଲାଣି ଧୀରେ ଧୀରେ। ସେହି ଆବେଗ ଓ ଉତ୍ସାହରେ ସେ ଆଜି ତା ବାପା ବୋଉଙ୍କ ସହିତ ନିଜ ମାମୁଘରକୁ ବି ଗଲାନି। ହେଲେ ଜେଜେମାଆ ପୁଅବୋହୂଙ୍କୁ ସେଠାରେ ମାତ୍ର ଦୁଇଦିନ ରହିବାକୁ ଅନୁମତି ଦେଇଛି। ଯେତେହେଲେ ବୋହୂର ଏକମାତ୍ର ଭଉଣୀ ବାହାଘର।

ପୁଅ ବୋହୂ ଦୁଇଜଣଙ୍କ ଦାୟିତ୍ୱ ଅଛି । ସେଥିପାଇଁ ତ ସେ ଉଭୟଙ୍କୁ ପଠାଇଛି ସେଠିକୁ। ସେ ଚାହେଁନାହିଁ ତା ପରି ଏକାଟିଆ ବଂଚନ୍ତୁ ତା ପିଲାମାନେ। ବରଂ ସଂପର୍କୀୟ ମଣିଷମାନଙ୍କ ସହିତ ସେମାନେ ହସ ଖୁସିରେ ଜୀବନ ବିତାନ୍ତୁ। ପରସ୍ପର ସାହାଯ୍ୟ ସହଯୋଗ କରନ୍ତୁ। ସେଥିରେ ତ ଆନନ୍ଦ! ସଂପର୍କମାନଙ୍କୁ ନେଇ ବଂଚିବା ତ ଜୀବନ। ସେ ସିନା ସମ୍ବନ୍ଧମାନଙ୍କୁ ଜୀଇଁପାରିଲା ନାହିଁ। ହେଲେ ତା ପୁଅ ସମସ୍ତଙ୍କୁ ନେଇ ସୁଖୀ ରହୁ। ଲୀନାକୁ ଭୋକ ହେବଣି। ତା ମାଆ ବି ନାହିଁ ତା ଦେଖାଶୁଣା କରିବାକୁ। ତାକୁ ହିଁ ନାତୁଣୀ କଥା ବୁଝିବାକୁ ପଡିବ କାମ ଭିତରେ। ସେ ବି ବଡ ଅଭୂତ। ଜୋର୍ କରି ନଟାଣିଲେ ସେ ଆସିବନି ଖାଇବାକୁ। ପାର୍ବତୀ ତା ପାଖକୁ ଗଲା। ସେ କିନ୍ତୁ ତା ପାଠରେ ଅନ୍ୟମନସ୍କ।

ଅଙ୍କ ଶିଖୁଛି ସେ ଏବେ ସାନମାଲିକଙ୍କ ପାଖରୁ। ସାନ ମାଲିକଙ୍କ ପାଇଁ ପାର୍ବତୀ ଆଖିରୁ ଲୁହ ଝରିପଡୁଛି। ସତରେ ସେ ଆଜି ସବୁତକ ଦେୟ ପୂରଣ କରି ଦେଇଛନ୍ତି। ଲୀନାକୁ ପାଠପଢାଇ ସେ ତାକୁ ବି ଋଣୀ କରିଦେଲେ। ସାନବାବୁ ପାର୍ବତୀକୁ ଦେଖି କହିଲେ- ଆଜି ପାଇଁ ପାଠ ସେତିକି..। ତୁ ଯାଆ ଏବେ। ସେ କିନ୍ତୁ ଉଠୁନି ତାଙ୍କ ପାଖରୁ। ଜେଜେ ମା' ତାକୁ ଟାଣିଲା- ଆ' ମାଆ, ଖାଇବୁ ଆ'..ଏତେବେଳ ହେଲାଣି। କିଛି ଖାଇନୁ ପରା! ସେ ଗୁମସୁମ୍ ଆଖିରେ ଚାହିଁଲା ଜେଜେ ମାଆର ମୁହଁକୁ। ବୋଧହୁଏ ତାର ଇଚ୍ଛାନଥିଲା ଆସିବାକୁ, ପାଠ ପାଖରୁ କି ସାନବାବୁଙ୍କ ପାଖରୁ। ଜେଜେ ମାଆ ଆସିନଥିଲେ ସାନବାବୁ ତାକୁ ଆଉରି ପଢାଇଥାନ୍ତେ। ହେଲେ ଏ ଜେଜେ ମାଆ ଭାରି ଦୁଷ୍ଟ! ଖରା ପାକଳ ହେଉଥାଏ କ୍ରମଶଃ। ଲୀନାକୁ ଖୁଆଇଦେଇ ସଫାସଫି କରିବାକୁ ପାର୍ବତୀ ଚାଲିଯାଉଥିଲା। ସାନବାବୁ ବି କଲେଜ ବାହାରୁଥିଲେ।

ସେ ମ୍ୟାଟ୍ରିକରେ ଭଲନମ୍ବର ରଖି ନୂଆ କରି କଲେଜ୍‌ରେ ନାଁ ଲେଖାଇଛନ୍ତି। ଖୁବ୍ ଭଲ ପଢୁଛନ୍ତି। ମାଛିକୁ ମ' କହୁ ନଥିବା ଭାରି ଭଦ୍ର ଓ ନମ୍ର ସେ। ଲୀନା ପାଇଁ ଜେଜେମାଆର କିଛି ଚିନ୍ତା ନଥାଏ। ସୁଖକର ସ୍ୱପ୍ନରେ ସେ ଦିନମାନ ହଜିଯାଏ। ଏଥର ପୁଅ ବୋହୂ ଫେରନ୍ତୁ, ସେ ଲୀନାକୁ ପଢାଇବାକୁ କହିବ। ସେମାନେ ରାଜି ନହେଲେ ସେ ନିଜେ ତା ପାଇଁ ସବୁତକ ବନ୍ଦୋବସ୍ତ କରିଦେବ। ଲୀନା କିନ୍ତୁ ତା ଧୂଳିଖେଳ ଭିତରେ ଆତ୍ମମଗ୍ନ ଥିଲା। ପାଠଶାଠ କଣ ବୁଝୁନଥିଲା। ତାକୁ ଖାଲି ସାନବାବୁଙ୍କୁ ଦେଖିବାକୁ ଓ ତାଙ୍କ ସହିତ କଥା ହେବାକୁ ଭଲ ଲାଗୁଥିଲା।

ଏମିତିକି ସେ ପାଠ ସାରି ତାଙ୍କ ପାଖରୁ ଆସିବା ମାତ୍ରକେ ତା ମନ ଫିକା ପଡିଯାଉଥିଲା। ମଉଳି ଯାଉଥିଲା ତା ପଦ୍ମଫୁଲିଆ ଗୋରାମୁହଁଟା। ହେଲେ ଏକଥା କାହାକୁ କହିବାକୁ ଡର ଲାଗୁଥିଲା। କାଳେ କିଏ ରାଗିବ ତା ଉପରେ? ଯେତେ ଯାହା ହେଲେ ବି ସାନବାବୁ ବଡଲୋକ..ଆଉ ସେ ଖୁବ୍ ଗରିବ। କାଳେ ମାଲିକ ଏକଥାରେ ତା ଜେଜେ ମାଆକୁ ତଡିଦେବେ ତାଙ୍କଘରୁ। ଲୀନାର ଏତକ ବୁଝିବାର ବୟସ ହୋଇନଥିଲେ ବି ଜେଜେ ମାଆ ତାକୁ ସେମାନଙ୍କ ଭିତରେ ଥିବା ମାଲିକ ଓ ଚାକରର ସଂପର୍କକୁ ବୁଝାଇ ସାରିଥିଲା। ଆଉ ଲୀନା ବି ଠିକ୍ ଭାବରେ ସେସବୁକୁ ଆତ୍ମସ୍ଥ କରିଯାଇଥିଲା ଓ ସେ ସଂପର୍କକୁ ରକ୍ଷା ମଧ୍ୟ କରୁଥିଲା।

*(କ୍ରମଶଃ)*

## ନିଃଶବ୍ଦ କବିତା

### ଆସ ଆମେ ଭୁଲିଯିବା



**ଉମାକାନ୍ତ ମହାପାତ୍ର**

ଆସ ଆମେ ଭୁଲିଯିବା
ଗତକାଲି କଥା ସବୁ
ଯାହାଯାହା ଗପିଥିଲେ
ଯାହାଯାହା ଲେଖିଥିଲେ
ଯାହାଯାହା ଦେଖିଥିଲେ
ସପନ ସଜାଇ,
ଆସ ଆମେ ଭୁଲିଯିବା
ପରସ୍ପର ବାଢିଥିଲେ
ଭାବଯାହା ଆକାଶ ଚଢାଇ
ଆସ ଆମେ ଭୁଲିଯିବା
ନିଜନିଜ କଉତୁକ
ଗୋପନ ଗମାତ,
ଆସ ଆମେ ଭୁଲିଯିବା
ଗଲାକକ୍ଷଲି ଗପ ଆମ
ଯାହାସବୁ ଥିଲା
ମିଛପରି ଗୋଟେ ମହା ସତ।
ଆସ ଆମେ ହଜିଯିବା
ସତପରି ଲାଗୁଥିବା
ମିଛ ଦୁନିଆରେ,
ଆସ ଆମେ ନିଜକୁ ଖୋଜିବା
ପୁଣି ପୁଣ୍ୟପରି ଲାଗୁଥିବା
ପାପର ପୃଥ୍ୱୀରେ।
ଆସ ଆମେ ଚାଲିଯିବା ବହୁଦୂରେ
ଦିଗନ୍ତରେ ଦିଶୁଥିବା
ପାହାଡ ସେପାରେ,
ଆସ ଆମେ ବୁଡିଯିବା ସପନରେ
ଆଉଥରେ ଜହ୍ନର ଦ୍ୱୀପରେ।
ଆସ ଆମେ ଲେଖିଯିବା
ଆଉଗୋଟେ ମିଛଭରା
ମାୟାର କବିତା,
ଆସ ଆମେ ଗାଇଯିବା
ଆଉଗୋଟେ ଗୀତ,
ଯାହାସବୁ ଏକାଏକା ଭୋଗିଥିଲେ
ଗୋପନରେ
ପ୍ରଣୟର ଅଭୁଲା ସଂଘାତ।
ଆସ ଆମେ ଭୁଲିଯିବା
ଗଲାଦିନ ଗପ ଯାହା ଲେଖିଥିଲେ
ଆପଣା ସଉକେ,
ଆସ ଆମେ ଲିଭାଇବା
ଯାହାକିଛି ଲେଖିଥିଲେ
ପାନ୍ଥଶାଳା ପଥର କାନ୍ଥରେ,
ଆସ ଆମେ କାଟିଦେବା
ବନ୍ଧନର ଯେତେସବୁ ଗଣ୍ଠି,
ଆସ ଆମେ ପଖାଳିବା ମନ ଆମ
ଯାହା ଆଉ ହେବନି ଆଉଟି।
ଆସ ଆମେ ରାସ୍ତା ସବୁ ଭାଙ୍ଗିଦେବା
ଯାହାକେବେ ଡାକିଥିଲା
ପ୍ରୀତିର ସୋହାଗେ,
ଆସ ଆମେ ବାଣ୍ଟିନେବା
ସେଦିନର ସ୍ମୃତିସବୁ
ଅତୀତର ଅନୁରାଗେ
ଖୁବ୍ ଗୋଟେ ଦୁର୍ଘଟଣା ପରି
ଆସ ଆମେ ପରସ୍ପର
ଭୁଲିଯିବା, ଆପଣାକୁ
ଯିବାରେ ପାଶୋରି।

*ବଳିଆପଣ୍ଡା, ପୁରୀ*

### ଚାଲ

**ବିପ୍ଳବ**




ଫୁଲ ମାନଙ୍କୁ
ନିର୍ମମ ଭାବେ ହତ୍ୟା କର
ଦଳି ମକଚି ଦିଅ
ପାପୁଲିରେ ହେଉ
ଅଥବା ପାଦରେ
ଶବାଧାରରେ ଅର୍ଘ୍ୟ ବଢ଼ା ହେବା ଆଗରୁ
ଈଶ୍ୱରଙ୍କ ମସ୍ତକରେ
ଶୋଭା ପାଇବା ଆଗରୁ
ଅବା ନେତାଙ୍କ ଗଳାହାର ହେବା ଆଗରୁ।
ଯେତେ ସବୁ ପ୍ରେମ ବୀଜ
ଉସେଇଁ ଦିଅ
ଅଙ୍କୁରୋଦଗମ୍ ଆମ ହାତରେ ନାହିଁ କହି
ବୁଣି ଦିଅ ହିଂସା ଦ୍ୱେଷର ବୀଜ
ବିକ୍ଷେପ ହେଇ ଚରିଯାଉ ସମାଜରେ।
ସଂରକ୍ଷଣ ଦ୍ୱାହି ଦେଇ
ଚାଲ ...!
ନିଜ ପାଇଁ
ସଂରକ୍ଷିତ କରିଦେବା ଚଉକି
ବାରୁଦ ଗଦା ଉପରେ ଠିଆ ହେଇ
ଗାଇବା ଜନ ଗଣ ମନ ଅଧି ନାୟକ
ଜୟ ଜୟକାର କରିବା ସେବକ ମାନଙ୍କର
ବିଷ ପିଇ କରିବା
ଅମୃତର ଅନୁଭବ
ଚାଲ ମାତିଯିବା ଗୋଠରେ
ନିର୍ମମ ଭାବେ ହତ୍ୟା କରି ନିଜକୁ ।

*ମକୁନ୍ଦପୁର, ବାଙ୍କୀ*
*ଦୂରଭାଷ : ୯୪୩୭୪୬୮୦୧୬*

## ମୂଳ କାଲିଫର୍ଣ୍ଣିଆ- ରୋଜର ଡେନ କେସର

**ସୁଧାଂଶୁ ଶେଖର ଦ୍ୱିବେଦୀ**





୧୦ ବର୍ଷ ବୟସରେ ମୁଁ ବୁଝିପାରୁ ନଥିଲି ଏଲବିସ ପ୍ରିସଲେ ପାଖରେ କଣ ଥିଲା ଯାହା ମୋ ପାଖରେ ନାହିଁ? ମୋ କହିବା କଥା ହେଉଛି,ମୋ ପରି ତା'ର ଗୋଟେ ମିଣ୍ଡ,ଦୁଇଟା ହାତ, ଦୁଇଟା ଗୋଡ଼ ଅଛି। ସେ କଥା କହୁଛି ମୁଁ ବି କଥା କହୁଛି,ସେ ହସୁଛି ମୁଁ ବି ହସୁଛି। ତାହେଲେ ତା' ପାଖରେ କଣ ଏମିତି ଥିଲା ଯେ ଅନାଥାଳୟରେ ତାହାରି ବୟସର ସବୁ ଝିଅମାନଙ୍କୁ ଆଙ୍ଗୁଳି ଇସାରାରେ ନଚାଉଥିଲା।

ଶନିବାର। ପ୍ରାୟତଃ ସକାଳ ୯ଟା ବେଳେ ଅନାଥାଳୟର ଜଣେ ବଡ ପିଲା ଇଉଗେନକୁ ପଚାରିବା ପାଇଁ ସ୍ଥିର କଲି।ବାସ୍ତବିକ ତାହା କିପ୍ରକାର କଥା ହୋଇପାରେ ଯାହା ଏଲବିସ ପ୍ରିସଲେକୁ ସର୍ବୋଚ୍ଚ ଶିଖରରେ ବସାଇଛି।

ସେ ମୋତେ କହିଲା,'ତାହାର ଦୁଇଟି କାରଣ ଅଛି।ଏକରେ ଏଲବିସର କୁଞ୍ଚକୁଞ୍ଚିଆ ଚୂଳ ଏବଂ ଦ୍ୱିତୀୟରେ ତା'ର ମନଜିଣା ଚାଲି।'

ଠିକ ତା'ର ଅଧଘଣ୍ଟା ପରେ ଅନାଥାଳୟର ସମସ୍ତ ପିଲାଙ୍କୁ ଏକତ୍ର ଗୋଟିଏ ସ୍ଥାନକୁ ଡ଼କାହେଲା। ଫ୍ଲୋରିଡାରେ ଥିବା ଜେକ ସ୍ନୋବିଲକୁ ଯିବାପାଇଁ ସଭିଙ୍କୁ କୁହାଗଲା। ସେଠି ଆମମାନଙ୍କୁ ନୂଆ ଜୋତା ମିଳିବ ଓ ନୂଆପ୍ରକାର ହେୟାର କଟ କରାହେବ।ହଠାତ ମୋ ମନ ମଧ୍ୟରେ ଗୋଟେ ଖିଆଲ ପଥର ଭଳି ଧକ୍କା ଖାଇଲା, 'ଯଦି ଏଲବିସର ହେୟାର କଟ ତା'ପାଇଁ ଭିନ୍ନପ୍ରକାର ବିଶେଷତା ତାହେଲେ ମୁଁ ମଧ୍ୟ ଆଜି ସେହିପରି ହେୟାର କଟ କରିବି।'

ରାସ୍ତାସାରା ମୁଁ ଏଲବିସ ଭଳି ହେୟାର କଟ କାଟିବି ବୋଲି ସମସ୍ତଙ୍କୁ ଖି ଦେଇଥାଏ।ଏପରିକି ଯେଉଁ ମେଟ୍ରନ ଆମକୁ ଅନାଥାଳୟରୁ ଜେକସ୍ନୋବିଲକୁ ନେଇ ଯାଉଥିଲା ତାକୁ ମଧ୍ୟ କହିଥାଏ।

ଯେତେବେଳେ ମୋତେ ନୂଆ ଜୋତା ମିଳିଲା ମୁଁ ଉଲ୍ଲାସରେ ହସୁଥାଏ ଓ ଅନ୍ୟ କାହାକୁ ଜୋତାର ଚମକ ଦେଖାଇବାକୁ ପ୍ରୟାସ କରୁଥାଏ। ସେତେବେଳେ ମୋ ଜୋତା ସୁନା ଭଳି ଚକଚକ କରୁଥାଏ। କିନ୍ତୁ ମୋତେ ସବୁଠୁ ଭଲ ଲାଗୁଥାଏ ଷ୍ଟୋର ହାଉସରେ ଥିବା ଏକ୍ସରେ ମେସିନରେ ନିଜ ଗୋଡ଼ର ହାଡ଼କୁ ଦେଖିବା।

ମୁଁ ଆଦୌ ପ୍ରତୀକ୍ଷା କରିପାରୁ ନଥାଏ। ମୋର ହେୟାର କଟ କେବେ ହେବ ସେଇ ଅପେକ୍ଷାରେ ଟେନସନ ଥାଏ। ନୂଆ ଜୋତା ମିଳି ସାରିଛି, କେବଳ ହେୟାର କଟ ପରେ ଯଥାଶୀଘ୍ର ଅନାଥାଳୟକୁ ଯାଇ ଏଲବିସ ଭଳି ଚାଲିବାର ଅଭ୍ୟାସ କରିବାକୁ ଅଛି।

ଶେଷରେ ଆମେ ସମସ୍ତେ ସେଇ ନିର୍ଦ୍ଦିଷ୍ଟ ସେଲୁନରେ ପହଞ୍ଚି ଗଲୁ ଯେଉଁଠି ଆମ୍ଭମାନଙ୍କର ନିଶୁଳ୍କ ହେୟାର କଟ ହେବ। କାରଣ ଆମେ ସବୁ ଅନାଥ ପିଲା। ସହସା ମୁଁ ଜଣେ ବାରିକ ପାଖକୁ ଦୌଡିଯାଇ ଖୁସିରେ ଆତ୍ମ ବିଭୋର ହୋଇଗଲି। ବାରିକ ମୋତେ ତଳୁ ଉଠେଇନେଇ ଚୌକିରେ ବସାଇଲା। ମୁଁ ସେ ବାରିକକୁ ଗାଢ଼ ନଜରରେ ଦେଖି ସ୍ମିତ ହସି ପଚାରିଲି, 'ମୋତେ ଏଲବିସ ପ୍ରିସଲେ ପରି ହେୟାର କଟ କରିଦେବ ?'

ତା'ପରେ ସେ ମୋ ଚୂଳ କାଟିବା ଆରମ୍ଭ କଲା। ସେ ଚୂଳ କାଟୁଥିବା ବେଳେ ମୋ ଖୁସିର ସୀମା ଦ୍ୱିଗୁଣ ବଢି ଯାଉଥାଏ। ସେତିକିବେଳେ ମେଟ୍ରନ ତାକୁ ଇସାରା କଲା। ବାରିକ ମେଟ୍ରନ ପାଖୁକୁ ଯିବାପରେ ଦୁହେଁ କାନପାଖେ କିଛି ଫୁସଫୁସ କଥା ହେଲେ। ବାରିକ ମୁଣ୍ଡ ହଲାଇ ସମ୍ମତି ଜଣାଇଲା।

ମେଟ୍ରନ ଅଫିସ ରୁମକୁ ଯିବାପରେ ବାରିକ ମୋ ପାଖକୁ ଆସି କହିଲା, 'ଆମକୁ ଏଲବିସ ପ୍ରିସଲେ ଭଳି ଚୂଳ କାଟିବା ପାଇଁ ପରମିଶନ ନାହିଁ।' କିଛିକ୍ଷଣ ପରେ ମୋ ମୁଣ୍ଡର ଚୂଳ ସଂପୂର୍ଣ୍ଣ ଅନ୍ତର୍ଦ୍ଧାନ ହୋଇ ସାରିଥାଏ।ନିଜ କାର୍ଯ୍ୟ ଶେଷ କରିବା ପରେ ବାରିକ ମୋ ମୁଣ୍ଡରେ ପାଉଡର ନେସିଦେଲା।ପୁଣି ମୋ ହାତରେ ତମ୍ବାର ଗୋଟେ ମୁଦ୍ରା ରଖି କହିଲା,'ବାହାରେ ଥିବା ଦୋକାନରୁ କେଣ୍ଡି ନେଇନେବ।' ମୁଁ ସେଇ ତମ୍ବା ପଇସାକୁ ତା' ହାତରେ ଧରେଇ ଦେଇ କହିଲି,'ମୁଁ ଭୋକିଲା ନୁହେଁ। ତୁମେ ରଖ।'

'ପ୍ଲିଜ ମୋତେ କ୍ଷମା କରିଦେବ। ତୁମ ଚୂଳ ସାଇଜ କରିବାପାଇଁ ଉପର ମହଲର ଅର୍ଡର ଥିଲା।' ସେ ଅନୁନୟ କଣ୍ଠରେ ଜଣାଇଲା।

ମୁଁ ତଳେ ବସିପଡି ଜୋତାରେ ଲାଗିଥିବା ଚୂଳକୁ ହାତରେ ଝାଡି ସଫା କଲି। ତଳୁ ଉଠି ପେଣ୍ଟକୁ ଝାଡିସାରିବା ପରେ ଅଫିସ ଦ୍ୱାର ପାଖକୁ ବଢ଼ିଲି। ମେଟ୍ରନ ମୋତେ ଦେଖି ଖୁବ ଜୋର ହସିଉଠିଲା। ଯେମିତି ମୁଁ କୌଣସି ସର୍କସର ଜୋକର ହୋଇଯାଇଛି। ଯେଉଁ ବାରିକ ମୋ ଚୂଳ କାଟିଥିଲା ସେ ଚିତ୍କାର କରି କହିଲା,'ସେଇଟା ଡାଆଣୀ।'

ମେଟ୍ରନ କ୍ରୋଧରେ ଚିତ୍କାର କରି ଗୋଡ଼ କଚାଡି ଦ୍ରୁତ ଗତିରେ ଅଫିସ ରୁମରୁ ବାହାରିଗଲା। ମୋ ଚୂଳକୁ କାଟିଥିବା ବାରିକ ଅନୁତାପରେ କାନ୍ଥକୁ ବିଧା ମାରୁଥାଏ। ପୁଣି ସେ ମୋ ପାଖରେ ଆସି ଠିଆହେଲା। ଯେଉଁଠାରେ ମୁଁ ଠିଆ ହୋଇଥାଏ। ସେ ମୋତେ ଦେଖି ମୋ ଚୂଳ ନଥିବା ମୁଣ୍ଡରେ ହାତ ବୁଲେଇଲା। ମୁଁ ଲୁହଭରା ଆଖିରେ ତାକୁ ପଚାରିଲି,'ତୁମକୁ ଜଣାଅଛି ଏଲବିସ ପ୍ରିସଲେର ଗୋଡ଼ ହାଡ଼ ସବୁଜ ଦେଖା ଯାଉଛି ନା ଦେଖା ଯାଉନି ?'

*ବିସି-୭୪,ସଲଟ ଲେକ,କଲକତା-୬୪*
*ଦୂରଭାଷ : ୯୬୮୧୩୭୩୫୧୨*

### ମେଘର ଦେଶ

**ରବି କୁମାର ମହାନ୍ତି**



ଆକାଶ ଯେଉଁଠି ବେଣୀ ପାରିଦିଏ
ମାଟିର ଗଭାରେ ନିତି
ଭରା ଧାନ କ୍ଷେତ ସରାଗରେ ଦିଏ
ସବୁଜ ପଣତ ପାତି
ଚମ୍ପକ ବରଣୀ ମଉନ ବସୁଧା
ବଦଳାଏ ନିତି ବେଶ
ସେଇଠି ଥାଏ କି ସୋହାଗୀନୀ ସଦା
ମଗ୍ନ ମେଘର ଦେଶ
ମେଘର ଦେଶରେ ପ୍ରୀୟତମା ଘର
ବଉଦ ର ରାଜବାଟି
ସଂଜରୁ ସକାଳ, ବିଜୁଳି ପକାଏ
ଇନ୍ଦ୍ରଧନୁର ଝୋଟି
ନିଇତି ସକାଳୁ ପବନ ସଜାଡେ
ଗଭାରେ ଗଜରା ତାର
ଟୋପାଟୋପା ହୋଇ ବରଷାର ବିନ୍ଦୁ
ମୋତି ମାଣିକର ହାର
ମାଟିର ଏମିତି ଅନ୍ତ ପୁରେ ମୁଁ
ଧନ୍ୟ ଜନମ ହୋଇ
ଫୁଲ ଫଗୁଣର ଅମରାବତୀ ସେ
କୋଟିଏ କରୁଣା ବହି

*ମାତୃନୀଡ, କମାରିଆ, ତିହିଡି, ଭଦ୍ରକ*
*ଦୂରଭାଷ : ୭୦୬୪୭୭୮୨୪୭*

## କବିତାର କଥା

(ଭାଗ-୮୨)



**ଉମାକାନ୍ତ ରାଉତ**



### କବିଙ୍କ ଖୋଜ୍‌ରେ ମୁଁ ଓ ବାଦଲ୍

ପୂର୍ବ ଭାଗରେ କହିଥିଲି ଯେ ତାଙ୍କ କବିତାର ମାୟାରେ ଏ ଲେଖକ ଓ କବି ବାଦଲ୍ ମହାନ୍ତି, ଆମେ ଦୁହେଁ ଏମିତି ବାୟା ହୋଇଯାଇଥିଲୁ ଯେ ସ୍ୱୟଂକ୍ରିୟଭାବେ ଟାଣି ହୋଇଯାଇଥିଲୁ ପ୍ରାୟ ନବେ କିଲୋମିଟର ଦୂରତାରେ ଥିବା ନିପଟ ଗାଁର ଏକ ନିଭୃତ କୋଣରେ ଅଖ୍ୟାତ ଭାବେ ପ୍ରାୟ ନିଃସଙ୍ଗ ଜୀବନଯାପନ କରୁଥିବା ଏହି ନିର୍ଭେଜାଲ କବିଙ୍କ ପାଖକୁ। ଲକ୍ଷ୍ୟ ଥିଲା, ଅନୁସନ୍ଧାନ ସାପେକ୍ଷ ଏହି ନିରଳା କବିଙ୍କର ଅନୁସନ୍ଧାନ। ନା, ମୁଁ ଭୁଲ୍ କହିଲି। ଏକଥା କହିବା ବେଶ୍ ଯଥାର୍ଥ ହେବ ଯେ ଉକ୍ତ କବିଙ୍କର ଉକ୍ତି 'ଏଇ ନଈ ଥିବ, ମୁଁ ନଥିବି'କୁ ଭୁଲ୍ ପ୍ରମାଣ କରିବାକୁ।

ଅନ୍ୟ ବାଗରେ କହିଲେ, ତାଙ୍କ ସର୍ଜ୍ଜନାର ଧାରାରୁ ପ୍ରତିପାଦିତ କରିବାକୁ ଯେ କାଳର କରାଳ ସ୍ରୋତରେ ସେଇ ନଈ ହୁଏତ ନିଶ୍ଚିହ୍ନ ହୋଇଯାଇପାରେ, ହେଲେ କବି ସତ୍ୟବାଦୀ ରାଉତ ରହିବେ ହିଁ ରହିବେ ତାଙ୍କର ଗାଁ ଓ ନଦୀ ସଂଲଗ୍ନ ନିଆରା କାବ୍ୟ ସର୍ଜ୍ଜନା ପାଇଁ। ପରୋକ୍ଷରେ କୁହାଯାଇପାରେ ଯେ ଯେତେଦିନଯାଏଁ ସତ୍ୟବାଦୀଙ୍କର କବିତା ଥିବ, ସେତେଦିନ ଯାଏଁ ନଈର ଅସ୍ତିତ୍ୱକୁ କେହି ନିଶ୍ଚିହ୍ନ କରିପାରିବ ନାହିଁ। ପରବର୍ତ୍ତୀ ଭାଗମାନଙ୍କରୁ ଆପଣ ଏକଥାକୁ ହେଜି ପାରିବେ ବୋଲି ମୋର ବିଶ୍ୱାସ। ହେଲେ, ତାଙ୍କ ସର୍ଜ୍ଜନା ଦୁନିଆକୁ ଯିବା ପୂର୍ବରୁ ସେସବୁକୁ ଆବିଷ୍କାର କରିବା ଲକ୍ଷ୍ୟରେ ଏ ଲେଖକ ଓ ଅନୁଜପ୍ରତିମ ବାଦଲଙ୍କ ତାଙ୍କ ସମ୍ପର୍କିତ ସାରସ୍ୱତ ମିଶନ୍‌କୁ ସଂକ୍ଷେପରେ ଉପସ୍ଥାପନ ନକଲେ ଏ ଆଲେଖକୁ ଉପଯୁକ୍ତ ନ୍ୟାୟ ଦେଇହେବ ନାହିଁ।

ପ୍ରାୟ ଦଶ କି ବାର ବର୍ଷ ତଳର କଥା। ଦିନେ ସଂଧ୍ୟାରେ ପୁରୁଣା ବସଷ୍ଟାଣ୍ଡ ସାହିତ୍ୟ ଖଟିରେ କବିତା ସମ୍ପର୍କିତ କଥା ପ୍ରସଙ୍ଗରେ ଅନୁଜପ୍ରତିମ ବାଦଲ୍ (କବି ବାଦଲ୍ ମହାନ୍ତି) କହିଲା – ଭାଇ, କବି ସତ୍ୟବାଦୀ ରାଉତଙ୍କୁ କେବେ ପଢ଼ିଛନ୍ତି ? ପଢିବି କ'ଣ, ତାଙ୍କ ନାଆଁ ବି ସେଯାଏଁ ଜଣା ନଥାଏ ମୋତେ। ପୁଣି କୌଣସି ପତ୍ରପତ୍ରିକାରେ କେବେ ସେଭଳି ନାଁ ମୋ ଆଖିରେ ପଡ଼ି ନାହିଁ। ଏହି ଅଜ୍ଞାନତାକୁ ଜଣାଇବା ସହ, ମୋର ଜିଜ୍ଞାସା ଥିଲା – ତୁମେ କ'ଣ ତାଙ୍କ କବିତା ପଢ଼ିଛ ? ତାଙ୍କୁ କେଉଁଠୁ ପଢ଼ିଲ ? ଜାଣିଲ କେମିତି ?

ସେ କହିଲା – ସୁରେଶ ଭାଇ (ବହୁମୁଖୀ ସାରସ୍ୱତ ସ୍ରଷ୍ଟା ସୁରେଶ ବଳବନ୍ତରାୟ ଯିଏ ଏବେ ଅବର୍ତ୍ତମାନ) ମୋତେ ତାଙ୍କ ବିଷୟରେ କହିଲେ। ସିଏ ସାଇତି ରଖିଥିବା ଏହି କବିଙ୍କର ପୁରୁଣା ଶିଶା ଅକ୍ଷର ସାହାଯ୍ୟରେ ମୁଦ୍ରିତ ଚଟି କବିତା ବହିଟିଏ ମୋତେ ପଢ଼ିବାକୁ ଦେଇଥିଲେ। ସେ ବହିଟିର ନାମ 'ନଈରେ ନଈଏ ପାଣି, ମାଛ ପରି ପହଁରୁଛି ଜହ୍ନ'। ବିଶିଷ୍ଟ ଚିତ୍ରଶିଳ୍ପୀ ସ୍ୱର୍ଗତ ଛନ୍ଦାଚରଣ ଆଚାର୍ଯ୍ୟ ଆଙ୍କିଛନ୍ତି ଏହାର ପ୍ରଚ୍ଛଦ।

ଓଃ...କି ଚମତ୍କାର ସୃଜନ! କବିତ୍ୱର କି ପରାକାଷ୍ଠା!! ପଢ଼ିବେ ତ ତାଙ୍କୁ ପଢନ୍ତୁ। କବି କହିବା ତ ତାଙ୍କୁ ହି କହିବା।

ବାଃ। ବହିର ଶିରୋନାମ ହିଁ ଗୋଟେ କବିତା! ସେଇ ଶିରୋନାମରୁ ହିଁ ମୋର ଜାତ ହେଲା ତାଙ୍କ ପ୍ରତି ଏକ ଅକୃତ୍ରିମ ଆଗ୍ରହ।

କିଏ ଏହି କବି? କ'ଣ ତାଙ୍କର ସୃଜନ?

କବି ଓ କବିତାକୁ ଧରିବାରେ ବାଦଲ୍‌ର ପାରଙ୍ଗମତା ଉପରେ ମୋର ଭରସା ଓ ବିଶ୍ୱାସ ଅତୁଟ ଥିଲା। ପୁଣି ସେଥିସହ ସୁରେଶ ଭାଇଙ୍କ ଭଳି ଜଣେ ଅଭିଜ୍ଞ, ଜ୍ଞାନୀ, ଗୁଣୀ ଓ କାବ୍ୟାମୋଦିର ରସିକ ପାଠକର ସୁପାରିଶ! ଦ୍ୱିମତ ହେବାର କିଛି ନଥିଲା।

ସେ ସମ୍ପର୍କିତ ଏମିତି ଆଲୋଚନା ପର୍ଯ୍ୟାଲୋଚନା ମଧ୍ୟରେ ବୋଧହୁଏ ବାଦଲ ଆଣିଥିବା ଉକ୍ତ ପୁରୁଣା ଚଟି ବହିଟିରୁ କେଇଟି କବିତା ପଢ଼ିବାର ସୁଯୋଗ ମିଳିଯାଇଥିଲା। ପୁଣି ବାଦଲ୍ ସେଥିରୁ କେତେକ ଧାଡ଼ି ଓ ପଦ ଉଦ୍ଧୃତ କରି ସେସବୁକୁ କବିତା ଚର୍ଚ୍ଚାର ଉତ୍କୃଷ୍ଟ ସାମଗ୍ରୀ ରୂପେ ପରିବେଷଣ କରୁଥିଲା। (ଅବିକଳ ସବୁ କଥା ମନେ ନ ପଡ଼ିଲେ ବି ଏସବୁ ଝାପ୍ସା ଝାପ୍ସା ମନେ ପଡୁଛି)।

ସେକଥା ଯାହା ବି ହେଉ, ସ୍ଥିର ହେଲା ଯେ ସମୟ କାଢ଼ି ନିକଟ ଭବିଷ୍ୟତରେ ସେ କବିଙ୍କ ପାଖକୁ ଯେମିତି ହେଲେ ବି ଯିବୁ ହିଁ ଯିବୁ। ତାଙ୍କୁ ଭେଟିବୁ। ତାଙ୍କ ସହ ଅନ୍ତରଙ୍ଗ ହେବୁ। ପଚାରିବୁ ତାଙ୍କ ଅନ୍ତର୍ଦ୍ଧାନର କାହାଣୀ। ତାଙ୍କର ପ୍ରଚାର ପ୍ରସାର ବିମୁଖତାର କାରଣ ଆବିଷ୍କାର କରି ତାଙ୍କୁ ଫେରାଇ ଆଣିବାର କ୍ଷୁଦ୍ର ପ୍ରୟାସ କରିବୁ ସାମ୍ପ୍ରତିକ ସାରସ୍ୱତ ସ୍ରୋତର ମୁଖ୍ୟ ପ୍ରବାହ ଧାରାକୁ। ଏମିତି ସୁନ୍ଦର ଓ ଜନ୍ମଜାତ କବିଙ୍କୁ ଏତେ ଅଣଦେଖା କାହିଁକି ?

*(କ୍ରମଶଃ)*

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

# ପ୍ରଦୀପ ହେବେ ମୁଖ୍ୟ ଶାସନ ସଚିବ !

**ଭୁବନେଶ୍ୱର :** ରାଜ୍ୟ ମୁଖ୍ୟ ସଚିବ ସୁରେଶ କୁମାର ମହାପାତ୍ର ଆସନ୍ତା ଅଗଷ୍ଟ ୩୧ ତାରିଖରେ ଅବସର ନେବେ ଓ ଓଡ଼ିଶା ରାଜ୍ୟ ବିଦ୍ୟୁତ ନିୟାମକ ଆୟୋଗ(ଓଇଆରସି) ଅଧ୍ୟକ୍ଷ ଭାବେ ଥଇଥାନ ହେବେ । ଏଥିପାଇଁ ତାଙ୍କୁ ଗ୍ରୀନ୍ ସିଗନାଲ ମିଳି ସାରିଥିବାବେଳେ ରାଜ୍ୟର ପରବର୍ତ୍ତୀ ମୁଖ୍ୟ ସଚିବ ଭାବେ ବରିଷ୍ଠ ଓଡ଼ିଆ ଆଇଏଏସ୍ ପ୍ରଦୀପ କୁମାର ଜେନା ଦାୟିତ୍ୱ ଗ୍ରହଣ କରିବେ ବୋଲି ଜଣାପଡ଼ିଛି । ଆଗାମୀ ସାଧାରଣ ନିର୍ବାଚନରେ କେନ୍ଦ୍ରର ବିଜେପି ନେତୃତ୍ୱାଧୀନ ସରକାର ଓଡ଼ିଆ କାର୍ଡ(ଏକାଧିକ ଓଡ଼ିଆଙ୍କୁ ଦେଶର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ) ଖେଳୁଥିବାବେଳେ ରାଜ୍ୟରେ ବିଜେଡି ସରକାର ମଧ୍ୟ ରାଜନୀତିକ ଦୃଷ୍ଟିରୁ ବରିଷ୍ଠ ଆଇଏଏସ ଶ୍ରୀ ଜେନାଙ୍କୁ ପରବର୍ତ୍ତୀ ମୁଖ୍ୟ ସଚିବ ଭାବେ ନିଯୁକ୍ତି ଦେବାକୁ ଆପାତତଃ ନିଷ୍ପତ୍ତି ନେଇସାରିଥିବା ସୂଚନା ମିଳିଛି । ପାୱାର କରିଡରରୁ ମିଳିଥିବା ସୂଚନା ଅନୁସାରେ, ମୁଖ୍ୟ ସଚିବ ଶ୍ରୀ ମହାପାତ୍ରଙ୍କ କାର୍ଯ୍ୟକାଳ ଅବଧି ଅଗଷ୍ଟ ୩୧ ତାରିଖରେ ଶେଷ ହେଉଥିବାରୁ ତାଙ୍କର ଅବଧି ପୁନଃ ବୃଦ୍ଧି କରିବା ସପକ୍ଷରେ ରାଜ୍ୟ ସରକାର ନାହାନ୍ତି । ତାଙ୍କୁ ଓଇଆରସି ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇପାରେ । ଗତ ଜୁନ୍ ମାସରେ ଶ୍ରୀ ମହାପାତ୍ରଙ୍କ ସମେତ ୩ଜଣଙ୍କ ନାଁ ଓଇଆରସି ଅଧ୍ୟକ୍ଷ ପଦବୀ ପାଇଁ ସର୍ଟଲିଷ୍ଟ ହୋଇ ଏବେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ଅପେକ୍ଷାରେ ରହିଛି । ଏପରିକି ଶ୍ରୀ ମହାପାତ୍ରଙ୍କୁ ପୁରୀ ଲୋକସଭା ଆସନରୁ ବିଜେଡି ପ୍ରାର୍ଥୀ କରିବାର ସମ୍ଭାବନା ଥିବାରୁ ତାଙ୍କୁ ସେଥିପାଇଁ ସୁଯୋଗ ମିଳିପାରେ ବୋଲି ଚର୍ଚ୍ଚା ହେଉଛି । ଏପଟେ ଶ୍ରୀ ମହାପାତ୍ରଙ୍କ ପରେ ବରିଷ୍ଠତା ଭିତ୍ତିରେ ରାଜ୍ୟରେ ୧୯୮୬ ବ୍ୟାଚ୍ ଆଇଏଏସ୍ ଜିଭିଭି ଶର୍ମା, ୧୯୮୭ ବ୍ୟାଚର ନିକୁଞ୍ଜ କିଶୋର ସୁନ୍ଦରାୟ, ରାଜକୁମାର ଶର୍ମା ଓ ୧୯୮୮ ବ୍ୟାଚର ସିଜେ ବେଣୁଗୋପାଳ ଓ ପ୍ରଦୀପ୍ତ କୁମାର ମହାପାତ୍ର କାର୍ଯ୍ୟ କରୁଥିଲେ ମଧ୍ୟ ରାଜ୍ୟ ସରକାର ୧୯୮୯ ବ୍ୟାଚ ଆଇଏଏସ୍ ପ୍ରଦୀପ କୁମାର ଜେନାଙ୍କୁ ରାଜ୍ୟ ଉନ୍ନୟନ କମିଶନର ଭାବେ ୨୦୨୧ ଜାନୁଆରୀରୁ କାର୍ଯ୍ୟ କରିବାର ସୁଯୋଗ ଦେଇଛନ୍ତି । ଶ୍ରୀ ଜେନାଙ୍କ ଉପରେ ରାଜ୍ୟରେ କାର୍ଯ୍ୟ କରୁଥିବା ଏହି ଅଫିସରଙ୍କ ମଧ୍ୟରେ ଜିଭିଭି ଶର୍ମା ଆଉ ୨ମାସ, ନିକୁଞ୍ଜ ସୁନ୍ଦରାୟ ଆସନ୍ତା ମାର୍ଚ୍ଚରେ ଅବସର ନେବେ । ସେହିପରି ଏବେ ଦିଲ୍ଲୀରେ ଚିକିତ୍ସିତ ହେଉଥିବା ରାଜକୁମାର ଶର୍ମା ମଧ୍ୟ ଆସନ୍ତାବର୍ଷ ଅଗଷ୍ଟରେ ଅବସର ନେବେ । ଏମାନଙ୍କ ବ୍ୟତୀତ ସିଜେ ବେଣୁଗୋପାଳ ଓ ପ୍ରଦୀପ୍ତ କୁମାର ମହାପାତ୍ର ସରକାରଙ୍କ ଗୁଡବୁକରେ ନଥିବାରୁ ଏହି ଉପରୋକ୍ତ ସମସ୍ତ ଅଫିସର ମୁଖ୍ୟ ସଚିବ ରେସରୁ ସ୍ୱତଃ ବାଦ୍ ପଡ଼ିଛନ୍ତି । ତେବେ କେନ୍ଦ୍ରୀୟ ଡେପୁଟେସନରେ ଥିବା ୧୯୮୭ ବ୍ୟାଚ ଆଇଏଏସ୍ ତୁହିନକାନ୍ତ ପାଣ୍ଡ ଓ ରାଜେଶ ବର୍ମାଙ୍କୁ ନେଇ ଗୋଟିଏ ଗୋଷ୍ଠୀ ଚର୍ଚ୍ଚା କରୁଥିଲେ ମଧ୍ୟ ଏମାନଙ୍କୁ ଏହି ଗୁରୁଦାୟିତ୍ୱ ଦେବା ସପକ୍ଷରେ ତୃତୀୟ ମହଲା ନଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି । ଶ୍ରୀ ବର୍ମା ୨୦୨୦ ମେ'ରେ ଓଡ଼ିଶା ଛାଡ଼ିଥିବାବେଳେ ଶ୍ରୀ ପାଣ୍ଡେ ୨୦୧୯ ଅକ୍ଟୋବରରେ ଦିଲ୍ଲୀ ଯାଇଛନ୍ତି । ଶ୍ରୀ ବର୍ମା ମୁଖ୍ୟ ସଚିବ ପଦବୀ ନିମନ୍ତେ ସମ୍ପୂର୍ଣ୍ଣ ଅନଫିଟ୍ ଓ ପ୍ରଭାବଶାଳୀ ହେବେନି । ତେଣୁ ନିର୍ବାଚନୀ ବର୍ଷରେ ଏହି ଦୁଇ ଅଣଓଡ଼ିଆ ଆଇଏଏସଙ୍କୁ ମୁଖ୍ୟ ସଚିବ ପଦ ପାଇଁ ଚୟନ କରି ରାଜ୍ୟ ସରକାର ଅଯଥା ମୁଣ୍ଡବ୍ୟଥା ବଢ଼ାଇବାର ସମ୍ଭାବନା ବିଲକୁଲ୍ ନାହିଁ କହିଲେ ଚଳେ । ସେହିପରି ରାଜ୍ୟର ପୁଲିସ ଡିଜି ଭାବେ ଜଣେ ଅଣଓଡ଼ିଆ ଅଫିସର ସୁନୀଲ କୁମାର ବନସଲ ଦାୟିତ୍ୱ ତୁଲାଉଥିବାରୁ ମୁଖ୍ୟ ସଚିବ ପଦବୀରେ ଓଡ଼ିଆ ଅଫିସରଙ୍କୁ ଅବସ୍ଥାପିତ କରି ବିଜେଡି ସରକାର ଓଡ଼ିଆଙ୍କ ଅସ୍ମିତାର କାର୍ଡ(ବିଜେପି ଖେଳିବାର ସମ୍ଭାବନା)କୁ ପ୍ରତିହତ କରିବାକୁ ଚାହିଁବ । ତା'ଛଡ଼ା ବରିଷ୍ଠ ଆଇଏଏସ୍ ପ୍ରଦୀପ କୁମାର ଜେନା ନିଜର ଲୋକାଭମୁଖୀ ଓ ଦୁର୍ନୀତିବିରୋଧି ଆଭିମୁଖ୍ୟ ପାଇଁ ରାଜ୍ୟର ବିଭିନ୍ନ ବର୍ଗର ଲୋକଙ୍କର ଆସ୍ଥାଭାଜନ ହୋଇପାରିଛନ୍ତି । ଶ୍ରୀ ଜେନା ଜଳସମ୍ପଦ ଓ ଗ୍ରାମ୍ୟ ଉନ୍ନୟନ ବିଭାଗରେ ଚିଠା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ହଟାଇ ପ୍ରତ୍ୟେକ କାର୍ଯ୍ୟକୁ ଟେଣ୍ଡର କରାଇ ବିଭାଗରେ ସ୍ୱଚ୍ଛତା ଓ ପାରଦର୍ଶିତା ଆଣିବା ସହ ମୁଖ୍ୟମନ୍ତ୍ରୀଙ୍କ ଦୁର୍ନୀତିକୁ ନେଇ ଜିରୋ ଟଲେରାନ୍ସକୁ ସଠିକ୍ ଭାବେ କାର୍ଯ୍ୟକାରୀ କରି ପ୍ରଶଂସା ସାଉଁଟିପାରିଛନ୍ତି । ମୁଖ୍ୟମନ୍ତ୍ରୀ ଓ ତାଙ୍କ ପରାମର୍ଶଦାତାଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାରେ ଶ୍ରୀ ଜେନା ମଧ୍ୟ ସକ୍ଷମ ହୋଇଛନ୍ତି । ଶ୍ରୀ ଜେନା ସରକାରୀ ଚାକିରିରୁ ୨୦୨୪ ଜାନୁୟାରୀରେ ଅବସର ନେବାର ଥିବାରୁ ତାଙ୍କୁ ରାଜ୍ୟ ପ୍ରଶାସନର ମୁଖିଆ ପଦବୀରେ ବସାଇ ବିଜେଡି ସରକାର ଆଗାମୀ ସାଧାରଣ ନିର୍ବାଚନ ବୈତରଣୀ ପାର ହେବାକୁ ରଣନୀତି ପ୍ରସ୍ତୁତ କରିଥିବା ସୂଚନା ମିଳିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସ୍ୱଚ୍ଛତା ନେଇ ମୁଖ୍ୟମନ୍ତ୍ରୀ ...

ଏଥିରେ ଆବାସ ଯୋଜନାରେ ଓଡ଼ିଶାରେ ହୋଇଥିବା ଦୁର୍ନୀତି ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ବୈଠକ ପରେ ପ୍ରଦୀପ ଅମାତ କହିଥିଲେ, ରାଜ୍ୟ ସରକାର ଅନିୟମିତତା ନେଇ ଆକ୍ସନ ନେଇଛନ୍ତି । ୨୨ଜଣଙ୍କୁ ନିଲମ୍ବିତ କରାଯାଇଛି । ୪୪ ଅଫିସରଙ୍କୁ ସସ୍ପେଣ୍ଡ କରାଯାଇଛି । ୨୬୮ ଜଣଙ୍କ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ରାଜ୍ୟ ସରକାର ଶୂନ୍ୟ ସହନଶୀଳତା ନୀତି ଅନୁସାରେ କାମ କରୁଛନ୍ତି । ଆଗାମୀ ଦିନରେ ଆମେ ସ୍ୱଚ୍ଛତାରେ କାମ କରିବୁ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, ୨୦୨୨ ମସିହା ସୁଦ୍ଧା ସମସ୍ତଙ୍କୁ ପକ୍କା ଘର ଯୋଗାଇଦେବା ପାଇଁ ଭାରତ ସରକାର ଟାର୍ଗେଟ ନେଇଥିଲେ । ହେଲେ ଏଥିରେ ଓଡ଼ିଶାରେ ଅନିୟମିତତା ହୋଇଛି । ୨୦୧୮ ମସିହାରେ ଆବସ ପ୍ଲସ୍ ପୋର୍ଟାଲ୍ ଖୋଲିବା ପରେ କୌଣସି କାରଣରୁ ଓଡ଼ିଶା ସରକାର ସେଥିରେ ନାଁ ଦେଇପାରିନଥିଲେ । ପରେ ଅର୍ଥାତ୍ ୨୦୧୯ ମସିହାରେ ବାତ୍ୟା ଫୋନି ଆସିଲା । ଫୋନି ପରେ ଆବାସ୍ ପୋର୍ଟାଲ୍ ପୁଣି ଥରେ ଖୋଲିଥିଲା । ସେଥିରେ ଯେଉଁସବୁ ନାଁ ଆସିଥିଲା, ତାକୁ ନେଇ ନାନା ଆପତ୍ତି ଓ ଅଭିଯୋଗ ଆସିଥିଲା । ଏହା ପରେ ସରକାର ଅନୁସନ୍ଧାନ କରାଯାଇଥିଲା । ତା' ଉପରେ ଆଜି ଆଲୋଚନା ହୋଇଥିଲା । ସେ ଆହୁରି କହିଥିଲେ, ଚଳିତବର୍ଷ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସମଗ୍ର ଦେଶ ପାଇଁ ୪୮ ହଜାର କୋଟି ଟଙ୍କା ମଞ୍ଜୁର କରାଯାଇଥିଲା । ସେଥିରୁ ଓଡ଼ିଶା ପାଇଁ ରହିଛି ୭ ହଜାର କୋଟି ଟଙ୍କା । ଏଥିରେ ପାଖାପାଖି ୮ ଲକ୍ଷ ଘର ନିର୍ମାଣ ହେବ । ଏହାଛଡ଼ା ବାତ୍ୟା ଫନିରେ କ୍ଷତିଗ୍ରସ୍ତ ହୋଇଥିବା ଲକ୍ଷାଧିକ ହିତାଧିକାରୀଙ୍କ ନାଁ ଆବସ ପ୍ଲସ୍ ପୋର୍ଟାଲ୍ରେ ଯୋଡ଼ା ଯାଇପାରିବ । ଏହାର ଅର୍ଥ ମୋଟ୍ ୯ରୁ ୧୦ ଲକ୍ଷ ଘର ଓଡ଼ିଶାକୁ ମିଳିବାର ସମ୍ଭାବନା ରହିଛି । ସେଥିପାଇଁ ଟଙ୍କା ମଧ୍ୟ ଭାରତ ସରକାର ରଖିଛନ୍ତି । ଓଡ଼ିଶାର ଅନୁଭବକୁ ନେଇ ଭାରତ ସରକାର ଏଥିପାଇଁ ଗୁଡ଼ାଏ ପ୍ରାସଙ୍ଗିକ ସର୍ତ୍ତ ମଧ୍ୟ ରଖିଛନ୍ତି । ଅନେକ ସମୟରେ ଦେଖିବାକୁ ମିଳିଛି, ଘର ନିର୍ମାଣ ଆରମ୍ଭ ହେଉଛି, ମାତ୍ର ସମ୍ପୂର୍ଣ୍ଣ ହେଉନି । ଯୋଗ୍ୟ ହିତାଧିକାରୀଙ୍କୁ ଘର ମିଳୁ । ଭାରତ ସରକାର ଟଙ୍କା ପଠାଇ ଦେଇଛନ୍ତି, ହେଲେ ସେହି ଟଙ୍କା କାମରେ ଆସୁନି ବୋଲି ଶ୍ରୀ ପ୍ରଧାନ କହିଥିଲେ ।

### ୨୦୨୪ରେ କମିବ ...

ସି-ଭୋଟରୁ ପକ୍ଷରୁ କରାଯାଇଥିବା ଏହି ସର୍ଭେରେ କୁହାଯାଇଛି ଯେ ଏବେ ନିର୍ବାଚନ ହେଲେ ବିଜେପି ନେତୃତ୍ୱାଧୀନ ଏନଡିଏ କ୍ରମାଗତ ତୃତୀୟ ଥର ପାଇଁ କେନ୍ଦ୍ରରେ ସରକାର ଗଠନ କରିବ । କିନ୍ତୁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଦଳ ବଦଳ ଏନଡିଏର ସିଟ୍ ଉପରେ ପ୍ରଭାବ ପକାଇବ । ସର୍ଭେ ଅନୁସାରେ, ଯଦି ଲୋକସଭା ନିର୍ବାଚନ ଅଗଷ୍ଟ ୧ ଭିତରେ ହୋଇଥାଆନ୍ତା, ତା'ହେଲେ ଏନଡିଏ ୫୪୩ ଆସନରୁ ୩୦୭ଟିରେ ବାଜିମାତ କରିଥାଆନ୍ତା । କଂଗ୍ରେସ ନେତୃତ୍ୱାଧୀନ ୟୁପିଏକୁ ୧୨୫ ଓ ଅନ୍ୟାନ୍ୟ ଦଳ ୧୧୧ ଆସନ ପାଇ ଥାଆନ୍ତେ । କିନ୍ତୁ ବିହାରରେ ସରକାର ପରିବର୍ତ୍ତନ ହେବା ପରେ ଯଦି ନିର୍ବାଚନ ହୁଏ, ତା'ହେଲେ ଏନଡିଏ ସିଧାସଳଖ ଲୋକସଭାରେ ୨୧ଟି ଆସନ ହରାଇବ । ଏନଡିଏ ୨୮୬, ୟୁପିଏ ୧୪୬ ଓ ଅନ୍ୟାନ୍ୟ ଦଳ ୧୧୧ଟି ଆସନ ପାଇବେ । ଏନଡିଏ ଖାତାରୁ ୨୧ଟି ଆସନ କଟି କଂଗ୍ରେସ ଖାତାରେ ଯୋଡ଼ି ହେବ ବୋଲି ଏହି ସର୍ଭେ ପକ୍ଷରୁ କୁହାଯାଇଛି । ଏହାର ଅର୍ଥ ନୀତୀଶ କୁମାରଙ୍କ ଦଳବଦଳ ରାଜନୀତି ବିଜେପି ପାଇଁ ଚିନ୍ତାର କାରଣ ପାଲଟିଛି । ଇଣ୍ଡିଆ ଟୁଡେ ଓ ସି ଭୋଟର ପକ୍ଷରୁ ୨୦୨୨ ଫେବୃଆରୀରୁ ଅଗଷ୍ଟ ମାସ ମଧ୍ୟରେ ସର୍ଭେ କରାଯାଇଥିଲା । ଏହି ସମୟରେ ଦେଶର ମୁଡ ଜାଣିବା ପାଇଁ ୧,୨୨,୦୧୬ ଜଣଙ୍କ ମତାମତ ନିଆଯାଇଥିଲା । ୨୦୧୯ ସାଧାରଣ ନିର୍ବାଚନରେ ବିଜେପି ୩୦୩ ଆସନ ଜିତିଥିବା ବେଳେ କଂଗ୍ରେସ ୫୨ଟି ସ୍ଥାନରେ ବାଜିମାତ କରିଥିଲା । ସେହିପରି ଏନଡିଏ ଏବେ ଲୋକସଭାରେ ୩୫୩ ଆସନ ନିଜ ପାଖରେ ରଖିଥିବା ବେଳେ ୟୁପିଏ ପାଖରେ ୯୧ ଜଣ ସାଂସଦ ରହିଛନ୍ତି ।

### ଲୋକପ୍ରିୟତାର ...

ଲୋକପ୍ରିୟ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ୫୩ ପ୍ରତିଶତ ଲୋକ ମତ ଦେଇଛନ୍ତି ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପାଇଁ ଯୋଗ୍ୟ । ରାହୁଲ ଗାନ୍ଧୀଙ୍କୁ ମିଳୁଛି ମାତ୍ର ୯ ପ୍ରତିଶତ । ଇଣ୍ଡିଆ ଟୁଡ଼େ ସର୍ଭେରେ ପ୍ରକାଶ ପାଇଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ସର୍ବାଧିକ ଲୋକପ୍ରିୟ ନେତା । ବର୍ତ୍ତମାନ ମଧ୍ୟ ୫୩ ପ୍ରତିଶତ ଲୋକ ମୋଦିଙ୍କୁ ପ୍ରଧାନମନ୍ତ୍ରୀ ଭାବେ ଦେଖିବାକତୁ ଚାହୁଁଛନ୍ତି । ରାହୁଲ ଗାନ୍ଧୀଙ୍କୁ ୯ ପ୍ରତିଶତ ଚାହୁଁଥିବା ବେଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଚାହୁଁଛନ୍ତି ୭ ପ୍ରତିଶତ ଜନତା । ଅନ୍ୟପଟେ ଯଦି କଂଗ୍ରେସ ଦଳ ଭିତରେ ଲୋକ ପ୍ରିୟ ନେତାଙ୍କୁ ଦେଖାଯାଏ । ତେବେ ଦଳ ଭିତରେ ଲୋକ ପ୍ରିୟତାର ଶୀର୍ଷରେ ରହିଛନ୍ତି ରାହୁଲ ଗାନ୍ଧୀ । ଅର୍ଥାତ ୨୩ ପ୍ରତିଶତ ଦଳୀୟ ସମର୍ଥନ ରାହୁଲ ଗାନ୍ଧୀଙ୍କୁ ମିଳୁଛି । ଅନ୍ୟପଟେ ମନମୋହନ ସିଂଙ୍କୁ ୧୬ ପ୍ରତିଶତ, ସୋନିଆ ଗାନ୍ଧୀଙ୍କୁ ୧୪ ପ୍ରତିଶତ ଏବଂ ପ୍ରିୟଙ୍କା ଗାନ୍ଧୀଙ୍କ ପ୍ରତି ଦଳୀୟ ସମର୍ଥନ ବା ଲୋକପ୍ରିୟତା ରହିଛି ୯ ପ୍ରତିଶତ ।.

### ଗ୍ରାମାଞ୍ଚଳରେ ମିଳିବ ...

ଜନସାଧାରଣଙ୍କୁ ନିରାପଦ ପାନୀୟ ଜଳ ଯୋଗାଇ ଦିଆଯିବ । ତନ୍ମଧ୍ୟରୁ କାମାକ୍ଷାନଗର ବ୍ଲକ ଅଧୀନରେ ଥିବା ୧୩ଗୋଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ୪୬ଟି ଗ୍ରାମର ପ୍ରାୟ ୫୨୯୧୪ ଜଣ, ପରଜଙ୍ଗ ବ୍ଲକ ଅଧୀନରେ ଥିବା ୨୯ଗୋଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ୯୨ଟି ଗ୍ରାମର ପ୍ରାୟ ୧୩୫୨୪୩ ଜଣ, କଙ୍କଡାହାଡ ବ୍ଲକ ଅଧୀନରେ ଥିବା ୨୧ ଗୋଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ୧୦୬ଟି ଗ୍ରାମର ପ୍ରାୟ ୯୬୯୭୩ ଜଣ ଓ ସଦର ବ୍ଲକ ଅଧୀନରେ ଥିବା ୮ ଗୋଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ୨୭ଟି ଗ୍ରାମର ପ୍ରାୟ ୩୭,୦୭୪ ଜଣ ଲୋକ ଏହି ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ଉପକୃତ ହୋଇପାରିବେ । ବର୍ତ୍ତମାନ ରାଜ୍ୟ କ୍ୟାବିନେଟ୍ ଉପରୋକ୍ତ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ସଂପାଦନ ନିମନ୍ତେ ଠିକାଦାର ସଂସ୍ଥା ଏମ୍/ଏସ୍ ଲକ୍ଷ୍ମୀ ସିଭିଲ ଇଂଜିନିୟରିଂ ସର୍ଭିସେସ୍ ପ୍ରାଇଭେଟ. ଲିମିଟେଡ କୋହ୍ଲାପୁର ୫୦୧ କୋଟି ୮୫ ଲକ୍ଷ ୮୧ ହଜାର ଟଙ୍କାର ସର୍ବନିମ୍ନ ନିବିଦାକୁ ଅନୁମୋଦନ କରିଛନ୍ତି । ଉକ୍ତ ପ୍ରକଳ୍ପଗୁଡ଼ିକ ୨୪ ମାସ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । କେନ୍ଦ୍ରାପଡ଼ା ଜିଲ୍ଲାର ୩ଗୋଟି ବ୍ଲକ ଅଧୀନରେ ଥିବା ୭୬ଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ୫୨୨ଟି ଗ୍ରାମରେ ବସବାସ କରୁଥିବା ପ୍ରାୟ ୪୩୫୧୯୦ ଜନସାଧାରଣଙ୍କୁ ନିରାପଦ ପାନୀୟ ଜଳ ଯୋଗାଇ ଦିଆଯିବ । ଏଥିରୁ ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନରେ ଥିବା ୨୯ଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ୧୩୮ଟି ଗ୍ରାମର ପ୍ରାୟ ୧୫୫୩୩୪ ଜଣ, ରାଜନଗର ବ୍ଲକ ଅଧୀନରେ ଥିବା ୨୯ଟି ପଞ୍ଚାୟତ ଅନ୍ତର୍ଗତ ୨୪୯ଟି ଗ୍ରାମର ପ୍ରାୟ ୧୬୮୭୧୨ ଜଣ ଓ ଗରଦପୁର ବ୍ଲକ ଅନ୍ତର୍ଗତ ୧୮ଟି ପଞ୍ଚାୟତ ଅଧୀନରେ ଥିବା ୧୩୫ଟି ଗାଁର ୧୧୧୧୪୪ ଜଣ ଲୋକ ଏହି ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ଉପକୃତ ହେବେ । ସେହିପରି ବାଲେଶ୍ୱର ଜିଲ୍ଲାର ୩ଟି ବ୍ଲକ ଅଧୀନରେ ଥିବା ୪୧ଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ୩୦୧ଟି ଗ୍ରାମରେ ବସବାସ କରୁଥିବା ପ୍ରାୟ ୨୬୨୦୯୩ ଜନସାଧାରଣଙ୍କୁ ନିରାପଦ ପାନୀୟ ଜଳ ଯୋଗାଇ ଦିଆଯିବ । ତନ୍ମଧ୍ୟରୁ ବାଲେଶ୍ୱର ବ୍ଲକ ଅଧୀନରେ ଥିବା ୧୪ଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ୮୧ଟି ଗ୍ରାମର ପ୍ରାୟ ୧୦୧୩୨୧ଜଣ, ରେମୁଣା ବ୍ଲକ ଅଧୀନରେ ଥିବା ୨୦ଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ୧୬୦ଟି ଗ୍ରାମର ପ୍ରାୟ ୧୨୧୨୧୦ ଜଣ ଓ ଖଇରା ବ୍ଲକ ଅଧୀନରେ ଥିବା ୭ ଗୋଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ୬୦ଟି ଗ୍ରାମର ୩୯,୫୬୨ ଜଣ ଲୋକ ଏହି ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ଉପକୃତ ହେବେ ।

### ମାଗଣା ସଂସ୍କୃତି ...

ମୁହଁରେ ଆହାର ପହଞ୍ଚାଇବା ଲାଗି କେନ୍ଦ୍ର ସରକାର ଯୋଜନା କରିଛନ୍ତି । ନିର୍ବାଚନ ସମୟରେ ଭୋଟରଙ୍କୁ ଆପଣାଇବା ପାଇଁ ରାଜନୈତିକ ଦଳଗୁଡିକ ଘୋଷଣା କରୁଥିବା ବିଭିନ୍ନ ମାଗଣା ଯୋଜନାକୁ ବନ୍ଦ କରିବା ଲାଗି ଉପାଧାକ୍ଷ ତାଙ୍କ ଆବେଦନରେ ନିବେଦନ କରିଛନ୍ତି । ନିର୍ବାଚନ ସମୟରେ ରାଜନୈତିକ ଦଳଗୁଡିକ ଘୋଷଣା କରୁଥିବା ଇସ୍ତାହାରକୁ ନିୟନ୍ତ୍ରଣ କରିବା ଓ ଏଥିପାଇଁ ରାଜନୈତିକ ଦଳଗୁଡିକୁ ଉତ୍ତରଦାୟୀ କରାଯିବାକୁ ଉପାଧ୍ୟାୟ ତାଙ୍କ ପିଟିସନରେ ଉଲ୍ଲେଖ କରିଛନ୍ତି ।

### ଇଂଲଣ୍ଡରେ ତୀବ୍ର ...

ଜଳ କମ୍ପାନୀର ପ୍ରମୁଖ ପ୍ରତିନିଧିଙ୍କୁ ନେଇ ଗଠିତ ଜାତୀୟ ଡ୍ରାଫ୍ଟ ଗ୍ରୁପ୍ ଶୁକ୍ରବାର ମରୁଡ଼ି ସ୍ଥିତି ଘୋଷଣା କରିଛନ୍ତି । ବ୍ରିଟେନର ଜଳ ମନ୍ତ୍ରୀ ଷ୍ଟିଭ୍ ଡବଲ୍ କହିଛନ୍ତି ଯେ ଜୁଲାଇରେ ଦେଶର କିଛି ଅଂଶରେ ହିଟୱେଭ ପରେ ଆମେ ଦ୍ୱିତୀୟ ଗ୍ରୀଷ୍ମ ଲହର ଅନୁଭବ କରୁଛୁ । ସେ କହିଛନ୍ତି, ପ୍ରବଳ ତାତିର ମୁକାବିଲା ପାଇଁ ଆମେ ପ୍ରସ୍ତୁତ ଅଛୁ । କୃଷି ଉତ୍ପାଦନ ଉପରେ ନଜର ରଖିବା ସହ ଆବଶ୍ୟକ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ । ମୁଖ୍ୟତଃ ଇଂଲଣ୍ଡରେ ଜଳ ସଙ୍କଟ ଦେଖା ଦେଇଥିବା ବେଳେ ଅଧିକ ବ୍ୟବହାର ପରେ କଟକଣା ଜାରି କରାଯାଇଛି । ଲୋକମାନଙ୍କୁ ସାବଧାନତାର ସହ ପାଣି ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି । ବ୍ରିଟେନର ଅନେକ ଭାଗରେ ରେକର୍ଡସ୍ତରୀୟ ତାପମାତ୍ରା ଆକଳନ କରାଯାଇଛି । ଦକ୍ଷିଣ ଇଂଲଣ୍ଡରେ ୩୫ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ତାପାମାତ୍ରା ବୃଦ୍ଧି ପାଇଛି । ଯାହା ଯଥେଷ୍ଟ ଅଧିକ । ଏହାପୂର୍ବରୁ ୨୦୧୮ରେ ମରୁଡ଼ି ଘୋଷଣା କରାଯାଇଥିଲା । ତାପୂର୍ବରୁ ୨୦୧୧ରେ ଏହା ଅଧିକ ଭୟଙ୍କର ହୋଇଥିଲା । ପାଣିପାଗ ବିଜ୍ଞାନୀମାନେ ଆଗକୁ ସ୍ଥିତି ଜଟିଳ ନେଇ ଚେତାବନୀ ଦେଇଛନ୍ତି ।

### ରାଜସ୍ୱ ବିଭାଗ ...

କିମ୍ବା ଅମିନ ମାନଙ୍କ ଦ୍ୱାରା ନକ୍ସା ତିଆରି କରାଯାଆନ୍ତା ଓ ସମସ୍ତ ବକେୟା ରାଜସ୍ୱ ସଂଗ୍ରହ କରାଯାଇ ଉକ୍ତ ଅଧିକାରୀମାନଙ୍କ ଦ୍ୱାରା ସାର୍ଟିଫିକେଟ୍ ପ୍ରଦାନ କରାଯାଇ ତାପରେ ରେଜିଷ୍ଟ୍ରେସନ୍ ହେବା ପାଇଁ ନିୟମ କରାଯାଆନ୍ତା ତେବେ ଭବିଷ୍ୟତରେ ଘଟୁଥିବା ଘଟଣାମାନ ଘଟନ୍ତା ନାହିଁ । (ଓ.ଆର୍.ଟି.ପି.ସି) ନିୟମ କେବଳ ନୂଆକରି ଦାଖଲ ଖାରଜ ଦରଖାସ୍ତକାରୀଙ୍କ କାର୍ଯ୍ୟକୁ କରିବା ପାଇଁ କରାଯାଇଛି ଫଳରେ ପୁରୁଣା ଦାଖଲ ଖାରଜ ସଂଖ୍ୟା ତହସିଲମାନଙ୍କରେ ଆହୁରି ପୁରୁଣା ହେବାକୁ ଯାଉଛି । ରାଜ୍ୟର ଅନ୍ୟ ତହସିଲରେ ବକେୟା ଥିବା ଖଜଣା ଆଦାୟ କରାଯାଇ ପାରୁନାହିଁ । ଯେଉଁମାନେ ରେଜଷ୍ଟ୍ରି ଦଲିଲ ମାଧ୍ୟମରେ ଚାଷ ଜମିକୁ ଘରବାରି କରିବା ପାଇଁ ଧାର୍ଯ୍ୟ ପାଉଣା ଅନେକ ଦିନରୁ ଦେଇ ସାରିଛନ୍ତି ତାଙ୍କର କାର୍ଯ୍ୟ ସେହିଭଳି ପଡି ରହିଛ । ଭାଗବଣ୍ଟନ ୧୯(ସି)(୧), ପରମିଶନ୍ ଓ ଅନ୍ୟାନ୍ୟ କେସ୍ ବହୁ ପୁରୁଣା ଅବସ୍ଥାରେ ତହସିଲମାନଙ୍କରେ ପଡିରହିଅଛି । ସବୁଠାରୁ ଅଶ୍ଚର୍ଯ୍ୟର କଥା ନୋଜଲ ପ୍ରଜା ସ୍ୱତ୍ତ୍ୱ ଥିବା ଜମି ମାଲିକ ମାନଙ୍କଠାରୁ ତହସିଲଦାରମାନେ ଘରବାରି କରିବା ନିମନ୍ତେ ପାଉଣା ସଂଗ୍ରହ କରିଛନ୍ତି ଯାହାକି ସରକାରୀ ନିୟମ ବାହାରେ ଏଭଳି ଅନେକ କେଶ ଅନେକ ତହସିଲରେ ଦେଖିବାକୁ ମିଳୁଛି । ସଂଶୋଧିତ ପଟ୍ଟା ଦେବା ପାଇଁ ହାତଗୁଞ୍ଜା ଦେବା ପରେ ମଧ୍ୟ ସଂଶୋଧିତ ପଟ୍ଟା ଲୋକ ପାଇପାରୁ ନାହାନ୍ତି । ଅନେକ ମେନୁଆଲ ରେକର୍ଡ ଏପର୍ଯ୍ୟନ୍ତ କମ୍ପ୍ୟୁଟରରେ ଫିଡିଙ୍ଗ୍ ହୋଇପାରୁନାହିଁ । ଅନେକ ପୁରୁଣା ଓ ନୂଆ ରେକର୍ଡ ରେକର୍ଡ ରୁମ୍ରୁ ମିଳୁନାହିଁ ହଜିଯିବା ଦର୍ଶାଯାଇ ଦରଖାସ୍ତିକାରୀଙ୍କ ପ୍ରଶ୍ନର ଉତ୍ତର ଦିଆଯାଉ ନାହିଁ । ଅନେକ ଦାଖଲ ଖାରଜ କେସ୍ ସ୍ୱାଧିନତାର ୧୦ବର୍ଷ ପରଠାରୁ ଆଜି ପର୍ଯ୍ୟନ୍ତ ସଂଶୋଧନ କରାଯାଇ ପାରିନାହିଁ । ସରକାରଙ୍କର କର୍ମଚାରୀ ସଂଖ୍ୟା ନବଢାଇବା ଓ ବେକାରୀ ସମସ୍ୟା ସୃଷ୍ଟି କରିବା ଯଦି କେବଳ ପ୍ରୟାସ ତେବେ ଏଥିରୁ ନିବୃତ ରହିବା ପାଇଁ ଓଡିଶାର ଜନସାଧାରଣଙ୍କର ନିବେଦନ । ତମାଖୁ ସେବନ କ୍ଷତି କାରକ ଲେଖିଦେଲେ ତମାଖୁ ସେବନ ବନ୍ଦ ହୋଇଯାଏ ନାହିଁ । ନିୟମ ପ୍ରଣୟନ କଲା ବେଳେ ବହୁ ଦିଗରୁ ଅନୁଧ୍ୟାନର ଆବଶ୍ୟକତା ଅଛି । ଅନ୍‌ଲାଇନ୍ ବ୍ୟବସ୍ଥା କରିଦେଲେ କେବଳ ଲୋକମାନଙ୍କୁ ଅଫିସ୍‌କୁ ଯିବାକୁ ପଡେନାହିଁ ତାହା ନୁହେଁ ବରଂ ଅନ୍‌ଲାଇନ୍ ମାଧ୍ୟମରେ ଦେଉଥିବା ତଥ୍ୟର ହାର୍ଡ କପି ସରକାରୀ ଅଫିସରେ ଦେବାପାଇଁ ନିୟମ କରିବା ଦରକାର । ଯାହାଫଳରେ ଦର୍ଶାଯାଇଥିବା ବହୁ ଅସୁବିଧା ଆପେ ଆପେ ସୁବିଧାରେ ପରିଣତ ହେବ ।

### ମୟୁରଭଞ୍ଜ ଚାଷୀ ...

ଦେଓ ନଦୀ ଉପରେ ୧୨୮୦ ମିଟର ଦୈର୍ଘ୍ୟର ଏକ ବନ୍ଧ ନିର୍ମାଣ କରାଯାଇଛି । କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ବିକାଶ ଓ କଲ୍ୟାଣ ମୂଳକ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମର ସବୁ କାର୍ଯ୍ୟକ୍ରମ ଲୋକଙ୍କୁ ସଶକ୍ତ କରିଛି ଏବଂ ଲୋକଙ୍କ ଆଦର ଲାଭ କରିଛି । ୫-ଟି ସ୍କୁଲ ରୂପାନ୍ତର କାର୍ଯ୍ୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ପିଲାମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି କରିଛି । ଯେତେବେଳେ ମୟୁରଭଞ୍ଜର ଗୋଟିଏ ପିଲାଟିଏ ଗାଁ ସ୍କୁଲରେ ବିଶ୍ୱସ୍ତରୀୟ ଶିକ୍ଷା ସୁବିଧା ପାଉଛି, ସେତେବେଳେ କେବଳ ସେ ପିଲା ନୁହେଁ, ବା ଗାଁ ନୁହେଁ, ସାରା ଓଡିଶାର ଆଗକୁ ବଢିବାର ଚିତ୍ର ସ୍ପଷ୍ଟ ହେଉଛି ବୋଲି ସେ କହିଥିଲେ । ମୟୁରଭଞ୍ଜର କଳା ଓ ସଂସ୍କୃତିର ଉଚ୍ଚପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଲେ ଯେ ସାରା ଭାରତରେ ମୟୁରଭଞ୍ଜର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ମୟୁରଭଞ୍ଜର ଜନଜାତି ଭାଇଭଉଣୀ ମାନଙ୍କର ଏକ ସମୃଦ୍ଧ ପରମ୍ପରା ରହିଛି । ସେ ଗୌରବକୁ ମହାମହିମ ରାଷ୍ଟ୍ରପତି ଦୌପଦୀ ମୁର୍ମୁଜୀ ଆହୁରି ବୃଦ୍ଧି କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ । ତାଙ୍କ ପାଇଁ ଆମେ ସମସ୍ତେ ଗର୍ବିତ ବୋଲି ସେ କହିଥିଲେ । ମୟୁରଭଞ୍ଜ ରାଜ୍ୟର ଏକ ବଡ ଓ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା ବୋଲି ମତ ଦେଇ ସେ କହିଲେ ଯେ ରାଜ୍ୟର ବିକାଶର ମୟୁରଭଞ୍ଜର ସ୍ୱତନ୍ତ୍ର ଅବଦାନ ରହିଛି । ସମସ୍ତେ ମିଶି ଜିଲ୍ଲାର ଓ ସାରା ରାଜ୍ୟର ବିକାଶ ପାଇଁ ହାତ ମିଳାଇ କାମ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର, ମୋରଡା ବିଧାୟକ ଶ୍ରୀ ରାଜକିଶୋର ଦାସ, ବାଙ୍ଗରିପୋଷି ବିଧାୟକ ସୁଦାମ ମାର୍ଣ୍ଡି ଓ ମୟୁରଭଞ୍ଜ ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ଭାରତୀ ହାଂସଦା ପ୍ରମୁଖ ବକ୍ତବ୍ୟ ରଖି ମୟୁରଭଞ୍ଜର ଚାଷୀ ମାନଙ୍କ ପାଇଁ ଏହି ଦୁଇଟି ପ୍ରକଳ୍ପର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦେଶର ସବୁଠାରୁ ଲୋକପ୍ରିୟ ଓ ସର୍ବଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ବୋଲି ବର୍ଣ୍ଣନା କରି ଓଡିଶାବାସୀଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତା ତାଙ୍କୁ ସମସ୍ତଙ୍କ ପ୍ରିୟଭାଜନ କରିପାରିଛି ବୋଲି ସେମାନେ ମତ ଦେଇଥିଲେ ।

## ବିରିଡି ବ୍ଲକ୍ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି




**ଜଗତ୍‌ସିଂହପୁର :** ଜିଲ୍ଲାପ୍ରଶାସନ ପକ୍ଷରୁ ବିରିଡି ବ୍ଲକ୍ କାର୍ଯ୍ୟାଳୟଠାରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶିବିରରେ ଜିଲ୍ଲାପାଳ ପାରୁଲପଟୱାରୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିବା ବେଳେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ କିମ୍ବା ଜିଲ୍ଲାପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଦେଖିବାକୁ ମିଳିନଥିଲା । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଦୀର୍ଘଦିନ ହେଲା ଅନୁପସ୍ଥିତ ରହୁଥିବାର ଦେଖିବାକୁ ମିଳୁଛି । ଏହି ଶିବିରରେ ମୋଟ ୫୪ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ସେଥିମଧ୍ୟରୁ ଆବାସ ଯୋଜନା ନିମନ୍ତେ ୧୩ଟି, ଜମିଜମା ସମ୍ପର୍କିତ ୧୮ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨ଟି, ଭତ୍ତା ସମ୍ପର୍କରେ ୨ଟି ଏବଂ ଅନ୍ୟାନ୍ୟ ୧୫ଟି ଅଭିଯୋଗର ଶୁଣାଣି ହୋଇଥିଲା । ଏହି ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଚିନ୍ମୟୀ ବିଶ୍ୱାଳ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଉମେଶ କୁମାର ପଣ୍ଡା, ଉପଜିଲ୍ଲାପାଳ ଧମେନ୍ଦ୍ର ମଲ୍ଲିକ, ବିଡିଓ ହେମନ୍ତ କୁମାର ମହନ୍ତ ପ୍ରମୁଖ ଉପସ୍ଥିତ ଥିବାବେଳେ ଜିଲ୍ଲାପରିଷଦ ସଭ୍ୟ ଅଭିମନ୍ୟୁ ପଣ୍ଡା, ବ୍ଲକ୍ ଅଧକ୍ଷା ମମତା ପାତ୍ର, ଉପାଧକ୍ଷା ପିନାକ୍ଷୀ ପ୍ରିୟଦର୍ଶନୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି, ଅଭିଯୋଗର ଶୁଣାଣି କରିଥିଲେ ।

## ୧୭ରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଜଗତ୍‌ସିଂହପୁର :** ଜିଲ୍ଲାପ୍ରଶାସନ ଓ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ବ୍ଲକ୍‌ରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅଗଷ୍ଟ ୧୭ତାରିଖଠାରୁ ଆରମ୍ଭ ହୋଇ ଅଗଷ୍ଟ ୨୯ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ବୋଲି ସୂଚନା ମିଳିଛି । ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତି ଗ୍ରହଣ କରାଯାଇ ଅଗଷ୍ଟ ୧୭ତାରିଖରେ ଜଗତ୍‌ସିଂହପୁର ବ୍ଲକ୍ ଓ ପୌରାଞ୍ଚଳ ନିମନ୍ତେ ଶ୍ରୀକୃଷ୍ଣ ଏକାଡେମୀ, ଅଗଷ୍ଟ ୧୯ତାରିଖରେ ତିର୍ତ୍ତୋଲ ବ୍ଲକ୍ ନିମନ୍ତେ ଆଦିକବି ସାରଳା ଦାସ ମହାବିଦ୍ୟାଳୟ, ଅଗଷ୍ଟ ୨୨ତାରିଖରେ କୁଜଙ୍ଗ ବ୍ଲକ୍ ଓ ପାରାଦ୍ୱୀପ ପୌରାଞ୍ଚଳ ନିମନ୍ତେ ବନବିହାରୀ ହାଇସ୍କୁଲ, କୁଜଙ୍ଗ, ଅଗଷ୍ଟ ୨୩ତାରିଖରେ ନାଉଗାଁ ବ୍ଲକ୍ ନିମନ୍ତେ ବ୍ଲକ୍ କାର୍ଯ୍ୟାଳୟ, ଅଗଷ୍ଟ ୨୪ତାରିଖରେ ରଘୁନାଥପୁର ବ୍ଲକ୍ ନିମନ୍ତେ ପୂର୍ଣ୍ଣଚନ୍ଦ୍ର ବିଦ୍ୟାମନ୍ଦିର, ଅଗଷ୍ଟ ୨୫ତାରିଖରେ ବାଲିକୁଦା ବ୍ଲକ୍ ନିମନ୍ତେ ବ୍ଲକ୍ କାର୍ଯ୍ୟାଳୟ ପରିସର, ଅଗଷ୍ଟ ୨୬ତାରିଖରେ ବିରିଡି ବ୍ଲକ୍ ନିମନ୍ତେ ପଞ୍ଚାୟତରାଜ ହାଇସ୍କୁଲ ଏବଂ ଅଗଷ୍ଟ ୨୯ତାରିଖରେ ଏରସମା ବ୍ଲକ୍ ନିମନ୍ତେ ବ୍ଲକ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବବୋଲି ଧାର୍ଯ୍ୟ କରାଯାଇଛି । ଏହି ଶିବିରରେ ବିଶେଷଜ୍ଞ ଡାକ୍ତରମାନେ ଉପସ୍ଥିତ ରହି ଭିନ୍ନକ୍ଷମ ବ୍ୟକ୍ତି ବିଶେଷଙ୍କୁ ଚିହ୍ନଟ କରି ପ୍ରମାଣପତ୍ର ପ୍ରଦାନ କରିବେ । ଜିଲ୍ଲାର ଭିନ୍ନକ୍ଷମ ବ୍ୟକ୍ତି ବିଶେଷ ବହୁ ସଂଖ୍ୟାରେ ଉପସ୍ଥିତ ରହି ଶିବିରର ସୁଯୋଗ ନେବାକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ କୁମାର ନାୟକ ସୂଚନା ପ୍ରଦାନ କରିଛନ୍ତି ।

## ବିଜୁ ଭବନ ଠାରେ ବିଶ୍ୱ ଆଦିବାସୀ ଦିବସ ପାଳିତ



**ବାରିପଦା :** ସ୍ଥାନୀୟ ବିଜୁ ଜନତା ଦଳ ମୁଖ୍ୟ କାର୍ଯ୍ୟାଳୟ ବିଜୁ ଭବନ ଠାରେ ବିଶ୍ୱ ଆଦିବାସୀ ଦିବସ ପାଳନ ହୋଇଯାଇଛି । ସର୍ବ ପ୍ରଥମେ ବିଜୁ ଭବନଠାରୁ ଆଦିବାସୀ ନେତାମାନଙ୍କର ଏକ ଦଳ ବାହାରି ବାରିପଦାଠାରେ ସ୍ଥାପିତ ହୋଇଥିବା ଆଦିବାସୀ ମହାପୁରୁଷମାନଙ୍କର ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା । ତତ୍‌ପରେ ବିଜୁ ଭବନଠାରେ ଏକ ସଭାର ଆୟୋଜନ ହୋଇଥିଲା । ପ୍ରଥମେ ମହାପୁରୁଷମାନଙ୍କର ତୈଳଚିତ୍ରରେ ଶ୍ରଦ୍ଧା ସୁମନ ପୁଷ୍ପ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସୁଦାମ ମାର୍ଣ୍ଡିଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଭାବରେ ମୟୂରଭଞ୍ଜ ଜିଲ୍ଲା ବି.ଜେ.ଡି. ସହପର୍ଯ୍ୟବେକ୍ଷକ ଜନ୍ମେଜୟ ଲେଙ୍କା ଏବଂ ସମ୍ମାନୀୟ ଅତିଥି ଭାବେ ସହପର୍ଯ୍ୟବେକ୍ଷକ ସୁବ୍ରତ ଛୋଟାଇ, ଅମରେଶ ପତ୍ରି ଉପସ୍ଥିତ ରହି ମହାପୁରୁଷ ମାନଙ୍କ ସ୍ମୃତିଚାରଣ କରିଥିଲେ । ପୂର୍ବତନ ବିଧାୟକ ତଥା ଆଦିବାସୀ ନେତା ଭାଦବ ହାଁସଦାଃଙ୍କ ସଭାପତିତ୍ୱରେ ମୟୂରଭଞ୍ଜ ଜିଲ୍ଲା ପରିଷଦର ସଭାପତି ଭାରତୀ ହାଁସଦାଃ, ପୂର୍ବତନ ଉପ-ବାଚସ୍ପତି ସାନନ୍ଦ ମାର୍ଣ୍ଡି, ପୂର୍ବତନ ଉନ୍ନୟନ ପରିଷଦର ଅଧ୍ୟକ୍ଷ ତଥା ରାଜ୍ୟ ବି.ଜେ.ଡି. ସାଧାରଣ ସମ୍ପାଦକ ଡ.ଦେବାଶିଷ ମାର୍ଣ୍ଡି, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପ-ନଗରପାଳ ସୀମା ଦାସ, ପୁର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ବି.ଜେ.ଡି. ମହିଳା ସଭାପତି ଦିପ୍ତୀଲତା ମିଶ୍ର, ମିଶନ ଶକ୍ତି ସଭାପତି ବିଷ୍ଣୁପ୍ରିୟା ଦାସ, ସମାଜ ସେବି ତଥା ବରିଷ୍ଠ ନେତା ଅମର ସେଠୀ, କୃଷ୍ଣଚନ୍ଦ୍ର ଦାସ, ପ୍ରଭାତ ନାଏକ, ସୁବ୍ରମଣ୍ୟମ ମହାନ୍ତି, ବାରିପଦା ବ୍ଲକ ଅଧକ୍ଷ ସୁନ୍ଦର ସିଂ, ଖୁଣ୍ଟା ବ୍ଲକ ଅଧକ୍ଷ ସୁଧନ୍ୟା ନାୟକ, ଜିଲ୍ଲାପରିଷଦ ସଦସ୍ୟ ସୁଭାଶିନି ନାଏକ, ନରେନ୍ଦ୍ର ହାଁସଦାଃ, ବୈଦନାଥ ସାହୁ, ଦିଲ୍ଲୀପ ପାତ୍ର, ଅରୁଣ ବରାଡ, ଅନନ୍ତ ଦାସ, ସୁକେଶିନି ସେଠୀ, ସ୍ରାବଣୀ ଦାସ, ପୁଜା ତରେଇ, ସମ୍ପା ମଜୁମଦାର ଏବଂ ବାରିପଦା ନିର୍ବାଚନ ମଣ୍ଡଳୀର ବହୁ ଆଦିବାସୀ ନେତା ଉପସ୍ଥିତ ରହି ରାଜ୍ୟ ସରକାର ଆଦିବାସୀମାନଙ୍କ ବିକାଶ ପାଇଁ ନେଇଥିବା ବିଭୀନ୍ନ ପଦକ୍ଷେପକୁ ଭୂୟସି ପ୍ରଶଂଶା କରିଥିଲେ ଏବଂ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

## ଥାନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା



**ଅସ୍ତରଙ୍ଗ :** ଅସ୍ତରଙ୍ଗ ଥାନାରେ ନୂତନ ଭାବେ ଯୋଗ ଦେଇଥିବା ଥାନା ଅଧିକାରୀ ପଞ୍ଚାନନ ପରିଡାଙ୍କୁ ଥାନା ପରିସରରେ ଅସ୍ତରଙ୍ଗ ବ୍ଲକ ବିଜୁ ଜନତା ଦଳ ପକ୍ଷରୁପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯାଇଛି । ବିଜୁ ଜନତା ଦଳର ପୁରୀ ଜିଲ୍ଲା ପରିଷଦ ଉପାଦକ୍ଷ ସ୍ୱାଧୀନ କୁମାର ନାୟକଙ୍କ ନେତୃତ୍ୱରେ ବ୍ଲକ ବିଜୁ ଜନତା ଦଳ ସଭାପତି କେଦାର ନାଥ ବିଶ୍ୱାଳ, ବିଜୁ ଛାତ୍ର ଜନତା ସଭାପତି ପ୍ରଶାନ୍ତ କୁମାର ନାୟକ, ଛାତ୍ର ଜନତାର ସାମାଜିକ ଗଣମାଧ୍ୟମ ପ୍ରତିନିଧି ରୁଦ୍ର ପ୍ରସାଦ ଲେଙ୍କା, ଜିଲ୍ଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ଟିକିନା ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପଞ୍ଚାନନ ସ୍ୱାଇଁ, ବରିଷ୍ଠ ବିଜେଡି ନେତା କୁଞ୍ଜ ବିହାରୀ ପ୍ରଧାନ, ଆଇନଜୀବୀ ତଥା ବିଜେଡି ଯୁବ ସଙ୍ଗଠକ ଦିବ୍ୟଦର୍ଶୀ ବିଶ୍ୱାଳ, ଇଂ ଦୀପକ ପରିଡ଼ା,ଶିବ ପ୍ରସାଦ ଯେନା, ଚକ୍ରଧର ସ୍ୱାଇଁ, ପୁରନ୍ଦର ମହାନ୍ତି, ପ୍ରଫୁଲ୍ଲ କୁମାର ସ୍ୱାଇଁ, ନିର୍ମଳ ମଲ୍ଲ, ସରପଞ୍ଚ ଶ୍ରୀୟା ବରାଳ, ବୃନ୍ଦାବନ ନାୟକ, ଯଶୋବନ୍ତ ନାୟକ, କ୍ଷୀରୋଦ କାଣ୍ଡି, ସମିତି ସଭ୍ୟ ବିମ୍ବାଧର ବିଶ୍ୱାଳ, ରାମଚନ୍ଦ୍ର ନାୟକ, ଟିକିନା ଜେନାଙ୍କ ସମେତ ବହୁ ବରିଷ୍ଠ କର୍ମୀ ଉପସ୍ଥିତ ଥିଲେ । ଅସ୍ତରଙ୍ଗ ବ୍ଲକରେ ଆଇନ ଶୃଙ୍ଖଳା ପରିସ୍ଥିତି ଯେପରି ନ୍ୟାୟୋଚିତ ଭାବରେ ସମସ୍ତ ଜନସାଧାରଣ ମାନଙ୍କୁ ନ୍ୟାୟ ମିଳେ ସେଥି ପ୍ରତି ଦୃଷ୍ଟି ଦେବାକୁ ପ୍ରତିନିଧି ଦଳ ପରାମର୍ଶ ଦେଇଥିଲେ । ଯେପରି କୌଣସି ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ନ ହୁଏ ସେଥି ପ୍ରତି ମଧ୍ୟ ଦୃଷ୍ଟି ଦେବାକୁ କହିଥିଲେ ।ଥାନା ଅଧିକାରୀ ତାଙ୍କ ପ୍ରତିକ୍ରିୟାରେ ପ୍ରତିନିଧି ଦଳଙ୍କୁ କହିଥିଲେ ଯେ ଆପଣ ମାନଙ୍କ ପୂର୍ଣ୍ଣ ସହଯୋଗ ରହିଲେ ଆଇନ ସବୁବେଳେ ଆଇନ ବାଟରେ ଯିବ । ଅସ୍ତରଙ୍ଗ ଥାନା ଅଞ୍ଚଳରେ ସବୁବେଳେ ଶାନ୍ତି ବଜାୟ ରଖିବାକୁ ଚେଷ୍ଟା ଜାରି ରହିବ ବୋଲି ଥାନା ଅଧିକାରୀ ଶ୍ରୀ ପରିଡା ପ୍ରତିଶ୍ରୁତି ଦେଇଥିଲେ । ଅପରାଧ, ଚୋରି ଡକାୟତି, ଗୋଷ୍ଠୀ ସଂଘର୍ଷ ରାଜନୈତିକ ହିଂସା ଉପରେ ତୀକ୍ଷଣ ନଜର ରଖିବା ପାଇଁ ମଧ୍ୟ କହିଥିଲେ ।କିଛି ସମୟ ଆଲୋଚନା କରିବା ପରେ ପ୍ରତିନିଧି ଦଳ ଥାନରୁ ଆସିଥିଲେ ।

## ଶ୍ରୀରାମ ଚନ୍ଦ୍ର ଦାଶଙ୍କ ଶ୍ରାଦ୍ଧ ଦିବସ ପାଳିତ




**ଜଗତ୍‌ସିଂହପୁର :** ଜିଲ୍ଲାପ୍ରଶାସନ ଓ ପୌରପରିଷଦର ମିଳିତ ଆନୁକୂଲ୍ୟରେ ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀରାମ ଚନ୍ଦ୍ର ଦାଶଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ଶ୍ରୀ ଦାଶ ଓଡ଼ିଶାର ଜଣେ ଶିକ୍ଷାବିତ୍, ପ୍ରାବନ୍ଧିକ ଓ ସମ୍ବିଧାନ ବିଶେଷଜ୍ଞ ଭାବେ ପରିଚିତ ଥିଲେ । ରାଜନିତୀ ବିଜ୍ଞାନକୁ ଏକ ସ୍ୱତନ୍ତ୍ର ବିଷୟ ଭାବରେ ପରିଚିତ କରାଇବା ଦିଗରେ ବି ସେ କାମ କରିଥିଲେ । ଏହି ଅବସରରେ ସ୍ୱାମୀ ବିବେକାନନ୍ଦ କଲେଜ ଛକଠାରେ ଥିବା ଶ୍ରୀ ଦାଶଙ୍କ ପ୍ରତିମୂର୍ତ୍ତିରେ ପୌରପରିଷଦ ଅଧକ୍ଷା ଅର୍ଚ୍ଚନା ସିଂହ, ଉପାଧକ୍ଷ ରାଜେନ୍ଦ୍ର କୁମାର ବିଶୋୟୀ, ଜିଲ୍ଲାସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ପୌରପରିଷଦ ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ ଓ ପୌରପରିଷଦର ବରିଷ୍ଠ ସହାୟକ ଦିପକ୍ ପଟ୍ଟନାୟକ ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।



ଡାଃ. ବୀର କିଶୋର ପରିଡ଼ା

# ଗହ୍ମା ପୂର୍ଣ୍ଣିମା, ରକ୍ଷା ବନ୍ଧନ ଓ ପ୍ରଭୁ ଶ୍ରୀ ବଳଭଦ୍ରଦେବଙ୍କ ଜନ୍ମୋତ୍ସବ

ଆଜିର କର୍ମକ୍ଳାନ୍ତ ବ୍ୟସ୍ତବହୁଳ ମଣିଷ ଜୀବନକୁ ଦାୟିତ୍ୱ ଓ ଶୃଙ୍ଖଳାର ଭାରାକ୍ରାନ୍ତ ବୋଝରୁ ମୁକ୍ତ କରିବା ସହିତ ଶରୀର ତଥା ମନକୁ ଅଧିକ ଶକ୍ତିଶାଳୀ କରିବାର ପ୍ରୟାସ ନେଇ ବିଭିନ୍ନ ପର୍ବପର୍ବାଣୀ ପର୍ଯ୍ୟବେଶିତ । ଏହି ପର୍ବପର୍ବାଣୀ ପାଳନ କରିବା ଦ୍ୱାରା ମନ, ହୃଦୟରେ ପବିତ୍ରତା ଓ ଆଧାତ୍ମିକ ଚେତନା ଉଦ୍ରେକ ହେବା ସହିତ ପରିବାର ଓ ସମାଜରେ ପରସ୍ପର ସ୍ନେହ, ଶ୍ରଦ୍ଧା, ଭକ୍ତି, ସମ୍ବେଦନଶୀଳତା, ସହାନୁଭୂତି ଓ ସହଯୋଗର ଏକ ସୁସ୍ଥ ବାତାବରଣ ଓ ପରମ୍ପରା ସୃଷ୍ଟି ହୋଇଥାଏ । ଯାହା ଫଳରେ ମନୁଷ୍ୟ ସମାଜରେ ସୁଖ, ଶାନ୍ତି ଓ ସମୃଦ୍ଧିର ଅଭିବୃଦ୍ଧିରେ ଏହା ସହାୟକ ହୋଇଥାଏ । ଏହି ପର୍ବପର୍ବାଣୀ ଗୁଡ଼ିକ ମୁଖ୍ୟତଃ କୃଷି ଉପରେ ହିଁ ଆଧାରିତ ।

ଗହ୍ମାପୂର୍ଣ୍ଣିମା ଆମ ରାଜ୍ୟ ତଥା ଦେଶରେ ପାଳିତ ହେଉଥିବା ବିଭିନ୍ନ ପର୍ବପର୍ବାଣୀ ମଧ୍ୟରେ ଏକ ମହାନ୍ ପବିତ୍ର କୃଷିଭିତ୍ତିକ ପର୍ବ। ଚଳିତ ବର୍ଷ ତା ୧୧.୦୮.୨୨ ରିଖ ଦିନ ଆମ ରାଜ୍ୟ ତଥା ଦେଶରେ ପାଳିତ ହେଉଅଛି ଗହ୍ମାପର୍ବ ବା ଗହ୍ମାପୂର୍ଣ୍ଣିମା, ରକ୍ଷାବନ୍ଧନ ଓ ପ୍ରଭୁ ଶ୍ରୀ ବଳଭଦ୍ର ଦେବଙ୍କ ଜନ୍ମୋତ୍ସବ । ଶ୍ରାବଣ ମାସର ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ଏହି ଗହ୍ମା ପର୍ବ ବା ଗହ୍ମାପୂର୍ଣ୍ଣିମା ପାଳିତ ହୋଇଥାଏ । ଗହ୍ମାର ଅର୍ଥ ହେଉଛି ଗୋମାତା ଏବଂ ଗୋମାତାଙ୍କୁ ଏହି ଦିନ ପୂଜା କରାଯାଉଥିବାରୁ ଏହା ଗହ୍ମା ପୂର୍ଣ୍ଣିମା ବୋଲି କୁହାଯାଏ । ଗହ୍ମାର ଅନ୍ୟ ଅର୍ଥ ହେଲା – ଗଭୀର ମୁହାଁ ଲଙ୍ଗଳ ଯାହାକୁ ବଳଭଦ୍ର କୃଷିର ଉନ୍ନତି ପାଇଁ ବ୍ୟବହାର କରିଥିଲେ । ତେଣୁ କୃଷିର ଆଦ୍ୟ ଦେବତା ହେଉଛନ୍ତି ବଳରାମ । ଶ୍ରାବଣ ପୂର୍ଣ୍ଣିମା ଦିନ ଶ୍ରୀକୃଷ୍ଣଙ୍କ ଅଗ୍ରଜ ବଳଭଦ୍ରଙ୍କ ଜନ୍ମ ତିଥିକୁ କୃଷକର ପର୍ବ ଭାବେ ପାଳନ କରାଯାଏ । ଏହି ପୂର୍ଣ୍ଣିମାକୁ ଶ୍ରାବଣୀ ବା ସୌଭାଗ୍ୟ ପୂର୍ଣ୍ଣିମା ମଧ୍ୟ କୁହାଯାଏ । ଧରିତ୍ରୀ ଶସ୍ୟ ଶ୍ୟାମଳାରେ ଭରପୁର ହେବା ସହିତ ମାନବ ସମାଜ ବ୍ୟକ୍ତିଗତ ସ୍ତରରେ ଧନ, ଜନ, ଗୋପ, ଲକ୍ଷ୍ମୀ ଅର୍ଜନ କରିବାରେ ସୌଭାଗ୍ୟଲାଭ କରିଥାନ୍ତି ।

ଗହ୍ମାପର୍ବ ଶ୍ରାବଣ ମାସର ପୂର୍ଣ୍ଣିମାଦିନ ଅତି ଆନନ୍ଦ ଉଲ୍ଲାସରେ ଗହ୍ମାପୁନେଇ ପର୍ବ ଭାବେ ସର୍ବତ୍ର ପାଳିତ ହୋଇଥାଏ । କୃଷକ ପରିବାରପାଇଁ ଏହା ହେଉଛି ଏକ ସ୍ୱତନ୍ତ୍ର ମହାନ କୃଷିଭିତ୍ତିକ ପର୍ବ । ଏହି ପବିତ୍ର ଦିନ ଗୋମାତା ବିଶେଷକରି ବଳଦମାନଙ୍କୁ ରଙ୍ଗୀନ ବେଶରେ ସୁସଜ୍ଜିତ କରାଯାଇ "ଗୋ-ଲକ୍ଷ୍ମୀ" ଭାବେ ପୂଜା କରାଯିବାର ବିଧି ରହି ଆସିଛି । ସକଳ କୃଷିକାର୍ଯ୍ୟ ସମାପ୍ତ ପରେ ଏହିଦିନଠାରୁ ଗୋମାତା ତଥା ବଳଦକୁ ବିଶ୍ରାମ ଦିଆଯାଇଥାଏ ।

ଗହ୍ମା ପୂର୍ଣ୍ଣିମାରେ ମଧ୍ୟ ଗୋ-ପୂର୍ଣ୍ଣିମା, ବଳଦ ପୂଜା ବା ବଳଦେବଙ୍କ ଜୟନ୍ତୀ ଭାବେ ପାଳନ କରାଯାଇଥାଏ । ଏହି ପର୍ବ ଅଗଷ୍ଟ ମାସରେ ପଡୁଥିବା ଶ୍ରାବଣ ପୂର୍ଣ୍ଣିମା ଦିନ ଗ୍ରାମାଞ୍ଚଳରେ ଧୁମ୍‌ଧାମ୍‌ରେ ପାଳନ କରାଯାଏ । ହିନ୍ଦୁ ପରମ୍ପରା ଅନୁସାରେ ମାନବ ଜାତିର ହିତରେ ସଦାସର୍ବଦା ଉପକାରରେ ଆସୁଥିବା ଉଭୟ ପ୍ରାଣୀ ଓ ଉଦ୍ଭିଦ ଜଗତକୁ ପୂଜା କରାଯାଏ । ଗୋମାତା ହେଉଛି ଆମର ମା' । ତେଣୁ ଗହ୍ମାପୂର୍ଣ୍ଣିମା କୃଷକ ଓ କୃଷି ବିଶେଷଜ୍ଞମାନଙ୍କ ଏକ ସ୍ୱତନ୍ତ୍ର ଉତ୍ସବ ଭାବେ ଗୋମାତାଙ୍କୁ ପୂଜା କରାଯାଏ ।

କୃଷକ ପର୍ବ – ଆମ ଭାରତ ଭଳି ଦେଶରେ କୃଷକମାନଙ୍କ ମେରୁଦଣ୍ଡ ସଦୃଶ ହେଉଛି ବଳଦ । ବଳଦ କୃଷକ ପରିବାରର ସକଳ କୃଷିକାର୍ଯ୍ୟରେ ସାହାଯ୍ୟ କରୁଥିବାରୁ ବଳଦକୁ ଅତି ସମ୍ମାନର ସହିତ ପୂଜା କରାଯାଏ । ଗୋମାତା ବା ବଳଦ ସହିତ କୃଷିର ସ୍ରଷ୍ଟା ବଳଦେବଙ୍କୁ ପୂଜା କରିବାର ବିଧାନ ରହିଆସିଛି । ପ୍ରଭୁ ଶ୍ରୀକୃଷ୍ଣଙ୍କ ଅଗ୍ରଜ ବଳରାମ ହେଉଛନ୍ତି ହଳ ଲଙ୍ଗଳର ସ୍ରଷ୍ଟା ଏବଂ ଲୋକମାନଙ୍କୁ ଲଙ୍ଗଳ ଦ୍ୱାରା ଚାଷ ପ୍ରଣାଳୀ ଦେଖାଇଥିଲେ । ତେଣୁ ବଳଦ ହେଉଛି ତାଙ୍କର ଚଳନ୍ତିଯାନ ଏବଂ ଲଙ୍ଗଳ ହେଉଛି ତାଙ୍କର ମୁଖ୍ୟ ଆୟୁଧ ବା ଅସ୍ତ୍ର । ଏହି କାରଣରୁ ଏହି ପର୍ବର ଅନ୍ୟନାମ ହେଉଛି ବଳଦେବ ପୂଜା ବା ବଳଦେବ ଜୟନ୍ତୀ ।

ଏହି ପବିତ୍ରଦିନ ଗୋରୁ ଗୁହାଳ ପରିଷ୍କାର ପରିଚ୍ଛନ୍ନ କରାଯିବା ସହିତ ଲିପାପୋଛା କରାଯାଏ । କୃଷକ ଗୁହାଳ କାନ୍ଥରେ ବଳଦ, ଲଙ୍ଗଳ, ମହି, କୋଡ଼ି, କୋଦାଳ, ବଳଦଗାଡ଼ି (ଶଗଡ଼) ଓ ଅନ୍ୟାନ୍ୟ କୃଷି ଯନ୍ତ୍ରପାତି ଆଦିର ଚିତ୍ର ଆଦି ଆଙ୍କିଥାନ୍ତି । କୃଷକମାନେ ସକାଳୁ ବଳଦକୁ ଗାଧୋଇ ଦେଇ ଫୁଲ, ଚନ୍ଦନ, ସିନ୍ଦୂର, ଅଭିର ଆଦି ଲଗାଇ ସୁସଜ୍ଜିତ କରିଥାନ୍ତି । ଗୋରୁଙ୍କ ଶିଙ୍ଘରେ ତେଲ ମରାଯାଏ । ଏଥିସହିତ ଗୋମାତା ବା ବଳଦମାନଙ୍କୁ ରାକ୍ଷୀ ପିନ୍ଧା ଯାଇଥାଏ । ଗୃହକର୍ତ୍ତା ଗୋରୁ ଗୁହାଳରେ ଗୋ-ପୂଜନ କରିଥାନ୍ତି ଯେଉଁଥିପାଇଁ ବ୍ରାହ୍ମଣଙ୍କର ଆବଶ୍ୟକତା ନଥାଏ । ଘରେ ଘରେ ପିଠାପଣା, ଖିରି ଖେଚୁଡ଼ି ହୋଇଥାଏ । ଗୋମାତା ତଥା ବଳଦଙ୍କୁ ସୁମିଷ୍ଟ ବ୍ୟଞ୍ଜନ ଯଥା – ପିଠାପଣା, ଏଣ୍ଡୁରୀପିଠା, ଦାନା, ସବୁଜ ଘାସ ଆଦି ଖୁଆଇ ପ୍ରଭୁଙ୍କୁ ସୁମରଣା କରିଥାନ୍ତି ।



ଶ୍ରୀ ବଳଭଦ୍ରଦେବଙ୍କ ଜନ୍ମମହୋତ୍ସବ – ପୁରାଣ ତଥ୍ୟ ଅନୁଯାୟୀ, ଦ୍ୱାପର ଯୁଗରେ ଗୋପପୁରରେ ନନ୍ଦରାଜାଙ୍କ ଗୋଶାଳରେ ରୋହିଣୀଙ୍କ ଗର୍ଭରୁ ବଳଭଦ୍ର ଶ୍ରାବଣ ପୂର୍ଣ୍ଣିମା ଦିନ ଜନ୍ମଲାଭ କରିଥିଲେ । ଗୋ-ଗୋଷ୍ଠୀମଧ୍ୟରେ ରୋହିଣୀ ନାମକ ଗାଈ ନିକଟରେ ରୋହିଣୀଙ୍କ ଗର୍ଭରୁ ଜନ୍ମନେଲେ ପ୍ରଭୁ ଶ୍ରୀ ଶ୍ରୀ ବଳଭଦ୍ର। ପ୍ରଭୁ ଶ୍ରୀକୃଷ୍ଣ ଅଗ୍ରଜ ବଳଭଦ୍ରଙ୍କ ସହିତ ଦୁଷ୍ଟ ଦମନ ପାଇଁ ଲୀଳାଖେଳା ଆରମ୍ଭ କଲେ । ମହା ପ୍ରତାପୀ କଂସଙ୍କ ଭଉଣୀ ଦେବକୀଙ୍କ ୭ମ ଗର୍ଭରୁ ମାତା ରୋହିଣୀଙ୍କ ଗର୍ଭରେ ସମ୍ୟକ୍ ଭାବେ ଆକର୍ଷିତ କରି ରଖାଯାଇଥିବାରୁ ବଳରାମଙ୍କ ଅନ୍ୟନାମ ହେଉଛି "ଶଙ୍କର୍ଷଣ" । ମହାଭାରତ ଯୁଦ୍ଧର ଆଶଙ୍କାକୁ ଶଙ୍କର୍ଷଣ ଜାଣି ତିର୍ଥ ଯାତ୍ରା କରିବାକୁ ଅଗ୍ରସର ହେବା ବେଳେ ଅନୁଜ ଶ୍ରୀକୃଷ୍ଣଙ୍କୁ ଯୁଦ୍ଧରେ ଅସ୍ତ୍ର ଉତ୍ତୋଳନ ନ କରିବାକୁ ପରାମର୍ଶ ଦେଇଥିଲେ ।

ପ୍ରଭୁଶ୍ରୀ ବଳଭଦ୍ର ହେଉଛନ୍ତି ଭଗବାନ ବାସୁଦେବଙ୍କର ବଡ଼ଭାଇ । ସେ ହେଉଛନ୍ତି ବଳ ଓ ଜ୍ଞାନର ପ୍ରତୀକ ଏବଂ ସର୍ବୋପରି କୃଷିର ଦିଗ୍‌ଦ୍ରଷ୍ଟା । ବଳରେ ବଳିଷ୍ଠ ହେତୁ ସେ ହେଉଛନ୍ତି ବଳଦେବ । ତାଙ୍କର ଅନ୍ୟନାମ ହେଉଛି ହଳଧର, ବଳରାମ, ନୀଳାମ୍ବର, ଦେବତା ରମଣ ଇତ୍ୟାଦି । ବଳଭଦ୍ରଙ୍କର ମୁଖ୍ୟ ଆୟୁଧ ହେଉଛି ଲଙ୍ଗଳ । ଭଗବାନ ବଳରାମ କୃଷିର ଉନ୍ନତି, ଗୋସେବା ଓ ଗୋରକ୍ଷାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଥିଲେ । ତାଙ୍କର ଏକ ହସ୍ତର ମୁଷଳ ଯାହାକି ଶ୍ରମ ବା ଶିଳ୍ପର ପ୍ରତୀକ ଏବଂ ଅନ୍ୟ ହସ୍ତର ଲଙ୍ଗଳ ହେଉଛି କୃଷିର ପ୍ରତୀକ । ଗୋ-ଗୋଷ୍ଠୀରେ ରୋହିଣୀ ନାମକ ଗାଈ ନିକଟରେ ରାଣୀ ରୋହିଣୀଙ୍କଠାରୁ ଶ୍ରୀକୃଷ୍ଣଙ୍କର ଜ୍ୟେଷ୍ଠଭ୍ରାତା ବଳଭଦ୍ର ଜନ୍ମଲାଭ କରିଥିବାରୁ ପ୍ରତ୍ୟେକ ହିନ୍ଦୁ ପରିବାର ଗାଈଙ୍କୁ ମାତା ଭାବରେ ସମ୍ବୋଧନ କରି ଗୋ-ଉପାସନା କରି ଆସୁଛନ୍ତି।

ଶ୍ରୀମନ୍ଦିରରେ ଗହ୍ମା ପର୍ବ ପାଳନର ପରମ୍ପରା ବିଧି ରହିଆସିଛି । ମହାପ୍ରଭୁ ବଳଭଦ୍ରଙ୍କ ଜନ୍ମୋସବ ଓ ରାକ୍ଷୀ ଲାଗି ଅନୁଷ୍ଠିତ ହୁଏ। ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ାର ଶ୍ରୀବଳଦେବଜୀଉଙ୍କର ମନ୍ଦିରରେ ଶ୍ରାବଣ ମାସର ପୂର୍ଣ୍ଣିମା ଦିନ ପ୍ରଭୁ ଶ୍ରୀ ବଳଭଦ୍ରଦେବଙ୍କର ଜନ୍ମୋତ୍ସବ ଅନୁଷ୍ଠିତ ହୋଇଆସୁଛି । ଭଗବାନ ବଳରାମଙ୍କ ସହ ଭଉଣୀ ଶୁଭଦ୍ରା ଏବଂ ଜଗନ୍ନାଥ ମଧ୍ୟ ଏଠାରେ ପୂଜା ପାଉଛନ୍ତି । ବିଭିନ୍ନ ନଦନଦୀ ଓ ସମୁଦ୍ରରେ ପରିପୂର୍ଣ୍ଣ ଏହି କେନ୍ଦ୍ରାପଡ଼ା ଜିଲ୍ଲା ଶିଳ୍ପବିହୀନ ହେଲେ ମଧ୍ୟ ପ୍ରଭୁ ଶ୍ରୀ ବଳଦେବଙ୍କ କୃପାରୁ ଏଠାକାର ଧରିତ୍ରୀ ଶସ୍ୟଶାମଳାରେ ପରିପୂର୍ଣ୍ଣ । ବଳଭଦ୍ରଙ୍କୁ କୃଷକ ଦେବତା ଭାବେ ପୂଜା କରାଯାଉଥିବା ବେଳେ କୃଷି ଉପକରଣ ଏବଂ ବଳଦଙ୍କ ପୂଜା କରିବାର ବିଧି ଏଠାରେ ରହିଆସିଛି ।

ଗହ୍ମାଡିଆଁ ପର୍ବ – ପ୍ରଭୁ ବଳଦଦେବଙ୍କ ଜନ୍ମଦିବସ ଲୋକପ୍ରିୟର ଗହ୍ମାଡିଆଁ ଖେଳ ମାଧ୍ୟମରେ ପାଳିତ ହେବାର ଦୃଶ୍ୟ କେତେକ ଅଞ୍ଚଳରେ ଦେଖିବାକୁ ମିଳେ । ଗହ୍ମାଡିଆଁର ଅର୍ଥ ହେଉଛି ଗହ୍ମା ଡେଇଁବା ବା ଉଚ୍ଚ ସ୍ଥାନରୁ ନୀଚ୍ଚ ସ୍ଥାନକୁ ଡେଇଁବା । ଏହି ପର୍ବ ପାଳନ ପୂର୍ବରୁ ଇଟା, ମାଟି ଓ ଘାସରେ ଏକ ପ୍ଲାଟଫର୍ମ ତିଆରି କରାଯାଏ । ଏହାର ମଧ୍ୟମ ଭାଗରେ ପଥରଖଣ୍ଡ ପକାଇ ମଜବୁତ୍ କରାଯାଏ। ଏହା ଏକ ସ୍ୱର୍ ପରି ଉଚ୍ଚ ଉପରଆଡୁ ନୀଚ୍ଚା ତଳଆଡ଼କୁ ହୋଇଥାଏ । ଏହାର ଦୁଇପାର୍ଶ୍ୱରେ ଦୁଇଟି ପୋଲ୍ ପୋତାଯାଏ ଏବଂ ଏହାର ଦୁଇପଟ ପୋଲ ବା ଖୁଣ୍ଟକୁ ବାଉଁଶ ବାଡ଼ି ବା ଦଉଡ଼ି ଦ୍ୱାରା ବାନ୍ଧି ଦିଆଯାଏ । ଏଥିରେ ବିଭିନ୍ନ ଫଳ ଯଥା ଲେମ୍ବୁ, କଦଳୀ, ନଡ଼ିଆ ଆଦି ବାନ୍ଧି ଦିଆଯାଏ । ଜଣେ ପରେ ଜଣେ ଏହି ପ୍ଲାଟଫର୍ମ ବା ଗହ୍ମାର ତଳଆଡୁ ଉପରଆଡ଼କୁ ଦୌଡ଼ିଆସି ବନ୍ଧା ଯାଇଥିବା ଫଳକୁ ଡେଇଁକରି ଆଣନ୍ତି । ଏଥିରେ ଯିଏ ଉତ୍ତୀର୍ଣ୍ଣ ହୁଏ ସେ ପୁରସ୍କୃତ ହୁଅନ୍ତି । ସାଧାରଣତଃ ଏହି ପର୍ବ କଟକ, ନୟାଗଡ଼, ଗଜପତି ଜିଲ୍ଲା ଓ ଅନ୍ୟାନ୍ୟ ଅଞ୍ଚଳରେ ଦେଖିବାକୁ ମିଳେ ।

ଝୁଲଣ ପର୍ବ – ଆମ ରାଜ୍ୟର ଜଗନ୍ନାଥ ସଂସ୍କୃତି ଅନୁଯାୟୀ ପ୍ରଭୁ ଶ୍ରୀକୃଷ୍ଣ ଓ ରାଧା ଶ୍ରାବଣମାସର ଶୁକ୍ଳପକ୍ଷ ଏକାଦଶୀ ତିଥିଠାରୁ ଶ୍ରାବଣ ପୂର୍ଣ୍ଣିମା ପର୍ଯ୍ୟନ୍ତ, ବର୍ଷାଋତୁରେ ଧରିତ୍ରୀ ଶସ୍ୟଶ୍ୟାମଳା ଦୃଶ୍ୟକୁ ଉପଭୋଗ କରି ଧରିତ୍ରୀବାସୀଙ୍କୁ ଆଶୀର୍ବାଦ କରିଥାନ୍ତି । ଏହା ଶ୍ରାବଣ ପୂର୍ଣ୍ଣିମା ବା ରାକ୍ଷୀ ପୂର୍ଣ୍ଣିମାଦିନ ସୁସଜ୍ଜିତ ଦୋଳିରେ ରାଧାକୃଷ୍ଣଙ୍କୁ ଝୁଲାଇ ପୂଜାର୍ଚ୍ଚନା କରାଯାଉଥିବାରୁ ଏହାକୁ ଝୁଲଣ ଯାତ୍ରା ବା ଝୁଲଣପର୍ବ ବୋଲି କୁହାଯାଏ ।

ଜନଇଁ ପୂର୍ଣ୍ଣିମା – ରାକ୍ଷୀ ପୂର୍ଣ୍ଣିମାକୁ ଜନଇଁ ପୂର୍ଣ୍ଣିମା ମଧ୍ୟ କୁହାଯାଏ । ଏହିଦିନ ବ୍ରାହ୍ମଣ, କ୍ଷତ୍ରିୟ ଓ ଅନ୍ୟାନ୍ୟ ସଂପ୍ରଦାୟର ଲୋକମାନେ ସେମାନେ ପରିଧାନ କରିଥିବା ପଇତାକୁ ବର୍ଷକୁ ଥରେ ବଦଳାଇ ଥାନ୍ତି । ସାଧାରଣତଃ ହିନ୍ଦୁ ଓ ଜୈନ୍ୟମାନଙ୍କ ଦ୍ୱାରା ଏହି ପର୍ବ ପାଳିତ ହୋଇଥାଏ।



ରାକ୍ଷୀ ପୂର୍ଣ୍ଣିମା ବା ରକ୍ଷାବନ୍ଧନ – ରକ୍ଷା ବନ୍ଧନର ଅର୍ଥ ହେଉଛି ସୁରକ୍ଷାର ବନ୍ଧନ । ରକ୍ଷାର ଅର୍ଥ ହେଉଛି ସୁରକ୍ଷା, ବନ୍ଧନର ଅର୍ଥ ହେଉଛି ବନ୍ଧ । ତେଣୁ ଏହାକୁ ସୁରକ୍ଷାର ବନ୍ଧନ କୁହାଯାଏ । ରାକ୍ଷୀ ହିନ୍ଦୁମାନଙ୍କର ମହାନ ପର୍ବ ଭାବେ ପାଳିତ ହୋଇ ଆସୁଅଛି । ଆମ ଦେଶ ଓ ଦେଶ ବାହାରେ ରକ୍ଷାବନ୍ଧନ ଦିନ ଭାଇ ଓ ଭଉଣୀର ସଂପର୍କର ଉତ୍ସବଭାବେ ପାଳିତ ହେଉଅଛି । ଏହି ରକ୍ଷାବନ୍ଧନ ଉତ୍ସବ ଅଗଷ୍ଟମାସର ଶ୍ରାବଣ ପୂର୍ଣ୍ଣିମାଦିନ ପୁରପଲ୍ଲୀଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଧୁମ୍ ଧାମରେ ପାରମ୍ପରିକ ରୀତିରେ ପାଳନ କରାଯାଇ ଆସୁଅଛି । ଏହି ପବିତ୍ରଦିନ ଭଉଣୀ ଥାଳିରେ ଅରୁଆଚାଉଳ, ଧୂପକାଠି, ମିଠା, ସିନ୍ଦୂର, ଦୀପ, ଚନ୍ଦନ ଆଦି ସଜାଡି ପୂଜା ପାଇଁ ପ୍ରସ୍ତୁତ ହୁଅନ୍ତି । ତା'ପରେ ଭଉଣୀ ଆରତୀ ବା ଦୀପ ମାଧ୍ୟରେ ଭାଇକୁ ପୂଜା କରି ମସ୍ତକରେ ଚନ୍ଦନ, ସିନ୍ଦୂର ଓ ତିଳକ ଦେଇ ସ୍ନେହ ଓ ସମ୍ମାନର ପ୍ରତୀକ ଭାବେ ଭାଇ ହାତରେ ରାକ୍ଷୀଡୋରୀ ବାନ୍ଧିଦେଇ ଭାଇର ଦୀର୍ଘାୟୁ କାମନା କରନ୍ତି ।

ଆଜକୁ ୬ହଜାରବର୍ଷ ପୂର୍ବେ ଆର୍ଯ୍ୟସଭ୍ୟତା ସମୟରୁ ହିନ୍ଦୁପର୍ବ ରକ୍ଷାବନ୍ଧନ ବା ସୁରକ୍ଷାର ବନ୍ଧନ ପାରମ୍ପରିକ ରୀତିରେ ଆମ ଦେଶରେ ପାଳିତ ହୋଇ ଆସୁଅଛି । ପୌରାଣିକ ଦୃଷ୍ଟିରୁ ଆକଳନ କଲେ ଜଣାଯାଏ ଧରାପୃଷ୍ଠରେ ଧର୍ମରକ୍ଷା ସହିତ ଉତ୍ତମ ମାନବର ସୁରକ୍ଷା ନିମନ୍ତେ ମହାଭାରତ ଯୁଦ୍ଧରେ ସ୍ୱୟଂ ଶ୍ରୀକୃଷ୍ଣ କ୍ରୋଧାନ୍ୱିତ୍ୱ ହୋଇ ରାଜା ଶିଶୁପାଳଙ୍କୁ ବିନାଶ କରିଥିଲେ । ସେତେବେଳେ ଶ୍ରୀକୃଷ୍ଣଙ୍କ ଆଙ୍ଗୁଳିରେ ରକ୍ତସ୍ରାବ ହେବାରୁ ଦ୍ରୌପଦୀ ନିଜ ପିନ୍ଧା ଶାଢ଼ୀକୁ ଚିରି ସେହି କପଡ଼ାରେ ତାଙ୍କ ହସ୍ତରେ ବନ୍ଧନରୂପକ ଡୋରୀ ବାନ୍ଧିଦେଇ ପ୍ରଭୁଙ୍କଠାରେ ଭାତୃତ୍ୱର ଭାବ ସୃଷ୍ଟି କରିପାରିଥିଲେ । କୌରବ ସଭାରେ ପଶାଖେଳରେ ପାଣ୍ଡବ ହାରିଯିବା ପରେ ଦ୍ରୌପଦୀଙ୍କ ବସ୍ତ୍ରହରଣ ସମୟରେ ପ୍ରଭୁ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ସୁଦୀର୍ଘ ବସ୍ତ୍ର ବା ଶାଢ଼ୀ ପ୍ରଦାନ କରି ଭଉଣୀର ସୁରକ୍ଷା ପୂର୍ବକ ମାନ୍ୟତା ପ୍ରଦାନ କରିବାର ଦୃଷ୍ଟାନ୍ତ ଦେଖିବାକୁ ମିଳେ । ସେହିଭଳି ଅସୁର କୂଳର ରାଜା ବଳି ରାଜାଙ୍କ ଆସକ୍ତିରୁ ମୁକ୍ତିଲାଭ କରିବା ପାଇଁ ମହାଲକ୍ଷ୍ମୀ ବଳିରାଜାଙ୍କ ହସ୍ତରେ ରାକ୍ଷୀ ପିନ୍ଧାଇ ସ୍ୱୟଂ ବିଷ୍ଣୁଙ୍କୁ ବୈକୁଣ୍ଠପୁରକୁ ଫେରାଇ ଆଣିଥିଲେ । ସେହିଭଳି ରାକ୍ଷୀପୂର୍ଣ୍ଣିମାଦିନ ଯମରାଜଙ୍କ ଭଉଣୀ ଯମୁନା ଯମରାଜଙ୍କ ହସ୍ତରେ ରାକ୍ଷୀ ପିନ୍ଧାଇ ଥିବାରୁ ଯମରାଜ କହିଲେ ଯେ, ଏହି ରକ୍ଷାବନ୍ଧନ ଦ୍ୱାରା ସମଗ୍ର ମାନବସମାଜ ଯମଯନ୍ତ୍ରଣାରୁ ମୁକ୍ତିଲାଭ କରିପାରିବ । ଐତିହାସିକ ଦୃଷ୍ଟିକୋଣରୁ ଜଣାଯାଏ ଯେ, ଯେତେବେଳେ ରାଜପୁତମାନେ ମୁସଲମାନଙ୍କ ସହିତ ଯୁଦ୍ଧ କରୁଥିଲେ ସେତେବେଳେ ଚିତୋରର ବିଧବା ରାଣୀ କର୍ଣ୍ଣବତୀ ଗୁଜୁରାଟର ସୁଲତାନ୍ ବାହାଦୂର ଶାହାଙ୍କ ଆକ୍ରମଣରୁ ସୁରକ୍ଷା ପାଇବା ପାଇଁ ସମ୍ରାଟ ହ୍ୟୁମାୟୁନଙ୍କ ନିକଟକୁ ରାକ୍ଷୀ ପଠାଇ ନିଜର ସାମ୍ରାଜ୍ୟକୁ ସୁରକ୍ଷିତ କରିପାରିଥିଲେ । ସେହିଭଳି ୩ଶହ ଖ୍ରୀଷ୍ଟପୂର୍ବ ସମୟରେ ମାସେଡୋନିଆର ମହା ପ୍ରତାପଶାଳୀ ସମ୍ରାଟ ଆଲେକଜାଣ୍ଡାର ଭାରତ ଆକ୍ରମଣ କରିବା ସମୟରେ ରାକ୍ଷୀପର୍ବର ଏକ ପୁରୁଣା କିମ୍ବଦନ୍ତୀ ରହି ଆସିଛି । ଭାରତୀୟ ରାଜା ପୁରୁ ମାସେଡୋନିଆ ଆକ୍ରମଣ କରି ଥରହର କରୁଥିଲେ । ସେତେବେଳେ ରକ୍ଷାବନ୍ଧନ ମହତ୍ୱକୁ ଉପଲବ୍ଧି କରି ଆଲେକଜାଣ୍ଡାରଙ୍କ ପତ୍ନୀ ରାଜା ପୁରୁଙ୍କୁ ରାକ୍ଷୀବନ୍ଧନରେ ଭାତୃତ୍ୱ ଭାବରେ ଗ୍ରହଣ କରି ନିଜର ସାମ୍ରାଜ୍ୟକୁ ରକ୍ଷା କରିଥିଲେ ।

ଗଙ୍ଗାଧର ମେହେରଙ୍କ ଜନ୍ମଦିବସ – ଆଜି ହେଉଛି ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜନ୍ମଦିବସ । ସମ୍ବଲପୁର ତଥା ବର୍ତ୍ତମାନ ବରଗଡ଼ ଜିଲ୍ଲାର ବରପାଲ୍ଲୀ ଜିଲ୍ଲାରେ ୧୮୬୨ ମସିହାର ଶ୍ରାବଣ ପୂର୍ଣ୍ଣିମା ବା ଗହ୍ମାପୂର୍ଣ୍ଣିମା ଦିନ ସ୍ୱଭାବକବି ଗଙ୍ଗାଧର ମେହେର ଜନ୍ମଲାଭ କରିଥିଲେ । ତାଙ୍କ ଦ୍ୱାରା ଲିଖିତ 'ଭକ୍ତ' କାବ୍ୟର ଧାର୍ମିକ ଚିନ୍ତାଧାରାର ଏକ ଶ୍ରେଷ୍ଠ ନିଦର୍ଶନ ସ୍ୱରୂପ । ସାହିତ୍ୟ ଜଗତରେ ସେ ଯାହା ଚିନ୍ତା କରୁଥିଲେ ତାହା ସୁନାପରି ହେଉ ଯାଉଥିଲା । ସେ ଜଣେ ଉତ୍ସର୍ଗୀକୃତ ଆକର୍ଷଣୀୟ କବିତ୍ୱ ଭାବରେ ପରିଚୟ ସୃଷ୍ଟି କରିଥିଲେ । ସେ ପ୍ରକୃତରେ ଜଣେ କବି ଭାବ ସମ୍ପନ୍ନ ହୋଇ ତାଙ୍କ ଚିନ୍ତା ଚେତନାରୁ ଉର୍ଦ୍ଧ୍ୱରେ ରହି ଅତ୍ୟନ୍ତ ସୁନ୍ଦର ଭାବରେ ସମସ୍ତ ଭାବତ୍ୱକୁ ବର୍ଣ୍ଣନା କରିବାରେ ସେ ଥିଲେ ସିଦ୍ଧହସ୍ତ । ତାଙ୍କର ରଚନାବଳୀ ଯେତିକି ହୃଦୟସ୍ପର୍ଶୀ ସେତିକି ମର୍ମସ୍ପର୍ଶୀ ମଧ୍ୟ । ଯଦିଓ ସେ ଶିକ୍ଷା ଓ ଧନ ସମ୍ପଦ କ୍ଷେତ୍ରରେ ଦୁର୍ବଳ ଥିଲେ କିନ୍ତୁ ତାଙ୍କର ମନ ଓ ସଂସ୍କୃତି କ୍ଷେତ୍ରରେ ସେ ବେଶ୍ ଧନଶାଳୀ ଥିଲେ ।

*ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ*
*ଜଗତସିଂହପୁର*
*ଦୂରଭାଷ : ୯୪୩୭୬୦୭୩୧୨*





# ଜିଆରଏସ୍‌ଙ୍କ ମନମାନିରେ ଚାଲିଛି ଜିଲ୍ଲାର ମନରେଗା କାର୍ଯ୍ୟ

**ଜଗତ୍‌ସିଂହପୁର,(ଜ୍ୟୋତିରଞ୍ଜନ ପଟ୍ଟନାୟକ):** ଜିଲ୍ଲାର ପ୍ରତି ବ୍ଲକ୍ ମାନଙ୍କରେ ବିଭିନ୍ନ ଯୋଜନାକୁ ନେଇ ମନରେଗା କାର୍ଯ୍ୟସବୁର ଚେର ଲମ୍ବି ଲମ୍ବି ଚାଲିଥିବା ବେଳେ ଦୁର୍ନିତୀ ନିବାରଣ ବିଭାଗ ନିରବ ରହିବାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ମନରେଗା କାର୍ଯ୍ୟ ସବୁ ଅଣତାଲିମପ୍ରାପ୍ତ ଜି.ଆର.ଏସ୍. କର୍ମୀଙ୍କ ପାଇଁ ଏହା ଏକ ପେଣ୍ଠସ୍ଥଳୀ ପାଲଟି ଗଲାଣି । ଏ ସମ୍ପର୍କରେ ବହୁ ଅଭିଯୋଗ ବିଭାଗୀୟ ମନ୍ତ୍ରୀ, ଜିଲ୍ଲାପାଳ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଓ ଦୁର୍ନୀତି ନିବାରଣ ବିଭାଗପାଖକୁ ଯାଉଥିଲେ ବି ତାହାର ତଦନ୍ତ ସଠିକ୍ ଭାବରେ କରାଯାଉନାହିଁକି, ଜି.ଆର୍.ଏସ୍‌ମାନଙ୍କ ଉପରେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ, ଫଳରେ ଜି.ଆର୍.ଏସ୍‌ଙ୍କ ଚେର ଲମ୍ବି ଲମ୍ବି ଚାଲିଛି । ଏହି ଜି.ଆର୍.ଏସ୍. କର୍ମୀମାନେ ମନରେଗା କାର୍ଯ୍ୟ ସବୁରେ ବ୍ୟାପକ ଭାବେ ଘୋଟାଲା କରୁଥିବା ବେଳେ ବ୍ଲକ୍ କର୍ତ୍ତୃପକ୍ଷ ନିରବ ରହୁଥିବାର ଦେଖାଯାଇଛି । ଏପରିକି ମନରେଗା କାର୍ଯ୍ୟ ସବୁରେ ଜବ୍‌କାର୍ଡଧାରିମାନଙ୍କୁ ଡକା ନଯାଇ ରାତି ଅଧିଆ ଜେସିବି ମେସିନ୍ ଦ୍ୱାରା ମନରେଗା କାର୍ଯ୍ୟ ଚାଲୁଥିବା ବେଳେ ଘରେ ବସିଥିବା କିଛି ହାତଗଣତି ଜର୍ବକାର୍ଡଧାରୀଙ୍କ ଆକାଉଂଟକୁ ଜି.ଆର୍.ଏସ୍.ଙ୍କ ଦ୍ୱାରା ଆର୍ଥିକ ପ୍ରୋତ୍ସାହନ ରାଶି ସେମାନଙ୍କୁ ଯୋଗାଇଦେଇ ତାଙ୍କଠାରୁ ମୁନାଫା ଆଣି ନିଜ ପକେଟକୁ ଗରମ କରିଦେଉଛନ୍ତି । ଗରିବ ଖଟିଖିଆ ଜବକାର୍ଡଧାରି ଲୋକମାନଙ୍କୁ ରୋଜଗାର ଯୋଗାଇବା ନିମନ୍ତେ ମନରେଗା କାର୍ଯ୍ୟ ଜନହିତକର ଯୋଜନା ବୋଲି କୁହାଯାଉଥିବାବେଳେ ଏଥିରେ ବି ବ୍ୟାପକ ଭାବେ ପାତରଅନ୍ତର କରାଯାଉଛି । ଏ ପର୍ଯ୍ୟନ୍ତ ଜି.ଆର୍.ଏସ୍.ମାନଙ୍କ ଉପରେ କୌଣସି ପ୍ରକାର ଆଖିଦୃଷ୍ଟିଆ କାର୍ଯ୍ୟ କରାଯାଉନଥିବାରୁ ସ୍ଥାନୀୟ ଅଞ୍ଚଳରେ ବି ଅସନ୍ତୋଷ ଦେଖାଯାଉଛି । ଏପରିକି ଜି.ଆର୍.ଏସ୍. ମାନେ ନିଜ ନିଜ ପଂଚାୟତ ମାନଙ୍କରେ ରହି ସ୍ଥାନୀୟ କିଛି ନେତା, କର୍ମୀ ଓ ସରପଂଚମାନଙ୍କୁ ହାତକରି ଲକ୍ଷଲକ୍ଷ ଟଙ୍କାକୁ ବିନା କୌଣସି କାର୍ଯ୍ୟ ନକରି ପେମେଣ୍ଟ କରିଦେଇ ସେମାନଙ୍କ ପାଟିକୁ ଖୁସି କରିଦେଇ ନିଜେବି କୋଟିପତି ହେବାକୁ ଚେଷ୍ଟା କରୁଛନ୍ତି। ଜିଲ୍ଲାରେ ମନରେଗା କାର୍ଯ୍ୟସବୁ ଜବକାର୍ଡ ଧାରୀମାନଙ୍କ ଦ୍ୱାରା ନକରାଯାଇ କିଛି ହାତଗଣତି ଗରିବ ଲୋକମାନଙ୍କୁ କୋଦାଳ ଖଣ୍ଡେ ଲେଖା ଧରାଇ ଠିଆ କରିଦେଇ ଫଟୋ ଉଠାଇ ଦେଲେ ମନରେଗା କାମ ଲୋକମାନଙ୍କ ଦ୍ୱାରା କରାଯାଉଛି ବୋଲି ବ୍ଲକ କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯାଉଥିବାର ବହୁ ନଜିର ଦେଖିବାକୁ ମିଳୁଛି, ହେଲେ ଜେସିବ ମେସିନ ଦ୍ୱାରା ସମସ୍ତ କାର୍ଯ୍ୟ କରାଯାଉଛି। ଏପରିକି ବହୁ ସ୍ଥାନରେ ଦେଖିବାକୁ ମିଳୁଛି ଯେ ଜିଆରଏସ ମାନେ ନିଜ ବାପା, ଭାଇ ଓ ପରିବାର ଲୋକମାନଙ୍କ ନାମରେ ବିଲରେ କତିମରା, ନିଜ ଘରବାରିରେ ନଳକୂପ ଖନନ ଓ ଜବକାର୍ଡଧାରୀ ଭାବେ ଦେଖାଇ ଲକ୍ଷାଧିକ ଟଙ୍କା ସବୁ ଚଳୁ କରିନେଉଛନ୍ତି। ଏସମ୍ପର୍କରେ ଅଭିଯୋଗ କରାଯାଉଥିଲେ ବି ଜନସାଧାରଣଙ୍କୁ ନ୍ୟାୟ ମିଳିପାରୁନାହିଁ। ଦିନକୁ ଦିନ ମନରେଗା କାର୍ଯ୍ୟ ସବୁ ଜିଆରଏସଙ୍କ ମନମାନିରେ ଚାଲୁଥିବାର ଦେଖାଦେଉଛି। ଏପରିକି ଜିଆରଏସ ମାନେ ଦୀର୍ଘବର୍ଷ ଧରି ରହିଯାଉଥିବାରୁ ଦୁର୍ନୀତିରେ ଲିପ୍ତ ରହିବାକୁ ସହାୟକ ହେଉଛି । ଗୋଟିଏ ଗୋଟିଏ ପଚଂାୟତରେ ଦୀର୍ଘବର୍ଷ ଧରି ରହିଥିବା ଜି.ଆର୍.ଏସ୍‌ଙ୍କୁ ବଦଳି କରିବାକୁ ଜିଲ୍ଲାପାଳଙ୍କ ନିକଟରେ ସାଧାରଣରେ ଦାବି ହେଉଛି।

# ଓଡ଼ିଶା ହାଇକୋର୍ଟରେ ୨ ନୂଆ ବିଚାରପତି ନିଯୁକ୍ତ



**କଟକ :** ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ବରିଷ୍ଠ ବିଚାରବିଭାଗୀୟ ଅଧିକାରୀ ଗୌରୀଶଙ୍କର ଶତପଥୀ ଓ ଚିତ୍ତରଞ୍ଜନ ଦାଶଙ୍କୁ ନିଯୁକ୍ତି ମିଳିଛି। ଓଡ଼ିଶା ହାଇକୋର୍ଟରେ ଏହି ଦୁଇ ନୂଆ ବିଚାରପତିଙ୍କୁ ରାଷ୍ଟ୍ରପତି ନିଯୁକ୍ତି ଦେଇଥିବା ସଂକ୍ରାନ୍ତରେ ଆଜି କେନ୍ଦ୍ର ଆଇନ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୨୨, ଜୁଲାଇ ୨୫ରେ ସୁପ୍ରିମକୋର୍ଟ କଲେଜିୟମ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଁ ବରିଷ୍ଠ ବିଚାରବିଭାଗୀୟ ଅଧିକାରୀ ଗୌରୀଶଙ୍କର ଶତପଥୀ ଓ ଚିତ୍ତରଞ୍ଜନ ଦାଶଙ୍କ ନାଁ ସୁପାରିସ କରିଥିଲା। ଶୁକ୍ରବାର ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଗୌରୀଶଙ୍କର ଶତପଥୀ ଓ ଚିତ୍ତରଞ୍ଜନ ଦାଶଙ୍କୁ ନିଯୁକ୍ତି ନେଇ ବିଜ୍ଞପ୍ତି କେନ୍ଦ୍ର ଆଇନ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି। ବରିଷ୍ଠ ବିଚାରବିଭାଗୀୟ ଅଧିକାରୀ ଗୌରୀଶଙ୍କର ଶତପଥୀ ଏବେ ଓଡ଼ିଶା ଜୁଡିସିଆଲ ଏକାଡେମିର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ସେ ୧୯୭୨, ଏପ୍ରିଲ ୨୫ରେ ଜନ୍ମ ଗ୍ରହଣ କରିଥିଲେ। ସେହିଭଳି ଭାବେ ବରିଷ୍ଠ ବିଚାରବିଭାଗୀୟ ଅଧିକାରୀ ଚିତ୍ତରଞ୍ଜନ ଦାଶ ୧୯୬୪, ନଭେମ୍ବର ୧୨ରେ ଜନ୍ମ ଗ୍ରହଣ କରିଥିଲେ। ସେ ଏବେ ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲ ଭାବେ କାର୍ଯ୍ୟରତ ଅଛନ୍ତି।

ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ
କଳାହାଣ୍ଡିବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।
आज़ादी का अमृत महोत्सव
ଅନିଲ କୁମାର ପଟ୍ଟନାୟକ
ଆଡଭୋକେଟ
ଜିଲ୍ଲା ପ୍ରତିନିଧି, ଏକମାତ୍ର
ଭବାନୀପାଟଣା, କଳାହାଣ୍ଡି


# ଲୟର୍ସ ଗ୍ରୁପ୍ ପକ୍ଷରୁ ଜାତୀୟ ପତାକା ଉତ୍ତୋଳନ

**ଭୁବନେଶ୍ୱର :** ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଓ ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ କୋର୍ଟ ପରିସରରେ ୧୩ ତାରିଖ ଦିନ ଲୟର୍ସ ଗ୍ରୁପ୍ ପକ୍ଷରୁ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଲୟର୍ସ ଗ୍ରୁପ୍‌ର ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ସୁରେଶ ଚନ୍ଦ୍ର ସେଠୀ ଜାତୀୟ ପତାକାକୁ ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ପଙ୍କଜ ଜେନା, ଦୁଃଶାସନ ସାମନ୍ତରାୟ, ବାପୁଦେବ ଜେନା, ବିଶ୍ୱମ୍ବର ଦାଶ, ଲିଙ୍ଗରାଜ ଦାଶ, ମନୋଜ ବଳିୟାରସିଂହ, ଅକ୍ଷୟ ଦାଶ, ମାନସ ପଣ୍ଡା, ନବ ମଲ୍ଲିକ, ପ୍ରମୋଦ କୁମାର ସାହୁ, ଶିବାନନ୍ଦ ଭୋଳ, ସନାତନ ସାହୁ, ବିଭୂତି ଭୂଷଣ ପ୍ରଧାନ, ନରହରି ସାହୁ, ଅକିଲ ଆରିଫ୍ ପ୍ରମୁଖ ଉପସ୍ଥିତ ଥିଲେ।



# ଖୋଲିବ ତ ରତ୍ନଭଣ୍ଡାର ?

**ଭୁବନେଶ୍ୱର :** ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବ ତ? ଆଇନମନ୍ତ୍ରୀ ଶ୍ରୀଜଗନ୍ନାଥ ସାରକା ଚଳିତ ବିଧାନସଭାରେ ଦେଇଥିବା ଦୁଇଟି ଲିଖିତ ଉତ୍ତରକୁ ନେଇ ଏଭଳି ଦ୍ୱନ୍ଦ୍ୱ ଓ ପ୍ରଶ୍ନବାଚୀ ଦେଖାଦେଇଛି। ବିଧାୟକ ଦାସରଥୀ ଗମାଙ୍ଗ ଏକ ଲିଖିତ ପ୍ରଶ୍ନରେ ଆଇନମନ୍ତ୍ରୀଙ୍କୁ ପଚାରିଥିଲେ ଯେ, ୧୯୭୦ ମସିହା ପରଠାରୁ ମହାପ୍ରଭୁଙ୍କ ରତ୍ନ ଗୃହର ଚାବି କେଉଁଠାରେ ଥିଲା ? ଚାବି ହଜିବା ଏବଂ ୧୪ ଜୁନ୍ ୨୦୧୮ ରିଖରେ ଜିଲ୍ଲାପାଳଙ୍କ ମହାଫିସ୍ ଖାନା (ରେକର୍ଡ ରୁମ୍)ରୁ ଚାବି ମିଳିବା ସମ୍ପର୍କିତ ତଥ୍ୟ ଉନ୍ମୋଚନ ପାଇଁ ଗଠିତ ବିଚାର ବିଭାଗୀୟ କମିଟି ତଥା ଜଷ୍ଟିସ୍ ରଘୁବୀର ଦାଶଙ୍କ ତତ୍ତ୍ୱାବଧାନରେ ପ୍ରଦତ୍ତ ରିପୋର୍ଟ ସମ୍ପର୍କିତ ତଥ୍ୟ ଗୃହରେ ପ୍ରଦାନ କରିବେ କି ? ରତ୍ନ ଭଣ୍ଡାରର ଆବଶ୍ୟକ ମରାମତି କାର୍ଯ୍ୟ କିପରି ସମ୍ପୂର୍ଣ୍ଣ ହେବ ସେଥିପ୍ରତି ଉଚିତ ପଦକ୍ଷେପ ଗ୍ରହଣ କରିବେ କି ?

ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ
କଳାହାଣ୍ଡିବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।
आज़ादी का अमृत महोत्सव
ଶରତ ଚନ୍ଦ୍ର ସାହୁ
ଜୁନାଗଡ ପ୍ରତିନିଧି,ଏକମାତ୍ର


# ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ମୁନିର ମହମ୍ମଦଙ୍କ ପରଲୋକ



**ଭବାନୀପାଟଣା :** କଳାହାଣ୍ଡି ଜିଲ୍ଲାର ଲୋକପ୍ରିୟ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ମୁନିର ମହମ୍ମଦଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା। ସ୍ୱାଧୀନତା ପୂର୍ବରୁ କଳାହାଣ୍ଡି ରାଜ୍ୟର ତୁରକେଲ ଗ୍ରାମର ଗୌନ୍ତିଆ ସ୍ୱର୍ଗତ ୟାକୁବ ମହମ୍ମଦଙ୍କ ଦ୍ୱିତୀୟ ପୁତ୍ର ମୁନିର ପିଲାଟି ଦିନରୁ କ୍ରୀଡା ପ୍ରତି ଆକୃଷ୍ଟ ଥିଲେ। ଶିକ୍ଷା ସମାପ୍ତ ପରେ ପଞ୍ଜାବ ପ୍ରଦେଶର ହରିୟାଣା, ପାଟିଆଲା ଓ ଜଲନ୍ଧରରେ କ୍ରୀଡା ଶିକ୍ଷକ ଟ୍ରେନିଂ ସଫଳତାର ସହ ଶେଷ କରି ୧୯୬୩ ମସିହାରେ ବ୍ରଜମୋହନ ହାଇସ୍କୁଲର କ୍ରୀଡା ଶିକ୍ଷକ ଭାବରେ ଯୋଗଦାନ କରିଥିଲେ। ସର୍ବପୁରାତନ ବ୍ରଜ ମୋହନ ହାଇସ୍କୁଲର କ୍ରୀଡା ଶିକ୍ଷକ ଭାବରେ ଛାତ୍ରମାନଙ୍କ ଭିତରେ ଲୁକ୍କାୟିତ ପ୍ରତିଭାକୁ ଚିହ୍ନଟ କରି ଛାତ୍ରକୁ ଶ୍ରେଷ୍ଠ କ୍ରୀଡାବିତ ଭାବରେ ଗଢ଼ି ତୋଳିବାରେ ଜଣେ ସିଦ୍ଧହସ୍ତ ବିନ୍ଧାଣିଥିଲେ। ସେ ଜଣେ ଶୃଙ୍ଖଳିତ, ନିଷ୍ଠାପର କ୍ରୀଡା ଶିକ୍ଷକ ଭାବରେ ସ୍କୁଲର ପ୍ରାର୍ଥନା କ୍ଲାସ ହଉ କି ବ୍ୟାୟାମ କ୍ଲାସ କିମ୍ବା ଲାଲ ବାହାଦୂର ଶାସ୍ତ୍ରୀ ଷ୍ଟାଡିୟମର ଖେଳପଡିଆ ଜଣେ କୋଚ ଭାବରେ ଛାତ୍ରମାନଙ୍କ ଠାରୁ ଶ୍ରେଷ୍ଠ ପ୍ରଦର୍ଶନ ଆଶ କରୁଥିଲେ ଓ ଅନେକ ସଫଳତା ଓ ଆତ୍ମସନ୍ତୋଷ ପାଇଥିଲେ। ତାଙ୍କର ଉଦ୍ୟମରେ ଜାତୀୟ ଓ ରାଜ୍ୟସ୍ତରୀୟ କ୍ରୀଡାବିତ୍ ଓ ଶ୍ରେଷ୍ଠ ଫୁଟବଲ ଖେଳାଳି ସୃଷ୍ଟି କରିପାରିଥିଲେ। ସ୍ୱର୍ଗତ ମୁନିର ମହମ୍ମଦଙ୍କ ପରଲୋକରେ ବ୍ରଜମୋହନ ହାଇସ୍କୁଲର ପୁରାତନ ଛାତ୍ରସଂଘ, ୧୯୭୪ ମସିହା ମାଟ୍ରିକ ବ୍ୟାଚ୍, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସ, କଳାହାଣ୍ଡି କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ତଥା ଓଡ଼ିଶା ଅଲିମ୍ପିକ ଆସୋସିଏସନର ସଭାପତି ଜଗମୋହନ ପଟ୍ଟନାୟକ, କଳାକାର ସଂଘ ସଭାପତି ଅବଦୁଲ କାଦିର, ସାମ୍ବାଦିକ ମହମ୍ମଦ ଅଲ୍ଲୀ, କଳାହାଣ୍ଡି କ୍ରୀଡା ସଂସ୍ଥାର ସମସ୍ତ ସଭ୍ୟ ଓ ଜିଲ୍ଲାର ବହୁ ସୁନାମଧନ୍ୟ କ୍ରୀଡାବିତ୍ ଶୋକ ପ୍ରକାଶ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ
କଳାହାଣ୍ଡିବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।
आज़ादी का अमृत महोत्सव
ସଞ୍ଜୟ କୁମାର ବେହେରା
ସିଟି ରିପୋର୍ଟର, ଏକମାତ୍ର
ଭବାନୀପାଟଣା



# ଦୋଷ ପ୍ରମାଣିତ ନହେବା ଯାଏ ଅଭିଯୁକ୍ତ ନିର୍ଦ୍ଦୋଷ : ହାଇକୋର୍ଟ

## ଚାକିରିରୁ ବହିଷ୍କାର ଆଦେଶ ରଦ୍ଦ

**କଟକ :** ଜଣେ ଅଭିଯୁକ୍ତ ଯେପର୍ଯ୍ୟନ୍ତ ଟ୍ରାଏଲ୍ କୋର୍ଟରେ ଦୋଷୀ ବୋଲି ପ୍ରମାଣିତ ନହୋଇଛନ୍ତି ସେ ପର୍ଯ୍ୟନ୍ତ ସେ ନିର୍ଦ୍ଦୋଷ ବୋଲି ଧରାଯିବ। ଅର୍ଥାତ୍ କୋର୍ଟରେ କୌଣସି ଅଭିଯୁକ୍ତଙ୍କ ଦୋଷ ପ୍ରମାଣିତ ନହେବ ତାଙ୍କୁ ଦୋଷୀ ବୋଲି କୁହାଯାଇପାରିବ ନାହିଁ। ଭିଜିଲାନ୍ସ ପକ୍ଷରୁ ରୁଜୁ ମାମଲା ଆଧାରରେ ଜଣେ କନିଷ୍ଠ ଯନ୍ତ୍ରୀ (ଜୁନିଅର ଇଞ୍ଜିନିୟର)ଙ୍କୁ ଚାକିରିରୁ ବହିଷ୍କାର ପାଇଁ ଦିଆଯାଇଥିବା ଆଦେଶକୁ ରଦ୍ଦ କରିବା ଅବସରରେ ହାଇକୋର୍ଟ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ମତ ଦେଇଛନ୍ତି। କନିଷ୍ଠ ଯନ୍ତ୍ରୀ ରାଜୀବ ଲୋଚନ ବିଶ୍ୱାଳଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ବିଚାରପତି ଜଷ୍ଟିସ ଶଶିକାନ୍ତ ମିଶ୍ର ଏହି ରାୟ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ, ୨୦୧୧ ମସିହାରେ ଶ୍ରୀ ବିଶ୍ୱାଳ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ। କିନ୍ତୁ ଆୟ ବହିର୍ଭୂତ ସମ୍ପତ୍ତି ରଖିଥିବା ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ ହେବା ସହ ତାଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ଘଟଣା ପରେ ଜଳସମ୍ପଦ ବିଭାଗ ପକ୍ଷରୁ ତାଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା। ଏହି ଆଦେଶକୁ ଚ୍ୟାଲେଞ୍ଜ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ
କଳାହାଣ୍ଡିବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।

आज़ादी का अमृत महोत्सव
ନରେନ୍ଦ୍ର କୁମାର ଦାଶ
ଲାଞ୍ଜିଗଡ ପ୍ରତିନିଧି, ଏକମାତ୍ର
କଳାହାଣ୍ଡି


PLOT FOR SALE
MOUZA:BHOLA

N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286

# ଏଣିକି ଘରଭଡ଼ା ଉପରେ ୧୮% ଜିଏସ୍‌ଟି

**ନୂଆଦିଲ୍ଲୀ :** ଏଣିକି ଘରଭଡ଼ା ଉପରେ ଲାଗିବ ଦ୍ରବ୍ୟ ଏବଂ ସେବା କର ବା ଜିଏସଟି। ଘର ଭଡ଼ାରେ ଲାଗିବ ୧୮ ପ୍ରତିଶତ ଜିଏସଟି। ଆସନ୍ତା ଜୁଲାଇ ୧୮ରୁ ନୂଆ ଜିଏସଟି ନିୟମ ଲାଗୁ ହେବ। କିନ୍ତୁ ଏହି ଜିଏସଟି ସବୁ ଘର ଭଡ଼ାଟିଆଙ୍କୁ ଦେବାକୁ ପଡ଼ିବନି। କେବଳ ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିବା ଘର ଉପରେ ଜିଏସଟି ଲାଗିବ। ଶୁକ୍ରବାର ଏ ସମ୍ପର୍କରେ ସ୍ପଷ୍ଟ କରିଛନ୍ତି କେନ୍ଦ୍ର ସରକାର। କୌଣସି ଘରୋଇ (ପ୍ରାଇଭେଟ) ଲୋକ ତଥା ବ୍ୟକ୍ତିଗତ ବ୍ୟବହାର ପାଇଁ ଏହି କର ଲାଗୁ ହେବ ନାହିଁ। ପ୍ରାଇଭେଟ କିମ୍ବା ବ୍ୟକ୍ତିଗତ ଉଦ୍ଦେଶ୍ୟରେ ବ୍ୟବହାର ହେଉଥିଲେ ସେମାନଙ୍କୁ ବାଦ ଦିଆଯିବ। ବ୍ୟବସାୟିକ ଉଦ୍ଦେଶ୍ୟରେ ଘର ଭଡ଼ା କାରବାର ନେଇ ଜିଏସଟିରେ ପଞ୍ଜିକରଣ କରିବାକୁ ନୂଆ ନିୟମ ହୋଇଛି। ଘର ମାଲିକ କିମ୍ବା ଜମି ମାଲିକଙ୍କୁ ଏହି ଜିଏସଟି ଦେବାକୁ ପଡ଼ିବନି। ରିଜର୍ଭ ଚାର୍ଜ ମେକାରନିଜିମ ଅଧୀନରେ ୧୮ ପ୍ରତିଶତ ଜିଏସଟି ଦେବାକୁ ପଡ଼ିବ। ବ୍ୟବସାୟିତ କ୍ଷେତ୍ରରେ ବ୍ୟକ୍ତିଙ୍କ ବାର୍ଷିକ ସ୍ଥିରୀକୃତ ଟର୍ଣ୍ଣଓଭର ଅନୁଯାୟୀ ଏହି ଜିଏସଟି ସ୍ଥିର ହେବ। ଏହି ନୂଆ ନିୟମ କମ୍ପାନୀ ତଥା ଯେଉଁମାନେ ଘର ଭଡ଼ା ନେଇ ବ୍ୟବସାୟ ଚଳାଉଛନ୍ତି ସେମାନଙ୍କ ଉପରେ ପ୍ରଭାବ ପକାଇବ। ବିଶେଷ କରି ବ୍ୟବସାୟିକ ଉଦ୍ଦେଶ୍ୟରେ ଅଫିସ ଏବଂ ଗୋଦାମ ଘର ପାଇଁ ନେଇଥିବା ଘର ଉପରେ ଜିଏସଟି ଲାଗିବ।

ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ
ବଲାଙ୍ଗିରବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।

आज़ादी का अमृत महोत्सव
ବିମଳ କୁମାର ଯୋଶୀ
ଜିଲ୍ଲା ପ୍ରତିନିଧି, ଏକମାତ୍ର
ବଲାଙ୍ଗିର


PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

# ନବ ବିବାହିତଙ୍କୁ ମିଳିବ 'ନବଦମ୍ପତି ଗିଫ୍ଟ'

**ଭୁବନେଶ୍ୱର :** ଓଡ଼ିଶାରେ ନୂଆ ବିବାହ କରିବାକୁ ଯାଉଥିବା ଯୋଡ଼ିଙ୍କୁ ନବଦମ୍ପତି ବିବାହ ଉପହାର ପ୍ରଦାନ କରାଯିବ। ସ୍ୱାସ୍ଥ୍ୟ ବିଭାଗର ଏନଆରଏଚଏମ୍ ତରଫରୁ ଦିଆଯିବ "ନବଦମ୍ପତି ଗିଫ୍ଟ"। ଏନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ଓ ଏନଆରଏଚଏମ୍ ନିର୍ଦ୍ଦେଶିକା ଶାଲୀନି ପଣ୍ଡିତ ସୂଚନା ଦେଇଛନ୍ତି। ସେମାନେ କହିଛନ୍ତି, ନବଦମ୍ପତିମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବିବାହ ଉପହାର ଯୋଜନା ଆରମ୍ଭ କରାଯାଉଛି। ନବଦମ୍ପତିମାନେ ବିଳମ୍ବରେ ପ୍ରଥମ ସନ୍ତାନ ଓ ଦ୍ୱିତୀୟ ସନ୍ତାନ ଲାଗି ଅତିକମରେ ୩ ବର୍ଷର



ବ୍ୟବଧାନ ରଖନ୍ତୁ। ଏହାକୁ ଆଖି ଆଗରେ ରଖି ଏହି ଗିଫ୍ଟରେ କିଛି ପରିବାର କଲ୍ୟାଣ ପୁସ୍ତିକା, ନେଲ କଟର , ଆଇନା, ପାନିଆ, ଟିକିଲି, ରୁମାଲ, ତଉଲିଆ, କଣ୍ଡୋମ ଓରାଲ କଣ୍ଟ୍ରାସେପଟିକ ପିଲସ, ପ୍ରେଗନେନ୍ସି ଟେଷ୍ଟିଂ କିଟ, ଏମରଜେନ୍ସି କଣ୍ଟ୍ରାସେପ୍ଟିକ ପିଲସ ଓ ବିବାହ ପଞ୍ଜିକରଣ ଫର୍ମ ଇତ୍ୟାଦି ନବଦମ୍ପତିମାନଙ୍କୁ ପ୍ରଦାନ କରାଯିବ। ତେବେ ଏହି ଉପହାରରେ ଶଙ୍ଖା, ସିନ୍ଦୂର ଇତ୍ୟାଦିକୁ

## ଦେଶରେ ଓଡ଼ିଶା ପ୍ରଥମ

ବାଦ୍ ଦିଆଯାଇଛି। ଏହି ଯୋଜନା ଉଭୟ ସହର ଓ ଗ୍ରାମରେ କାର୍ଯ୍ୟକାରୀ ହେବ। ପ୍ରଥମ ରାଜ୍ୟ ଭାବେ ଓଡ଼ିଶାରେ ନବଦମ୍ପତିଙ୍କୁ ବିବାହ ଉପହାର ଯୋଜନା ଆରମ୍ଭ ହେଉଛି। ନବ ଦମ୍ପତିଙ୍କ ପାଇଁ ଏହି ଯୋଜନା ଚଳିତ ବର୍ଷ ସେପ୍ଟେମ୍ବର ମାସରୁ ଲାଗୁ କରାଯିବ।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ
Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି